


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୭ ନଭେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 17 November 2024

Vol.No. 35 ■ No.304 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଅବକାରୀ ବିଭାଗରେ ମାଲମାଲ ମାଫିଆ କର୍ମଚାରୀ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ଅବକାରୀ ବିଭାଗରେ ମାଲମାଲ ମାଫିଆ କର୍ମଚାରୀ। କିଏ ଚୋରା ମଦ କାରବାର କରୁଛନ୍ତି ତ ଆଉ କିଏ ଗଞ୍ଜେଇ ମାଫିଆଙ୍କ ସୁରକ୍ଷା କବଚ ପାଲଟିଛନ୍ତି। କାହା ନାଁରେ ଏକାଧିକ ମଦ କାଉଣ୍ଟର ତ ଆଉ କିଏ ଜବତ ହୋଇଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇକୁ ନେଇ ବେପାର କରୁଛନ୍ତି। ଏପରି ଅଫିସର ମଧ୍ୟ ଅଛନ୍ତି ଯେଉଁମାନେ ଧଳା ଜହର ବେପାରୀଙ୍କଠାରୁ ମାସିକ ସେୟାର ନେଉଥିବା ପ୍ରମାଣ ଅବକାରୀ କମିଶନରଙ୍କ ହାତରେ ଲାଗିଛି। ଏଭଳି ପ୍ରମାଣ ପରେ ଆକ୍ସନ ମୋଡରେ ଅବକାରୀ କମିଶନର। ଆରମ୍ଭ ହୋଇଛି ସଫେଇ ଅଭିଯାନ। ବର୍ଷକ ମଧ୍ୟରେ ୮ ଜଣ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯିବା ସହ ୨୦ ଜଣଙ୍କୁ ନିଲମ୍ବିତ କରିଛି ବିଭାଗ। ଚାକିରିରୁ ବହିଷ୍କୃତ ବାଲେଶ୍ୱର ଅବକାରୀ କନଷ୍ଟେବଲ ଭାବେ କାମ କରୁଥିବା ରାଜୀବ କୁମାର ଭଞ୍ଜଙ୍କ ବିରୋଧରେ ମିଳିଥିବା ପ୍ରମାଣ ସମସ୍ତଙ୍କ ହୋସ୍ ଉଡାଇ ଦେବ। ନାମକୁ ମାତ୍ର କନଷ୍ଟେବଲ ଥିଲେ ରାଜୀବ। ହେଲେ ବାସ୍ତବରେ ସେ ଉତ୍ତର ଓଡ଼ିଶାର ସବୁଠାରୁ ବଡ଼ ଚୋରା ଦେଶୀ ଓ ବିଦେଶୀ ମଦ ସପ୍ଲାଏର ବୋଲି ପ୍ରମାଣ ପାଇଛନ୍ତି ଅବକାରୀ କମିଶନର। ଆଗକୁ ଏହି ଧାରା ଜାରି ରହିବ ବୋଲି କହିଛନ୍ତି ଅବକାରୀ କମିଶନର ନରସିଂହ ଭୋଳ।

# ମଣିପୁରରେ ପୁଣି କର୍ଫ୍ୟୁ: ୭ ଜିଲ୍ଲାରେ ଇଣ୍ଟରନେଟ ବନ୍ଦ



ନୂଆଦିଲ୍ଲୀ, ୧୬/୧୧ : ହିଂସା ପ୍ରଭାବିତ ମଣିପୁରରେ ପୁଣି ଜାରି ହେଲା କର୍ଫ୍ୟୁ। ଇମ୍ଫାଲ ୱେଷ୍ଟ ଏବଂ ଇମ୍ଫାଲ ଇଷ୍ଟରେ କର୍ଫ୍ୟୁ ଲାଗୁ କରାଯିବା ସହିତ ସାତଟି ଜିଲ୍ଲାରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି। ମେତେଇ ସମ୍ପ୍ରଦାୟର ୬ ଜଣଙ୍କୁ ଅପହରଣ ଓ ପରେ ସେମାନଙ୍କ ମୃତଦେହ ମିଳିବା ପରେ ଏହି ଜିଲ୍ଲାଗୁଡ଼ିକରେ ପୁଣିଥରେ ହିଂସା ଉଗ୍ରରୂପ ନେବାକୁ ଲାଗିଛି। ଏହି ଉତ୍ତର-ପୂର୍ବ ରାଜ୍ୟରେ ଜାରି ରହିଥିବା ଅପ୍ରୀତିକର ପରିସ୍ଥିତିକୁ ଦୃଷ୍ଟିରେ ରଖି ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ, ବିଷ୍ଣୁପୁର, ଥୋବାଲ, କାକଚିଙ୍ଗ, କାଙ୍ଗପୋକପି ଏବଂ ଚୁରାଚାନ୍ଦପୁର ଜିଲ୍ଲାରେ ଦୁଇ ଦିନ ପାଇଁ ଇଣ୍ଟରନେଟ ବନ୍ଦ କରିଦିଆଯାଇଛି। ଇମ୍ଫାଲ ଉପତ୍ୟକାର କେତେକ ଜିଲ୍ଲାରେ ବ୍ୟାପକ ହିଂସା ହୋଇଥିବା ଜଣାପଡ଼ିଛି। ଆନ୍ଦୋଳନକାରୀମାନେ ଅନେକ ବିଧାୟକଙ୍କ ଘରେ ପଶି ଅନେକ ସମ୍ପତ୍ତି ନଷ୍ଟ କରିଦେଇଥିବା ଖବର ମଧ୍ୟ ଆସିଛି। ଖବର ଅନୁସାରେ ଏକ ଗୋଷ୍ଠୀ ସପାମ ନିଶିକାନ୍ତ ସିଂହ (ବିଧାୟକ)ଙ୍କ ଘର ଉପରେ ଆକ୍ରମଣ କରି ଗେଟ୍ ଏବଂ ଗେଟ୍ ସମ୍ମୁଖରେ ନିର୍ମିତ ବଙ୍କରଗୁଡ଼ିକୁ ନଷ୍ଟ କରିଦେଇଛନ୍ତି। ସମାନ ଗୋଷ୍ଠୀର ପ୍ରଦର୍ଶନକାରୀମାନେ ଇମ୍ଫାଲ ପଶ୍ଚିମ ଜିଲ୍ଲାର ସାଗୋଲବନ୍ଦରେ ବିଧାୟକ ଆର.କେ ଇମୋଙ୍କ ଘର ଉପରେ ମଧ୍ୟ ଆକ୍ରମଣ କରି ଆସବାବପତ୍ର ପୋଡିବା ସହ ଝରକା କବାଟ ଭାଙ୍ଗିଦେଇଛନ୍ତି। ପ୍ରକାଶ ଥାଉ, ଗତ ପାଞ୍ଚ ଦିନ ତଳେ କୁକି ବିଦ୍ରୋହୀ ସନ୍ଦିଗ୍ଧମାନେ ମେତେଇ ସମ୍ପ୍ରଦାୟର ୬ ଜଣଙ୍କୁ ଅପହରଣ କରିନେଇଥିଲେ। ସେମାନଙ୍କ ମଧ୍ୟରୁ ଗତକାଲି ୩ ଜଣଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଆଜି ଆଉ ତିନି ଜଣଙ୍କ ମୃତଦେହ ମିଳିଛି। ଏହାପରେ ରାଜ୍ୟରେ ହିଂସା ପୁଣି ଉଗ୍ରରୂପ ନେଇଛି। ଯାହାକୁ ଦୃଷ୍ଟିରେ ରଖି ଇମ୍ଫାଲ ୱେଷ୍ଟ ଏବଂ ଇମ୍ଫାଲ ଇଷ୍ଟରେ କର୍ଫ୍ୟୁ ଲାଗୁ କରାଯିବା ସହିତ ସାତଟି ଜିଲ୍ଲାରେ ଇଣ୍ଟରନେଟ ସେବା ବନ୍ଦ କରିଦିଆଯାଇଛି।

## ଭକ୍ତଙ୍କ ପାଇଁ ଖୋଲିଲା ଶ୍ରୀମନ୍ଦିରର ୪ ଦ୍ୱାର



ପୁରୀ, ୧୬/୧୧ (ନି.ପ୍ର): ସରିଛି ଧର୍ମ ମାସ କାର୍ତ୍ତିକ, ବ୍ରତ ସାରି ଫେରିଯାଉଛନ୍ତି ହବିଷ୍ୟାଳି। ଶ୍ରୀମନ୍ଦିରରେ ଭିଡ଼ କମିଥିବାରୁ ଆଜିଠୁ ପୁଣି ଭକ୍ତଙ୍କ ପାଇଁ ଖୋଲିଛି ଶ୍ରୀମନ୍ଦିର ୪ଦ୍ୱାର। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁସାରେ- ଆଜିଠୁ ୪ ଦ୍ୱାର ଦେଇ ସାଧାରଣ ଦର୍ଶନାର୍ଥୀ ପ୍ରବେଶ କରିବେ, କିନ୍ତୁ କେବଳ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ। ସିଂହ ଦ୍ୱାର ବ୍ୟତୀତ ଅନ୍ୟ ୩ ଦ୍ୱାର ଦେଇ ଶ୍ରଦ୍ଧାଳୁ ପ୍ରସ୍ଥାନ କରିବେ। ହେଲେ ସେବକ ଓ ତାଙ୍କ ପରିବାର ▶▶ପୃଷ୍ଠା ୭

## ବିଜେଡିକୁ ଝଟ୍‌କା: ଅନାସ୍ଥାରେ ହାରିଲେ ବ୍ଲକ୍ ଅଧ୍ୟକ୍ଷା



ଢେଙ୍କାନାଳ, ୧୬/୧୧ (ନି.ପ୍ର): ବିଜେଡିକୁ ବଡ଼ ଝଟ୍‌କା। ବିଜେଡି ହାତରୁ ଗଲା ଆଉ ଗୋଟିଏ ବ୍ଲକ୍। ଅନାସ୍ଥାରେ ହାରିଲେ ଢେଙ୍କାନାଳ ସଦର ବ୍ଲକ୍ ଅଧ୍ୟକ୍ଷା ରାଜଶ୍ରୀ ନାୟକ। ଆଜି ହୋଇଥିବା ଅନାସ୍ଥା ଭୋଟ୍‌ରେ ୧୭ ଜଣ ଅଧ୍ୟକ୍ଷାଙ୍କୁ ସମର୍ଥନ କରିଥିଲେ। କିନ୍ତୁ ୪୪ ଖଣ୍ଡ ଭୋଟ୍ ଅନାସ୍ଥା ସପକ୍ଷରେ ପଡ଼ିଥିଲା। ଖଣ୍ଡିଏ ଭୋଟ୍ ନାକଚ ହୋଇଥିଲା। ଢେଙ୍କାନାଳ ସଦର ବ୍ଲକରେ ବିଜେଡି ସମର୍ଥିତ ରାଜଶ୍ରୀ ନାୟକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ତେବେ ସାଧାରଣ ନିର୍ବାଚନରେ ବିଜେଡିର ସୋଚନୀୟ ପରାଜୟ ହୋଇଥିଲା। ଏହା ପରେ ଦଳ ଭୁଶୁଡିବା ଆରମ୍ଭ କରିଥିଲା। ଜଣେ ପରେ ଜଣେ ନେତା ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଥିଲେ। ଶେଷ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆସିଥିଲା ଅନାସ୍ଥା ପ୍ରସ୍ତାବ। ଆଜି ବ୍ଲକ୍ ଅଧ୍ୟକ୍ଷା ରାଜଶ୍ରୀ ▶▶ପୃଷ୍ଠା ୭

## ଖତ ଗଦାରୁ ବାହାରିଲା ବିଡ଼ା ବିଡ଼ା ନୋଟ୍: ମା', ପୁଅ ଅଟକ



ବାଲେଶ୍ୱର, ୧୬/୧୧ (ନି.ପ୍ର): ଖତ ଗଦାରୁ ବାହାରିଲା ବିଡ଼ା ବିଡ଼ା ଟଙ୍କା । ହାଇଦ୍ରାବାଦରୁ ଚୋରି କରି ବାଲେଶ୍ୱର କମର୍ଦ୍ଦାରେ ଟଙ୍କା ଲୁଚାଇଥିଲେ ଅଭିଯୁକ୍ତ । ମାତ୍ର ପୁଲିସ୍ ଖୋଜାଖୋଜି କରି ଖତ ଗଦା ସମେତ ଘରୁ ବାହାର କରିଛି ୧୪ ଲକ୍ଷ ଟଙ୍କା। ଏପରି ଏକ ଅଭାବନୀୟ ଘଟଣା ଆଜି ସକାଳେ ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ବଡ଼ମନ୍ଦାରୁଣୀ ଗାଁରେ ଘଟିଛି। ବଡ଼ମନ୍ଦାରୁଣୀ ଗାଁର ରବୀନ୍ଦ୍ର ବେହେରାଙ୍କ ଘରେ ଚଢ଼ାଉ କରି ପୁଲିସ୍ ଏହି ଟଙ୍କା ଜବତ କରିଛି। ଏହି ଘଟଣାରେ ପୁଲିସ୍ ରବୀନ୍ଦ୍ର ବେହେରା ଓ ତାଙ୍କ ମା' ବାସନ୍ତୀ ବେହେରାଙ୍କୁ ଅଟକ ରଖିଛି। ହାଇଦ୍ରାବାଦସ୍ଥିତ ଆଗ୍ରୋ ଇଣ୍ଡଷ୍ଟ୍ରିଜ ନାମକ ଏକ କମ୍ପାନିରେ ଗୋପାଳ ବେହେରା ଗତ କିଛି ବର୍ଷ ହେବ କାମ କରୁଥିଲେ। ଇତି ମଧ୍ୟରେ ସେ କମ୍ପାନୀ ଲକରର ସିକ୍ରେଟ କୋଡ ଜାଣି ଯାଇଥିଲେ। ଉକ୍ତ ଲକରରେ ୨୦ ଲକ୍ଷରୁ ଅଧିକ ଟଙ୍କା ଥିବା ବେଳେ ୧୦ ତାରିଖରେ ଗୋପାଳ ଲକରରୁ ଉକ୍ତ ଟଙ୍କା ନେଇ ଫେରାର ହୋଇ ଯାଇଥିଲେ। ଉକ୍ତ ଟଙ୍କା ଭର୍ତ୍ତି ବ୍ୟାଗ ଧରି ସେ ହାଇଦ୍ରାବାଦରେ ରହୁଥିବା ନିଜ ଶଳା ରବୀନ୍ଦ୍ରଙ୍କ ପାଖରେ ପହଞ୍ଚିଥିଲେ। ସେଠାରେ ସେ ରବୀନ୍ଦ୍ରଙ୍କୁ ବ୍ୟାଗ୍‌ଟି ଦେଇ ସେଠାରୁ ଫେରାର ହୋଇ ଯାଇଥିଲେ। ଉକ୍ତ ଦିନ ରାତିରେ ରବୀନ୍ଦ୍ର ଟ୍ରେନ୍ ଯୋଗେ ଆସିଥିବା ବେଳେ ୧୧ ତାରିଖ ସକାଳେ ଜଳେଶ୍ୱର ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ସେ ନିଜ ବାପାମା' ଉମାକାନ୍ତ ବେହେରା ଓ ବାସନ୍ତୀ ବେହେରାଙ୍କୁ ଡାକିଥିବା ବେଳେ ଟଙ୍କା ଭର୍ତ୍ତି ବ୍ୟାଗ ଦେଇ ହାଇଦ୍ରାବାଦ ଫେରି ଯାଇଥିଲେ । ହାଇଦ୍ରାବାଦ ପୁଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ସିସିଟିଭି ▶▶ପୃଷ୍ଠା ୭

## ବାଇଡେନଙ୍କ ପରି ମୋଦିଙ୍କ ମେମୋରି ଲସ୍ ହୋଇଗଲାଣି



ନୂଆଦିଲ୍ଲୀ, ୧୬/୧୧ : ମହାରାଷ୍ଟ୍ରରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଟାକ୍ଷ କରିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ପ୍ରଧାନମନ୍ତ୍ରୀ ମୋଦି ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଭଳି ସ୍ମୃତିଶକ୍ତି ହରାଇ ବସିଲେଣି। ମୋଦି ଏବେ ଆମେ ଯାହା କହୁଛୁ ତାହା କହୁଛନ୍ତି ବୋଲି ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ବାଇଡେନ ଯେମିତି ୟୁକ୍ରେନ ରାଷ୍ଟ୍ରପତିଙ୍କୁ ରୁଷ ରାଷ୍ଟ୍ରପତି କହୁଥିଲେ, ମୋଦି ସେମିତି ଆମ କଥାକୁ କହୁଛନ୍ତି। ରାହୁଲ ଗାନ୍ଧି କହିଛନ୍ତି, 'ମୋ ଭଉଣୀ (ପ୍ରିୟଙ୍କା ଗାନ୍ଧି) ମୋଦିଙ୍କ ଭାଷଣ ଶୁଣିଥିବା କଥା କହୁଥିଲେ। ମୋଦି ଆଜିକାଲି ଆମେ ଯାହା କହୁଛୁ ତାହା ଦୋହରାଉଛନ୍ତି ବୋଲି ମୋ ଭଉଣୀ ମୋତେ କହିଛନ୍ତି। ବୋଧହୁଏ ସେ ସ୍ମୃତି ଶକ୍ତି ହରାଇ ବସିଛନ୍ତି। ▶▶ପୃଷ୍ଠା ୭

## ପ୍ରତି ପଞ୍ଚାୟତରେ ଖୋଲିବ କ୍ଷୀର ଧାରା କେନ୍ଦ୍ର: ମନ୍ତ୍ରୀ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ରାଜ୍ୟର ପ୍ରତି ପଞ୍ଚାୟତରେ ଖୋଲିବ କ୍ଷୀର ଧାରା କେନ୍ଦ୍ର। ଚାଷୀମାନେ ସେଠାରେ କ୍ଷୀର ବିକ୍ରି କରିପାରିବେ। ଓମ୍‌ଫେଡ୍ ସମୀକ୍ଷା ବୈଠକ ପରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ଶ୍ରୀ ମଲ୍ଲିକ କହିଛନ୍ତି, ଲୋକଙ୍କ ଚାହିଦା ଦେଖି ବିଭିନ୍ନ ସ୍ଥାନରେ ଓମ୍‌ଫେଡ୍ ପାର୍ଲର ଖୋଲାଯିବ।

# ସିଙ୍ଗାପୁର ଗସ୍ତରେ ମୁଖ୍ୟମନ୍ତ୍ରୀ: କହିଲେ- ଓଡ଼ିଶା ପାଲଟିବ ଶିଳ୍ପପତିଙ୍କ ପ୍ରଥମ ପସନ୍ଦ



ଭୁବନେଶ୍ୱର, ୧୬/୧୧ (ନି.ପ୍ର): ଓଡ଼ିଶାକୁ ବିଦେଶରୁ ଆସିବ ନିବେଶ। ସିଙ୍ଗାପୁରରେ ଶିଳ୍ପ ଜଗତର ଶୀର୍ଷ ନେତୃତ୍ୱଙ୍କୁ ଭେଟି ଓଡ଼ିଶାକୁ ନିମନ୍ତ୍ରଣ ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିପାଇଁ ୬ ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ପ୍ରତିନିଧି ମଣ୍ଡଳୀ । ସିଙ୍ଗାପୁର ଯିବା ଆଗରୁ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଜଗନ୍ନାଥଙ୍କ ଆର୍ଶୀବାଦରେ ଓ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ବରିଷ୍ଠ ପ୍ରତିନିଧି ମଣ୍ଡଳି ସହିତ ସିଙ୍ଗାପୁର ଯାଉଛି। ମୁଁ ଆଶା କରୁଛି ଯେ ଯେତେବେଳେ ସାରା ବିଶ୍ୱରୁ ଇନଭେଷ୍ଟରମାନେ ଭାରତରେ ଇନଭେଷ୍ଟ କରିବା ପାଇଁ ଚାହିଁବେ ସେତେବେଳେ ଓଡ଼ିଶା ସେମାନଙ୍କର ପ୍ରଥମ ପ୍ରସନ୍ଦ ହେବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଶିଳ୍ପାୟନ ପାଇଁ ସିଙ୍ଗାପୁର ପ୍ରସିଦ୍ଧ। ସେଠାରେ କେମିକାଲସ, ପେଟ୍ରୋ କେମିକାଲ୍ସ, ଗ୍ରୀନ ଏନର୍ଜି, ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ବିଶ୍ୱର ବଡ଼ ▶▶ପୃଷ୍ଠା ୭

# ବାଲେଶ୍ୱର ସାମ୍ବାଦିକ ୟୁନିଅନ ପକ୍ଷରୁ ଜାତୀୟ ପ୍ରେସ ଦିବସ




ବାଲେଶ୍ୱର, ୧୬/୧୧ (ନି.ପ୍ର): ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ସାମ୍ବାଦିକ ମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ବିଧାୟକ ମାନସ କୁମାର ଦତ୍ତ ଗୁରୁତ୍ୱ ଆରୋପ କରିଛନ୍ତି। ଆଜି ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ୟୁନିଅନ ପକ୍ଷରୁ ଶ୍ରୀ ଜଗନ୍ନାଥ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ ପରିସରରେ ଆୟୋଜିତ ଜାତୀୟ ପ୍ରେସ ଦିବସ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ଦତ୍ତ କହିଲେ ଯେ, ଆମର ଏବର ସାମାଜିକ ବ୍ୟବସ୍ଥା ରେ ସାମ୍ବାଦିକ ମାନଙ୍କ ଭୂମିକା ବହୁ ମାତ୍ରାରେ ବୃଦ୍ଧି ପାଇଛି। ସେ ପ୍ରାକୃତିକ ଦୁର୍ବିପାକ,ବା ଦୁର୍ଘଟଣା ବା ଦୁର୍ନୀତି ଭ୍ରଷ୍ଟାଚାର ଅବା ଗଣ୍ଡଗୋଳ ସବୁଠି ଆଗରେ ଯିଏ ପହଞ୍ଚନ୍ତି ସେ ହେଉଛନ୍ତି ସାମ୍ବାଦିକ। ସେମାନଙ୍କ ପାଇଁ ସୁରକ୍ଷା, ନିରାପତ୍ତା, ଭତ୍ତା ଅବା ଚିକିତ୍ସା ବ୍ୟବସ୍ଥା କରିବାର ଦାବିର ଯଥାର୍ଥତା ରହିଛି ବୋଲି ସେ ହୃଦୟଙ୍ଗମ କରିବା ସହିତ ଏ ସମ୍ପର୍କରେ ସେ ସରକାରୀ ସ୍ତରରେ କଣ କରାଯାଇ ପାରିବ ସେ ସମ୍ପର୍କରେ ଉଦ୍ୟମ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ବାଲେଶ୍ୱର ଜିଲ୍ଲା ସାମ୍ବାଦିକ ୟୁନିଅନ ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷ ତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଧ୍ୱନିପ୍ରତିଧ୍ୱନି ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସମାଜ ବାଲେଶ୍ୱର ସଂସ୍କରଣ ର ଡେସ୍କ ଇନଚାର୍ଜ ଶଶୀରଞ୍ଜନ ମଲ୍ଲିକ, ୟୁନିଅନ ର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ରାମ ନାରାୟଣ ଶତପଥୀ, ଶ୍ରୀ ଜଗନ୍ନାଥ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଗଙ୍ଗାଧର ଜେନା, ପ୍ରମୁଖ ଉଦବୋଧନ ଦେଇ ସାଂପ୍ରତିକ ସ୍ଥିତିରେ ସାମ୍ବାଦିକ ମାନଙ୍କ ସମସ୍ୟା ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଥିଲେ। ୟୁନିଅନର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନ ସମ୍ପାଦକ ତୃପ୍ତିକାନ୍ତ ପାଢ଼ୀ, ଲକ୍ଷୀଧର ଗାଣ, କହ୍ନେଇ ଚରଣ ପ୍ରଧାନ, ରବିରଞ୍ଜନ ତ୍ରିପାଠୀ, ପ୍ରସନଜିତ୍ ଆଶ, ବିନାୟକ ମହାପାତ୍ର, ମନୋଜ କୁମାର ବିଶ୍ୱାଳ, ଲୋକନାଥ ପିରି, ସନ୍ଦୀପ ଦାଶ, ଉଜ୍ଜ୍ୱଳ କୁମାର କର, ସମରେଶ ମଣ୍ଡଳ, ସୋମନାଥ ସାହୁ ଙ୍କ ସମେତ ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀ ଓ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## ହସ୍ପିଟାଲରେ ଲାଗିଲା ନିଆଁ: ଜଳିଗଲେ ୧୦ ଶିଶୁ



ନୂଆଦିଲ୍ଲୀ, ୧୬/୧୧ : ଉତ୍ତରପ୍ରଦେଶର ଝାନସିସ୍ଥିତ ମହାରାଣୀ ଲକ୍ଷ୍ମୀବାଇ ହସ୍ପିଟାଲରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଗତ ରାତିରେ ଶିଶୁ ରୋଗ ୱାର୍ଡରେ ନିଆଁ ଲାଗିବାରୁ ୧୦ ଜଣ ନବଜାତଙ୍କ ମୃତ୍ୟୁ ହୋଇଛି । ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି । ଏହି ଅଘଟଣରେ ପ୍ରାୟ ୧୬ ଜଣ ଗୁରୁତର ହୋଇଛନ୍ତି। ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି । ଗତକାଲି ରାତିରେ ହସ୍ପିଟାଲର ଘଓଉଟରେ ପ୍ରଥମେ ନିଆଁ ଲାଗିଥିଲା । ତୁରନ୍ତ ହସ୍ପିଟାଲ କର୍ମଚାରୀ ଝରକା ଭାଙ୍ଗି ରୋଗୀଙ୍କୁ ଉଦ୍ଧାର କରିଥିଲେ । ଗତକାଲି ରାତି ପ୍ରାୟ ୧୦ଟା ୩୫ ମିନିଟରେ ନିଆଁ ଲାଗିଥିବା ସୂଚନା ମିଳିଛି । ତେବେ ନିଆଁ ଲାଗିବା ମାତ୍ରେ ଶିଶୁ ରୋଗ ୱାର୍ଡରେ ଥିବା ୩୭ ଜଣଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯାଇଥିଲା । ହସ୍ପିଟାଲରେ ଥିବା ୨ଟି ଶିଶୁରୋଗ ୱାର୍ଡରୁ ଗୋଟିଏ ୱାର୍ଡରେ ନିଆଁ ଲାଗିଥିବା ସୂଚନା ମିଳିଛି । ଦମକଳ ବାହିନୀ ତୁରନ୍ତ ପହଞ୍ଚିଥିବା ବେଳେ ବହୁ ପରିଶ୍ରମ ପରେ ନିଆଁ ଆୟତ୍ତ ହୋଇଥିଲା। ନିଆଁ ଲାଗିବା ପରେ ହସ୍ପିଟାଲ ପରିସରରେ ବହୁ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଥିଲା। କିଏ ନିଜ ଛୁଆର ଜଳନ୍ତା ଶରୀର ଧରି ବୁଲୁଥିଲା ତ କିଏ ନିଜ ଛୁଆକୁ ଖୋଜି ଖୋଜି ମୁଣ୍ଡ ପିଟୁଥିଲା। କେଉଁ ପରିସ୍ଥିତିରେ ନିଆଁ ଲାଗିଲା ତାହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ।

# ତ୍ରୟୋଦଶ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ ଓ ଦୟାନଦୀ ସମ୍ମାନ-୨୦୨୪ ପ୍ରଦାନ ସମାରୋହ

## ଲେଖକ, ଗାଳ୍ପିକ ଓ ଶିକ୍ଷାବିତ୍ ଡ. ରଜନୀ ରଂଜନ ଦାଶଙ୍କୁ ଦୟାନଦୀ ସମ୍ମାନ-୨୦୨୪



ବାଲିଅନ୍ତା , ୧୬/୧୧ (ନି.ପ୍ର): "କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ)' ଆନୁକୂଲ୍ୟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମା ଅବସରରେ ଭୁବନେଶ୍ୱରସ୍ଥ ଲିଙ୍ଗିପୁର-ନାଥପୁର ଘାଟ( ଦୟାବ୍ରିଜ)ଠାରେ " ତ୍ରୟୋଦଶ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ' ମହା ସମାରୋହରେ ପାଳିତ ହୋଇଯାଇଅଛି । ଭୋର ୪ ଘଟିକାରୁ ଓଡିଶା ର ସୁନାମଧନ୍ୟ ବଲିଓଡ କଣ୍ଠଶିଳ୍ପୀ ପାମେଲା ଜୈନ୍ ଙ୍କ ସହ ଅନ୍ୟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାରି, ଯୁଧିଷ୍ଠିର ଖୁଣ୍ଟିଆ, ଶିବାଶିଷ୍ ସାମଲ ଓ ରଶ୍ମିତା ଦାଶ ଙ୍କ ଭଜନ ପରିବେଷଣ ଦର୍ଶକଙ୍କ ମନ ମୋହିଥିଲା । ଡାପୋକ ର ଅଧକ୍ଷ ତଥା ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ର ପୂର୍ବତନ ସଭାପତି ଶ୍ରୀଯୁକ୍ତ ସଂଗ୍ରାମ କେଶରୀ ପାଇକରାୟ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଏକାମ୍ର ଭୁବନେଶ୍ୱରର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବାବୁ ସିଂ, ଓଡିଶା ସରକାରଙ୍କ ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ସମୀର ରଂଜନ ଦାଶ, ଭୁବନେଶ୍ୱର ବ୍ଲକ ର ଅଧକ୍ଷା, ଶ୍ରୀମତୀ ନୀରୁପମା ସାହୁ, ଗାନ୍ଧୀବାଦୀ, ସମାଜସେବୀ ଓ ସ୍ତମ୍ଭକାର ଡ. ଅରୁନ୍ଧତୀ ଦେବୀ, ସୁଚାର୍ଲା ର ସଂପାଦକ ଡ଼ ପ୍ରଦ୍ୟୁମ୍ନ ଶତପଥି, କର୍ପୋରେଟର ଶ୍ରୀ ବିରଞ୍ଚି ନାରାୟଣ ମହାସୁପକର, ଲିଙ୍ଗିପୁର ସରପଞ୍ଚ ଶ୍ରୀ କ୍ଷୀରୋଦ କୁମାର ପ୍ରଧାନ, ଲିଙ୍ଗିପୁର ସମିତି ସଭ୍ୟ ଶ୍ରୀ ପ୍ରକାଶ ସାହୁ, ପୂର୍ବତନ କର୍ପୋରେଟର ଶ୍ରୀ ମଳୟ ମହାପତ୍ର, ଶ୍ରୀ ରାଜେନ୍ଦ୍ର ସାମର୍ଥା, ଶ୍ରୀ ଦେବୀ ପ୍ରସାଦ ନନ୍ଦ, ଶ୍ରୀ ପ୍ରତାପ ସାହୁ, ପୂର୍ବତନ ସମିତି ସଭ୍ୟ ଶ୍ରୀ ବିଭୂତି ପ୍ରଧାନ, ଶ୍ରୀମତୀ ରଶ୍ମି ମହାପାତ୍ର, ରଶ୍ମିପ୍ରଭା ସାମନ୍ତରାୟ, ସୁବାସିନୀ ପୃଷ୍ଟି, ଯୁବ ନେତା ଶ୍ରୀ ଆଲୋକ ସାହୁ, ଶ୍ରୀ ସୂର୍ଯ୍ୟକାନ୍ତ ସାହୁ, ଶ୍ରୀ ବଳରାମ ସ୍ୱାଇଁ, ଶ୍ରୀ ସନ୍ତୋଷ ବେହେରା, ଶ୍ରୀ ଚିନ୍ମୟ ପ୍ରଧାନ, ଶ୍ରୀ ବିଜୟ ସାମନ୍ତରାୟ, ଶ୍ରୀ ବାମଦେବ ଗଜେନ୍ଦ୍ର, ଶ୍ରୀ ପ୍ରମୋଦ ସ୍ୱାଇଁ, ଉପସଂପାଦକ ଶ୍ରୀଯୁକ୍ତ ରବିନ୍ଦ୍ର ପାତ୍ର, କାପୋକ ର ସଂପାଦକ ଶ୍ରୀଯୁକ୍ତ ଚିତ୍ତ ରଂଜନ ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ । ଅତିଥୁ ମାନେ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ବିଷୟରେ ଆଲୋକପାତ କରିବା ସହିତ ତତ୍କାଳୀନ ସାଧବ ପୁଅମାନେ ସମୁଦ୍ର ପଥରେ ବିଭିନ୍ନ ଦେଶକୁ ଦୀର୍ଘ ଦିନ ଧରି ଯାତ୍ରା କରି ବାଣିଜ୍ୟ ମାଧ୍ୟମରେ ଉତ୍କଳ କୁ ସମୃଦ୍ଧ କରୁଥିଲେ । ଏବଂ ଯୁବ ସମାଜ କୁ ପ୍ରାଚୀନ ଉତ୍କଳୀୟ ପରମ୍ପରା ରୁ ଶିକ୍ଷା ଲାଭ କରି ସ୍ୱାଲମ୍ବୀ ହେବା ପାଇଁ ପରାମର୍ଶ ଦେବା ସହିତ ଦୟାନଦୀ କୁ ପ୍ରଦୂଷଣ ମୁକ୍ତ ରଖିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସଂଳାପ ଲେଖକ, ଗାଳ୍ପିକ ଓ ଶିକ୍ଷାବିତ୍ ଡ. ରଜନୀ ରଂଜନ ଦାସ ଙ୍କୁ 'ଦୟାନଦୀ ସମ୍ମାନ-୨୦୨୪'ରେ ସମ୍ମାନୀତ କରାଯାଇଥିବାବେଳେ ବିଶିଷ୍ଟ ସାହିତ୍ୟିକ ଓ କବି ଶ୍ରୀଯୁକ୍ତ ଅକ୍ଷୟ କୁମାର ସ୍ୱାଇଁ, ସମାଜସେବୀ, ଯୋଗ ଗୁରୁ ଶ୍ରୀଯୁକ୍ତ ନବ କିଶୋର ବାରିକ, ସିନେ କଳାକାର ରବି କୁମାର, ସାମାଜିକ ଅନୁଷ୍ଠାନ ଶ୍ରୀଶ୍ରୀ ରାଧାକାନ୍ତ ଦେବ ଗଣେଷ ପୂଜା କ୍ଲବ ଲିଙ୍ଗିପୁର ଙ୍କୁ "କାପୋକ ପ୍ରତିଭା ସମ୍ମାନ' ରେ ସମ୍ମାନିତ କରାଯାଇଥିଲା । ପରେ ପରେ ଉପସ୍ଥିତ ଥିବା ସମସ୍ତ ଅତିଥି ଓ ସାଧବ ପୁଅ ଙ୍କୁ ସାଧବ ବୋହୂ ମାନେ ବନ୍ଦାପନା କରିଥିଲେ । ବାଦ୍ୟର ତାଳେ ତାଳେ ଦୟାନଦୀରେ କାଠ ବୋଇତରେ ପ୍ରତୀକାତ୍ମକ ନୌବାଣିଜ୍ୟ ଯାତ୍ରା ଆରମ୍ଭ କରିଥିଲେ । ଅନୁଷ୍ଠାନ ତରଫରୁ ମାଗଣାରେ ମିଳୁଥିବା କଦଳୀ ବାସୁଙ୍ଗା ଡାଙ୍ଗା କୁ ନେଇ ଶ୍ରଦ୍ଧାଳୁ ମାନେ ଭସାଇଥିଲେ । ସର୍ବଶେଷରେ ଜାପୋକର ଉପସଂପାଦକ ରବିନ୍ଦୁ ପାତ୍ର ସମସ୍ତ ଅତିଥି ଓ ଉପସ୍ଥିତ ଦର୍ଶକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ 'କାପୋକ ର ସଭ୍ୟ ଇଲାଟ ସାହୁ, ମିଥୁନ ନାୟକ, ମାନସ ରଥ,ପଙ୍କଜ, ସାର୍ଥକ ପରିଡା, ଅଶୋକ ସାହୁ, ଦିନବନ୍ଧୁ ସ୍ୱାଇଁ ପ୍ରମୁଖ କାର୍ଯ୍ୟକମରେ ସହଯୋଗ କରିଥିଲେ ।

# ଜାତୀୟ ପ୍ରେସ ଦିବସ ଉପଲକ୍ଷେ ମିଳିତ ସାମ୍ବାଦିକ ସଂଘ ଜଳେଶ୍ୱର ପକ୍ଷରୁ ଉଦ୍ଘାଟନୀ ସଭା ଅନୁଷ୍ଠିତ



ଜଳେଶ୍ୱର , ୧୬/୧୧ (ନି.ପ୍ର): ମିଳିତ ସାମ୍ବାଦିକ ସଂଘ ଜଳେଶ୍ୱର ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ପାଳନ ଉପଲକ୍ଷେ ବାର୍ଷୋତ୍ସବ ଉଦ୍ଘାଟନୀ ସଭା ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଜଳେଶ୍ୱର ବାସନ୍ତୀ ପଡିଆ ଠାରେ ଦୁଇ ଦିନ ଧରି ହେବାକୁ ଥିବା ଏହି ଉତ୍ସବକୁ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧକ୍ଷା ଅନୁସାୟା ପ୍ରଧାନ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ କୁମାର ଜେନା,ଉପାଧକ୍ଷା ସଞ୍ଚିତା ସେନାପତି, ପୌର ପରିଷଦ ଉପାଧକ୍ଷା ପୁଷ୍ପପ୍ରିୟା କମିଳା, ଶିକ୍ଷାବିତ ଲେଲୀନ କୁମାର ପ୍ରଧାନ, ଶିକ୍ଷାବିତ ଡ.ଅଜିତ କୁମାର ମହାନ୍ତି,ସାହିତ୍ୟିକ ଅଧାପକ ନୀଳକଣ୍ଠ ଖଣ୍ଡା, ସମାଜସେବୀ ଦୁର୍ଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ କରିଥିବା ବେଳେ ମିଳିତ ସାମ୍ବାଦିକ ସଂଘର ସଭାପତି ଅମର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଗୁରୁ ଶ୍ରୀ ଦେବବ୍ରତ ଦାସ,ପ୍ରମୋଦ କୁମାର ପଣ୍ଡା ଓ ମହେଶ୍ୱର ପ୍ରଧାନଙ୍କ ସଞ୍ଚାଳନରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ଅଞ୍ଚଳରୁ ଅନେକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓ ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ହେଇଥିଲା ସଞ୍ଚାଳନରେ ଝାନସୀ ରାଣୀ ଦାସ ଓ ଜତ୍ରିମୟୀ ଭୂଆ ଉପସ୍ଥିତ ରହିଥିଲେ ଓ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ଜଳେଶ୍ୱର ତହସିଲଦାର ସତ୍ୟରଞ୍ଜନ ମହାନ୍ତି, ଦେବକାନ୍ତ କାସ୍ତ, କୁଞ୍ଜ ବିହାରି ଦାସ, ମ୍ୟୁନିସିପାଲଟିର ଅଧକ୍ଷ ପ୍ରତୀପ କୁମାର ପ୍ରଧାନ, ମୁଖ୍ୟ ଅତିଥି ଜଳେଶ୍ୱର ଏସଡିପିଓ ଦିଲ୍ଲୀପ କୁମାର ସାହୁ, କପିଳେଶ୍ୱର ମହାନ୍ତି, ଦୂର୍ଜୟ ପାଣିଗ୍ରାହୀ, କମଲ ଚକ୍ରବର୍ତ୍ତୀ, ସତ୍ୟବ୍ରତ ପ୍ରଧାନ ଉପସ୍ଥିତ ରହିଥିଲେ ।

# ଗଙ୍ଗା ଦେବୀଙ୍କ ପଞ୍ଚୁକ ଉତ୍ସବ

ବାଲେଶ୍ୱର, ୧୬/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟି ଗ୍ରାମାରେ ( ଓଲୋନ୍ଦାଜ୍ ଲେନ୍ ) ଥିବା ଗଙ୍ଗା ଦେବୀଙ୍କ ମନ୍ଦିର ରେ ପଞ୍ଚୁକ ଉତ୍ସବ ବିଜେପି ୱାର୍ଡ ସଭାପତି ଅଶୋକ କୁମାର ଦାସ ଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ଏହି ଗଙ୍ଗା ଦେବୀଙ୍କ ପଞ୍ଚୁକ ଉତ୍ସବ ୧୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ପାଳିତ ହୋଇଆସୁଛି। ଏହାର କିମ୍ବଦନ୍ତୀ ଅନୁଯାୟୀ ଜନସାଧାରଣ କାର୍ତ୍ତିକ ପୂର୍ଣ୍ଣିମା ଦିନ ବାଲିଘାଟ ରେ ସ୍ନାନ କରି ପରମ୍ପରା ଅନୁଯାୟୀ ଡଙ୍ଗା ଭସାଇ ଗଙ୍ଗା ଦେବୀଙ୍କୁ ଦର୍ଶନ କରି ଗଙ୍ଗା ଦେବୀଙ୍କ ପ୍ରସାଦ ସେବନ କଲେ ଲୋକଙ୍କ ଯେତେ ପାପ ସମ୍ପୂର୍ଣ୍ଣ ଭାବରେ ପାପ ଦୂର ହେଇଥାଏ । ତେଣୁ ଲୋକେ ସବୁ ବର୍ଷ ପରି ଏବର୍ଷ ମଧ ହଜାର ହଜାର ସଂଖ୍ୟାରେ ଲୋକେ ମାଙ୍କୁ ଦର୍ଶନ କରି ପ୍ରସାଦ ସେବନ କରିଥିଲେ। ଏପରିକି ୧୦ ରୁ ୧୨ ହଜାର ଲୋକ ଦୂର ଦୁରାନ୍ତରୁ ଆସି ପ୍ରସାଦ ସେବନ କରିଥିଲେ। ଏହି ପଞ୍ଚୁକ ଉତ୍ସବ ରେ ସଦର ବିଧାୟକ ମାନସ କୁମାର ଦତ୍ତ ମାଙ୍କୁ ଦର୍ଶନ କରି ମାଙ୍କ ଆଶୀର୍ବାଦ ପ୍ରାପ୍ତ କରିଥଲେ ଓ ପ୍ରସାଦ ସେବନ କରିଥିଲେ।ସେକ୍ରେଟାରୀ ଗୌରାଙ୍ଗ ଦାସ, ପର୍ଶୁରାମ ବେହେରା, ମ୍ୟୁନିସପାଲିଟି ଚେୟାରମେନ ସବିତା ସାହୁ, ଯୁବନେତା ବିକ୍ରମ ପଣ୍ଡା, ସମାଜ ସେବୀ ଆଶ୍ରିତା ତରେଇ , 



ଗୋପୀନାଥ ସେଠୀ, ଅଜୟ ରଣା , ନରେନ୍ଦ୍ର ଖିଲାର , ଶ୍ରବଣ କର, ମିହିର ବାରିକ , ଜୟନ୍ତ କର, ବିଜୟ ବେହେରା, ଛବିନ୍ଦ୍ର ସାହୁ , ସଞ୍ଜୀବ ମହାରଣା, ରମାକାନ୍ତ ବାରିକ, ଜିତେନ୍ଦ୍ର ଖିଲାର, ଯୋଗେନ୍ଦ୍ର ଖିଲାର, ସୁଶାନ୍ତ ବାରିକ, ମୀନା ମହାନ୍ତି , ଗାଁ ରେ ବହୁ ବୁଦ୍ଧିଜୀବୀ , ମହିଳା ଓ ମନ୍ଦିର ର ପୂଜକ , ବହୁ ଯୁବ ଗୋଷ୍ଠୀ ପରିଚାଳନାରେ ସହଯୋଗ କରିଥିଲେ।

# ପଚା ଆଳୁ ଏବଂ ପୋଖରାଜ ବିହନକୁ ନେଇ ଚାଷୀଙ୍କ ଅସନ୍ତୋଷ

ଲଙ୍ଗଳେଶ୍ୱର, ୧୬/୧୧ (ନି.ପ୍ର): ବାଲିଆପାଳ ବ୍ଲକ ସିମୁଳିଆ ଛକ ନିକଟରେ ଥିବା ଉଦ୍ୟାନ କୃଷି ବିଭାଗ ତରଫରୁ ଚାଷୀମାନଙ୍କୁ ସବସିଡି ରେ ଆଳୁ ବିହନ ଯୋଗାଇ ଦେବା ନିମନ୍ତେ ୧୫ ଦିନ ପୂର୍ବରୁ ଡକୋମେଣ୍ଟ ନିଆଯାଇଥିଲା ।କୃଷକ ସାଥୀ ମାଧ୍ୟମରେ ଖବର ପାଇଁ ଉଦ୍ୟାନ କୃଷି ବିଭାଗରେ ନିଖିରା, କୁମ୍ଭାରୀ , ଡଗରା, ଚଉମୁଖ,ବେତଗଡିଆ, ଅଳା ଡିହା ପ୍ରମୁଖ ପଞ୍ଚାୟତରୁ ଶତାଧିକ ଚାଷୀ ଆଳୁ ବିହନ ନେବା ପାଇଁ କାର୍ଯ୍ୟଳୟକୁ ଆସିଥିଲେ ।ପଞ୍ଜାବରୁ ଓ ଏସ ଏସ ସି ତରଫରୁ ୬୮୦ ବ୍ୟାଗରେ ୩୪୦ କୁଇଣ୍ଟାଲ ଆଳୁ ବିହନ ବସ୍ତା ଏବଂ ବାଲିଆପାଳ ବ୍ଲକରେ ଚାଷୀମାନଙ୍କ ପାଇଁ ଆସିଥିଲା।। ବିଭାଗର ଅଧିକାରୀଣୀ ଶୁଭଲକ୍ଷ୍ମୀ ସେନାପତି ଓ କୃଷି ବିଜ୍ଞାନ କେନ୍ଦ୍ରର ସିନିୟର ବୈଜ୍ଞାନିକ ସ୍ୱାଗତିକା ସାହୁ ଏବଂ ଚାଷୀଙ୍କ ଉପସ୍ଥିତରେ ପାଖରେ ଥିବା ଓଲିଡିଙ୍ଗ ଦୋକାନ ଏବଂ କାଠ ଗୋଦାମରେ ଥିବା ଓଜନ ମେସିନରେ ମପା ଯାଇଥିଲା। ପ୍ରତ୍ୟେକ ଆଳୁ ବୁରାରେ ୫୦ କିଲୋ ରହିବାକଥା। ମାତ୍ର ୪୭ ରୁ ୪୮ କିଲୋ ରହିବା ସହିତ ୭ /୮ କେଜି ଆଳୁ ପଚା ବାହାରି ଥିଲା। ଗୋଟିଏ ବିହନ ଆଳୁର ଓଜନ ୪୦ରୁ ୫୦ ଗ୍ରାମ ରହିଲେ ବିହନର ମାନ ବୃଦ୍ଧି ହୁଏ ।ମାତ୍ର ଏହି ପୋଖରାଜ ବିହନର ଓଜନ ୬୦ କିଲୋ ୧୦୦ଗ୍ରାମ ଦେଖିବାକୁ ମିଳିଥିଲା। ଯାହା ଫଳରେ ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା । ଉତ୍ତେଜନା ବଢିବାରୁ ଉଦ୍ୟାନ କୃଷି ବିଭାଗ ଡେପୁଟି ଡାଇରେକ୍ଟର ବାଲେଶ୍ୱର ତପନ କୁମାର ମହାନ୍ତି ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତିନିରୁ ଚାରି ଦିନ ମଧ୍ୟରେ କୃଷକମାନଙ୍କୁ ଆଳୁ ବିହନ ଯୋଗାଇ ଦେବା ପ୍ରତିଶ୍ରୁତି ଦେଇଛନ୍ତି ଶ୍ରୀ ମହାନ୍ତି। ଏଠାରେ ସୂଚନା ଥାଉ କି ବାଲିଆପାଳ ବ୍ଲକରେ ଜ୍ୟୋତି ଆଳୁ ଅଧିକ ଅମଳ ହୋଇଥାଏ। ଚାଷୀ ମାନେ ସରକାର ଙ୍କୁ ଜ୍ୟୋତି ବିହନ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ।

# ଧାନଶୂଳ ଶିବମୁନି ଯୋଗାଶ୍ରମରେ ଶିବମୁନିଜୀଙ୍କର ୧୪୧ ତମ ଜନ୍ମଜୟନ୍ତୀ ପାଳନ



ଧାନଶୂଳ , ୧୬/୧୧ (ନି.ପ୍ର): ଧାନଶୂଳ ଶିବମୁନି ଯୋଗାଶ୍ରମରେ ଆଦିମୁନିଶ୍ୱର ଯୋଗେଶ୍ୱର ସଦଗୁରୁ ଦେବ ଶିବମୁନିଜୀଙ୍କର ୧୪୧ ତମ ଜନ୍ମଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ସର୍ବପ୍ରଥମେ ସତ୍ୟପତାକା ଉତ୍ତୋଳନ କରିଥିଲେ, ହାଡ଼ିଆଡିହା ଶିବମୁନି ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ସତ୍ୟନିଷ୍ଠ ବରିଷ୍ଠ ଯୋଗସାଧକ ଯୋଗୀ ଭିକାରୀ ଚରଣ ମୁନିଜୀ ମହୋଦୟ । ସଭାପତିତ୍ୱ ଆସନ ଅଳଂକୃତ କରିଥିଲେ ଆତ୍ମଜ୍ଞାନୀ ଯୋଗୀ ରସାନନ୍ଦ ରାଉତ ମହୋଦୟ। ମୁଖ୍ୟଅତିଥି ହିସାବରେ ଯୋଗଦାନ କରିଥିଲେ, ବ୍ରହ୍ମଜ୍ଞାନୀ ଯୋଗାଚାର୍ଯ୍ୟ ସୁଧାଂଶୁ ଶେଖର ମୁନିଜୀ ମହୋଦୟ । ମୁଖ୍ଯ ବକ୍ତା ହିସାବରେ ଯୋଗଦାନ କରିଥିଲେ, ବିଦୁଷୀ ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ ଶାନ୍ତିଲତା ବେହେରା ମହୋଦୟା । ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିବା, ହାତିଆଡିହା ଶିବମୁନି ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ଯୋଗ ଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଶିବ ମୁନିଜୀଙ୍କ ଜୀବନୀ ଉପରେ ସ୍ୱ ରଚିତ କବିତା ପାଠକରି ଉପସ୍ଥିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲେ । ଉପସ୍ଥିତ ଥିଲେ କୀର୍ତ୍ତନିୟା ମୁନି ସମାଜରୁ ଆସିଥିବା ଯୋଗୀ ଗଦାଧର ମୁନି, ମୁରୁଡ଼ା ମୁନି ସମାଜରୁ ଆସିଥିବା ଯୋଗୀ ନବିନ ମୁନି ପ୍ରମୁଖ । ପତାକା ସଙ୍ଗୀତ ଗାନ କରିଥିଲେ, ମୁନିରାଜ୍ଞୀ ସନ୍ଧ୍ୟା କାମିଳା(ନୟନା ) । ମୁନି ସଙ୍ଗୀତ ଗାନ କରିଥିଲେ, ମୁନିମତୀ ସନ୍ଧ୍ୟାପାଳ, ମୁନିମତୀ ସନ୍ଧ୍ୟା ରାଉତ । ସହଯୋଗ କରିଥିଲେ, ମୁନି ଭିମ ରାଉତ, ମୁନି ନକୁଳ ରାଉତ, ମୁନି ସାଇବ ରାଉତ୍, ମୁନି ଅର୍ଜୁନ ରାଉତ, ମୁନି ଦାମୋଦର ପାଳ, ମୁନିରାଜ ରମେଶ କାମିଳା, ମୁନିମତୀ ସରସ୍ୱତୀ ପାଳ, ମୁନିମତୀ ପାର୍ବତୀ ରାଉତ୍, ମୁନିମତୀ ମିନତୀ, ଶୁଶୀଳା ଜେନା ପ୍ରମୁଖ ।ଶିବ ମୁନିଜୀଙ୍କର ଜୟଧ୍ୱନି ରେ ସେ ବନଭୂମୀ ଅଞ୍ଚଳର ଗଗନ ପବନ ମୁଖରୀତ ହୋଇଯାଇଥିଲା । ହର୍ଷ ଉଲ୍ଲାସ ମଧ୍ୟରେ ସମସ୍ତ ବକ୍ତାମାନେ ଶିବମୁନିଜୀଙ୍କର ସତ୍ୟସିଦ୍ଧାନ୍ତ ଜୀବା ଦ୍ୱୈତ୍ୟବାଦ ଉପରେ ଆଲୋକପାତ କରିବା ସହିତ, ଜଣେ ପ୍ରତିଦିନ ମୁନି ସମାଜର ଯୋଗ ସାଧନ କରି ଚାଲିଲେ, ସେ ନିଶ୍ଚିତ ସୁଖଶାନ୍ତି ଆନନ୍ଦରେ ନିରୋଗ ନିରାମୟ ଆନନ୍ଦମୟ ଜୀବନଯାପନ କରିପାରିବ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଶେଷରେ ମୁନିରାଜ୍ଞୀ ପାର୍ବତୀ ରାଉତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଛତିଶଗଡରେ ଗୁଳି ବିନିମୟରେ ୫ ନକ୍ସଲ ନିହତ

କାଂକେର, ୧୬/୧୧ (ନି.ପ୍ର): ଛତିଶଗଡର ଉତର ଅବୁଝମାଡରେ କାଂକେର ଓ ନାରାୟଣପୁରର ସୀମାକୁ ଲାଗି ମହାରାଷ୍ଟ୍ରର ସୀମାରେ ସୁରକ୍ଷାବଳ ଶନିବାର ୫ଜଣ ନକ୍ସଲକୁ ମାରିଛନ୍ତି । ସୁରକ୍ଷାବଳର ଯବାନମାନେ ସମସ୍ତଙ୍କ ମୃତଦେହ ଜବତ କରିବା ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି । ଗୁଳି ବିନିମୟରେ ସାମିଲ ଯବାନମାନେ କହିଛନ୍ତି ଯେ, ଏଥିରେ ଅନେକ ନକ୍ସଲ ଆହତ ମଧ ହୋଇଛନ୍ତି । ଗୁଳି ବିନିମୟରେ ୨ଜଣ ଯବାନ ଆହତ ହୋଇଛନ୍ତି । ଉଭୟଙ୍କୁ ଚିକିତ୍ସା ପାଇଁ ରାୟପୁରର ନାରାୟଣା ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

# ପ୍ରଜାପିତା ବ୍ରହ୍ମା କୁମାରୀ କାର୍ଯ୍ୟାଳୟରେ ଅଭିନନ୍ଦନ ଉତ୍ସବ

ବାସୁଦେବପୁର, ୧୬/୧୧ (ନି.ପ୍ର): ବାସୁଦେବପୁର ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କାର୍ଯ୍ୟାଳୟ ପରିସରରେ ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ଧାମ ନଗର ର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ର ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୁର୍ବତନ ସାଂସଦଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମାଜ ସେବୀ ଭାଗିରଥୀ ବଳ , ବ୍ରହ୍ମା କୁମାର ଗଦାଧର ଭାଇ, ବି କେ ପ୍ରତିମା, ଜ୍ୟୋସ୍ନା ଭଉଣୀ ପ୍ରମୂଖ ଅତିଥି ଭାବେ ଯୋଗ



ଦେଇଥିଲେ ଓ ସମାଜର ମଙ୍ଗଳ କାମନା ଉଦ୍ଦେଶ୍ୟରେ ବାର୍ତ୍ତା ରଖିଥିଲେ । ଏହି ଅବସରରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଙ୍କୁ ଫୁଲ ତୋଡା ଓ ଉପଢ଼ୌକନ ଦିଆ ଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟାଳୟ ରେ ପବିତ୍ର ରାହାସ ପୂର୍ଣ୍ଣିମା ଅବସରରେ ସମସ୍ତେ ଏକତ୍ର ହୋଇ ଥିଲେ ଓ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ । ଏହି ଆଧାତ୍ମିକ ଅନୁଷ୍ଠାନ ର ସଦସ୍ୟ ପରେଶ ଭାଇ ଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଦୀପ ଜଳାଯାଇ ଥିଲା ଓ ଈଶ୍ୱର ଙ୍କ ଠାରେ ତାଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା । ପ୍ରତିମା ଭଉଣୀ, ଜ୍ୟୋସ୍ନା ଭଉଣୀ, ପୂର୍ଣ୍ଣିମା ଭଉଣୀ, ରତିକାନ୍ତ ଭାଇ ଏହି ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ମନ୍ଦିରରେ ପୁଷ୍ପ ପ୍ରଦର୍ଶନୀ

ବାଲେଶ୍ୱର, ୧୬/୧୧ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରସାଲପୁର ପକ୍ଷରୁ ଶିଶୁ ଦିବସ ପାଳନ ଅବସରରେ ଶିଶୁ ବାଟିକା ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମ କୁ ସ୍ଥାନୀୟ ସମାଜସେବୀ ତଥା ଅଭିଭାବିକା ଚିତ୍ର ଲେଖା ପାଣି ଓ ନିକିତା ପାଣି ମିଳିତ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତ ଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମ ରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମାଜସେବୀ ଶିବାଜୀ, ଆଇନଜୀବୀ ରାଜୀବ ପାଣି ଓ ସଂପାଦକ ଶମ୍ଭୁନାଥ ଯାଦବ ଯୋଗଦାନ କରି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ରେ ପ୍ରାରମ୍ଭିକ କଥା ରଖିଥିଲେ ପ୍ରତିମା ଗୁରୁମା' ।ବିନୀତା ଗୁରୁମା' ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜୟସ୍ମିତା ଗୁରୁମା' ପଞ୍ଚାଙ୍ଗ ବୋଲି ଥିଲେ।



ଶୁଭସ୍ମିତା ଗୁରୁମା' ଅମୃତ ବଚନ ପାଠ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ଗୁରୁମା' ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲେ ଓ ମିତା ଗୁରୁମା' ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନୀଷା ଗୁରୁମା', ଜ୍ୟୋତିରେଖା ଗୁରୁମା',ଝୁନୀ ଗୁରୁମା' ଓ ସେବୀକା ରଞ୍ଜୁଲତା ଆଚାର୍ଯ୍ୟ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା ।ପରେ ପରେ ଶିଶୁ ବାଟିକା ର ପୁଷ୍ପ ପ୍ରଦର୍ଶନୀ କୁ ଫିତା କାଟି ଉଦଘାଟନ କରାଯାଇଥିଲା। ଶିଶୁ ଭାଇଭଉଣୀ ମାନେ ବିଭିନ୍ନ ପ୍ରକାର ରଙ୍ଗ-ବେରଙ୍ଗର ଫୁଲ କୁ ନେଇ ପ୍ରକଳ୍ପ ମାନ ପ୍ରସ୍ତୁତ କରିଥିଲେ।ବିଚାରକ ଭାବେ ଚିତ୍ର ଲେଖା ପାଣି ଓ ନିକିତା ପାଣି ମୂଲ୍ୟାୟନ କରିଥିଲା। ଶେଷରେ ସମସ୍ତ ଶିଶୁ ଭାଇ-ଭଉଣୀ ମାନଙ୍କୁ ପେନସିଲ ଓ ମିଠା ବଣ୍ଟନ କରାଯାଇଥିଲା।

# ରାଉତପଡ଼ା ସମବାୟ ସମିତିରେ ମାଗଣା ସ୍ୱାସ୍ଥ୍ୟ ଶିବିର

ରୂପସା, ୧୬/୧୧ (ନି.ପ୍ର): ରୂପସା ଥାନା ଅଧିନସ୍ଥ ରାଉତପଡ଼ା ସେବା ସମବାୟ ସମିତି ଆନୁକୂଲ୍ୟରେ ବାଲେଶ୍ୱର ରୋଟାରୀ କ୍ଲବ ତରଫରୁ ମୋତିଆବିନ୍ଦୁ ଚିହ୍ନଟ, ଦାନ୍ତ ପରୀକ୍ଷା ଓ ଡାଇବେଟିସ୍ ପରୀକ୍ଷା ଜନିତ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଏଆରସିଏସ୍ ସୀମା ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍ଘାଟନ କରିଥିଲେ । ସମବାୟ ସପ୍ତାହ ପାଳନ ଅବସରରେ ସମିତିର ସଭାପତି ଦେବାଶିଷ ମହାପାତ୍ର ପ୍ରାରମ୍ଭରେ ପତାକା ଉତ୍ତୋଳନ କରିଥିଲେ । ଶିବିର ଉଦ୍ ?ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏଏଆରସିଏସ୍ ଏକାଦଶୀ ଦାସ, ଗୋପବନ୍ଧୁ ଦାସ ଓ ଶମ୍ଭୁନାଥ ନାୟକ, ବିବିସିସି ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ବସ୍ତା ଶାଖା ବ୍ୟାଙ୍କ ମ୍ୟାନେଜର ତୁଷାରକାନ୍ତି ପାତ୍ର, ଡାଇରେକ୍ଟର ଦେବ କୁମାର ଦେବ, ରୋଟାରୀ କ୍ଲବ ସଭାପତି କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର, ସାଧାରଣ ସମ୍ପାଦକ ପ୍ରବାଳ ସ୍ନିହା, ରୋଟାରୀଆନ ବିଷ୍ଣୁ ଦାସ କୁଣ୍ଡୁ ଓ ଚନ୍ଦନ କୁମାର ଚାନ୍ଦ, ଏମ୍‌ପି ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ପୂର୍ବତନ ସମିତି ସଭାପତି ହରେନ୍ଦ୍ର କୁମାର ଦାସ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ମହାପାତ୍ର ଓ ମଦନ ମୋହନ ଯେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଶିବିରରେ ଶତାଧିକ ରୋଗୀଙ୍କୁ ମାଗଣା



ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଇଥିଲା । ସମିତି ସମ୍ପାଦକ ସୃଷ୍ଟିଧର ରାଉତ, ସହ-ସମ୍ପାଦକ ତପନ କୁମାର ଦୀକ୍ଷିତ, ଜତିନ୍ଦ୍ର ଦାସ, କବିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମିତିର ସମସ୍ତ ଡାଇରେକ୍ଟରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ନଭେମ୍ବର ୨୦୨୪
email :
rabibarachayan2015@gmail.com




ଧାରାବାହିକ ଉପନ୍ୟାସ



# ବୈଦେହୀ

## ଡ.ଭାଗବତ ବେହେରା

ଭାଗ-୭୫
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି ।**

**ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ମୁଁ କହିଥିଲି ତୁମେ କ'ଣ ତାହା ଜାଣିପାରୁ ନାହଁ ମା' । ମୋ ଚକ୍ଷୁକୁ ଭଲକରି ନିରୀକ୍ଷଣ କରି ଦେଖ । ମୋର ଗୋଟାଏ ଚକ୍ଷୁରୁ ଆନନ୍ଦରୂପୀ ଅଶ୍ରୁର ଧାରା ବହୁଥିବାବେଳେ, ଆଉ ଗୋଟାଏ ଚକ୍ଷୁରୁ ଦୁଃଖ ରୂପୀ ଲୁହ ବହିଯାଉଛି ।

ମୋ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ସେ ପଚାରିଥିଲେ, ଏପରି କାହିଁକି ହେଉଛିଲୋ ମା' ? ତୋ ସ୍ୱାମୀ ରାମଚନ୍ଦ୍ର, ଦିଗ୍‌ବିଜୟୀ ବୀର । ପ୍ରତାପୀ, ଅତ୍ୟାଚାରୀ, ରାବଣଙ୍କୁ ସେ ନିଧନ କଲେ । ଯିଏ ତୋତେ ଅସମ୍ମାନ କରି, ମନ୍ଦ ଉଦ୍ଦେଶ୍ୟ ରଖି ଛଦ୍ମବେଶରେ ପଞ୍ଚବଟୀରୁ ଅପହରଣ କରି ଆଣି ଏଠାରେ ରଖି ଏତେ ଦୁଃଖ ଦେଲା, ତାର ମୃତ୍ୟୁରେ ତୁ ଯେତିକି ଉତ୍‌ଫୁଲ୍ଲିତ ହେବାକଥା ତାହା ମୁଁ ଦେଖିବାକୁ ପାଉନାହିଁ କାହିଁକି ? ଏହାର କାରଣ କ'ଣ ?

ମୁଁ କହିଥିଲି ତୁମେ ଠିକ୍ କହିଛ ମା' ଗୋଟାଏ ପଟରେ ମୋ ସ୍ୱାମୀଙ୍କ ବିଜୟ ଦେଖି ମୁଁ ଏତେ ଆନନ୍ଦିତ, ଏତେ ହରସିତ ଯେ ତାହା ମୁଁ ଭାଷାରେ କହିପାରିବି ନାହିଁ । ସେ ଆନନ୍ଦର ପ୍ରମାଣ ଦେବ ମୋ ନୟନର ଆନନ୍ଦାଶ୍ରୁ । ଅପରପଟେ ପୁତ୍ରର ମୃତ୍ୟୁରେ ମାଆ ଚକ୍ଷୁରୁ ଝରୁଛି ଦୁଃଖ ଅଶ୍ରୁର ଶ୍ରାବଣ ।

ମା' ସୀତେ! ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ତ୍ରିଜଟା। ମୋ ମୁହଁକୁ ସେ ବଲବଲ ହୋଇ ଅନାଇ ରହନ୍ତେ, ମୁଁ କହିଥିଲି ତୁମେ ତ ଜାଣିଛ ମାଆ ସେତୁବନ୍ଧ ପ୍ରତିଷ୍ଠା ଦିନ ରାବଣ ମୋ ନିକଟକୁ ଆସି ମୋତେ କ'ଣ ବୋଲି ସମ୍ବୋଧନ କରିଥିଲା । ମୋତେ ତା ସହିତ ଯିବାକୁ ସେ ଯେତେ ଅନୁରୋଧ କଲେ ମଧ, ମୁଁ ତାହା ପ୍ରତ୍ୟାଖ୍ୟାନ କରିବାରୁ ସେ ମୋତେ ମାତା, ମାତା, ସମ୍ବୋଧନ କରି ମୋ ସ୍ୱାମୀଙ୍କ ଯଜ୍ଞ କାର୍ଯ୍ୟରେ ଯୋଗଦାନ ପାଇଁ ନେଇ ଯାଇଥିଲା। ସେହିଦିନ ଠାରୁ ମୁଁ ରାବଣର ମାଆ ହୋଇ ଯାଇଥିଲି । ସେଇଥିପାଇଁ ସେ ମୋତେ ପ୍ରତ୍ୟହ ମାଆ ବୋଲି ସମ୍ବୋଧନ କରି ଯୁଦ୍ଧ ଯାତ୍ରା କରେ । ତାର ଭକ୍ତି, ସମର୍ପଣ ମୋତେ ବାଧ କରିଥିଲା ତା ହୃଦରେ ବାସ କରିବାକୁ । ସେଇଥିପାଇଁ ମୋ ସ୍ୱାମୀ ତାକୁ ଯୁଦ୍ଧରେ ନିହତ କରିପାରୁ ନଥିଲେ ।

ମୋ ପାଟିରୁ କଥା ନେଇ ମାଆ ତ୍ରିଜଟା କହିଥିଲେ ଧନ୍ୟ ଧନ୍ୟ ତୁ ସୀତା । ଏ ନାରୀ ଜଗତରେ ତୁ ହେଉଛୁ ମଉଡ଼ମଣି । ଏଯାବତ୍ ଏ ଧରାରେ ତୋ ଭଳି ନାରୀଟିଏ ଜନ୍ମ ହୋଇ ନଥିବେ କିମ୍ବା ଆଗକୁ ମଧ ହେବେନାହିଁ । ତୋ ହୃଦୟର ସ୍ନେହ, ମମତାର ତୁଳନା ନାହିଁ ଲୋ ମାଆ। ତୁ ଏପରି ନାରୀଟିଏ, ଏପରି ପତ୍ନୀଟିଏ, ଏପରି ମାତାଟିଏ, ଏପରି ସେବିକାଟିଏ ଯେ, ତୋତେ ଯିଏ ସୃଷ୍ଟି କରିଛନ୍ତି ସେ ମଧ ତୋ ନିକଟରେ ମୁଣ୍ଡ ନୁଆଁଇ ଦେବେ। ତୋର ଏହି ଯଶ, କୀର୍ତ୍ତି, ତ୍ୟାଗ, ସ୍ନେହ, ମମତା ତୋତେ ନାରୀ ସମାଜରେ ଯୁଗଯୁଗ ପାଇଁ ଅମର କରି ରଖିବ ଲୋ ମାଆ ଜାନକୀ।

ତାଙ୍କ କଥା ଶୁଣୁଶୁଣୁ କାନ୍ଦିକାନ୍ଦି ମୁଁ କହିଥିଲି, ତୁମେ କ'ଣ ଆଜିର ଯୁଦ୍ଧ ନିଜ ଆଖିରେ ଦେଖିଛ ମାଆ ତ୍ରିଜଟା ?

ହଁ ଆଜି ପ୍ରଭାତ ସମୟରେ ମୁଁ ଯାଇ ତୋ ମନର କଥା ତୋ ସ୍ୱାମୀଙ୍କୁ କହିଦେଇ ଆସିଥିଲି। ଆଜି ଦିବସ ଯାକ ମୁଁ ଯୁଦ୍ଧ ଦେଖିଛି। ଦେଖିଛି ତୁମ ସ୍ୱାମୀଙ୍କ ସହିତ ଲଙ୍କପତିଙ୍କର ଭୟଙ୍କର ଯୁଦ୍ଧ । ସୂର୍ଯ୍ୟାସ୍ତ ପୂର୍ବରୁ ତୁମ ସ୍ୱାମୀ ଅଥୟ ହୋଇ ଖୁବ୍ ଜୋରରେ ବିକଳ ସ୍ୱରରେ ସୀତା ସୀତା ବୋଲି ଡାକ ପକାଇଥିଲେ । ତାପରେ ମୋ କର୍ଣ୍ଣରେ ଶୁଭିଲା ଏକ ଭୟଙ୍କର ଗର୍ଜନ । ସବୁ ଶେଷ ହୋଇଗଲା ମାଆ । ଜୟ ଶ୍ରୀରାମଙ୍କ ଧ୍ୱନିରେ ମୁଖରିତ ହେଲା ଗଗନ ପବନ । ଗୋଟାଏ କଥା ମୁଁ ତୋତେ କହିବାକୁ ଭୁଲିଯାଇଛି ମାଆ । ଆଜି ପ୍ରଭାତରେ ତୋ ସ୍ୱାମୀଙ୍କ ପାଖରୁ ଫେରୁଥିବା ସମୟରେ ଲଙ୍କେଶଙ୍କ ସହିତ ମୋର ଭେଟ ହୋଇଥିଲା। ମୋତେ ଦେଖି ହସିହସି ସେ କହିଥିଲେ "ତ୍ରିଜଟା ତୁ ଆଜି ତୋ ପ୍ରଭୁ ଭକ୍ତିକୁ ଜଳାଞ୍ଜଳି ଦେଇଦେଲୁ । ରାମ କାନରେ ରାବଣର ମୃତ୍ୟୁ କଥା କହିଦେଇ ଆସିଲୁ । ହଉ ଭଲ କଲୁ ତ୍ରିଜଟା। ଯା ମନ୍ଦୋଦରୀକୁ କହିଦେବୁ ସେ ଆଜି ସନ୍ଧ୍ୟାକୁ ବନ୍ଦାପନା ଥାଳି ଧରି ରାବଣକୁ ପ୍ରତୀକ୍ଷା କରିବ ନାହିଁ । ବରଂ ସବୁଦିନ ପାଇଁ ତା ମୁଣ୍ଡର ସିନ୍ଦୂରକୁ ସେ ପୋଛିଦେବ ।"

ତ୍ରିଜଟାର କଥା ଶୁଣି ମୁଁ ଅତ୍ୟନ୍ତ ଧୈର୍ଯ୍ୟହରା ହୋଇ ପଡ଼ିଥିଲି ସୁଧାମୟୀ । କାନ୍ଦିକାନ୍ଦି ମୁଁ ପ୍ରଭୁ ପ୍ରଭୁ କହି ତଳେ ଲୋଟି ପଡ଼ିଥିଲି । ଏହାପରେ କ'ଣ ହେଲା ମୁଁ ଆଉ ଜାଣିନାହିଁ । ମୁଁ ଯେତେବେଳେ ଆଖି ଖୋଲେ ଦେଖେ ମା' ତ୍ରିଜଟା ସହିତ ଅନ୍ୟ କେତେକ ଅସୁରୁଣୀ ବସି ହା' ଲଙ୍କେଶ ହା' ଲଙ୍କେଶ ବୋଲି କହି ରୋଦନ କରୁଥାନ୍ତି ।

### ॥ ପନ୍ଦର ॥

ଲଙ୍କାରେ ସର୍ବତ୍ର ଖେଳିଯାଇଛି ଶୋକର ଛାୟା । କୋଳାହଳ ବନ୍ଦ ହୋଇଯାଇଛି । ବୃକ୍ଷରେ ପକ୍ଷୀମାନଙ୍କର କାକଳି ନାହିଁ କି ପଡ଼ିଆରେ ମୃଗ ଶାବକମାନେ ଧାଇଁ ଧାଇଁ ଯାଇ ତୃଣଚାରଣ କରୁନାହାନ୍ତି । ଦୁଷ୍ଟ ବାନରମାନେ ମଧ ଶାନ୍ତ, ଧୀର ସନ୍ନ୍ୟାସୀଙ୍କ ତୁଲ୍ୟ ବସି ରହିଛନ୍ତି । ଅଶୋକବନର ପ୍ରଭାତ ପ୍ରତ୍ୟହ ମଧୁମୟ ହେଉଥିବାବେଳେ ଆଜି କିନ୍ତୁ ଖାଁ ଖାଁ ଲାଗୁଛି । ଯେଉଁ ପରିଚାରିକାମାନେ ସବୁଦିନେ ରାତି ପାହିବା ବେଳକୁ ଆସି ସୀତାଦେବୀଙ୍କ ନିକଟରେ ପହଞ୍ଚି ଯାଆନ୍ତି, ସେମାନଙ୍କର ମଧ ଦେଖାନାହିଁ। ମାତା ତ୍ରିଜଟା ବି ପାଖରେ ନାହାନ୍ତି । କେତେବେଳୁ ସେ ମାଟିଘଟରେ ଘଟିଏ ପାଣିଆଣି ରଖି ଦେଇ ଯାଇଛନ୍ତି ତାହା ମଧ ମୁଁ ଜାଣିପାରି ନାହିଁ ପ୍ରୀତିଦା । ମୋ ମନ ଆକାଶରେ ବିଷାଦର କଳାମେଘ । ମୋ ସ୍ୱାମୀ ରଣସମୁଦ୍ରକୁ ମନ୍ଥି ରାବଣକୁ ବଧକରି ସାରିଥିଲେ ମଧ ମୁଁ ଖୁବ୍ ଆନନ୍ଦିତ ହୋଇ ପାରୁନଥାଏ । ପ୍ରତୀକ୍ଷା କରି ରହିଥାଏ ସ୍ୱାମୀ ମୋର କେତେବେଳେ ମୋ ପାଖକୁ ଆସିବେ । ମୋତେ ସ୍ନେହରେ 'ସୀତା', 'ଜାନକୀ' କିମ୍ବା 'ବୈଦେହୀ' ବୋଲି ସମ୍ବୋଧନ କରିବେ ।

ପୂର୍ବ ଦିଗରେ ଉଇଁ ଆସିଲେଣି ସୂର୍ଯ୍ୟଦେବତା । ତାଙ୍କର କଅଁଳ ସୁନାଝରା କିରଣ ଝରି ପଡ଼ିଲାଣି ଆଶ୍ରମର ବଉଳ ଗଛର ଫାଙ୍କେଫାଙ୍କେ । ମାଆ ତ୍ରିଜଟା ପାଖରେ ନଥିଲେ ବି ମୁଁ ଏକାକୀ ସ୍ନାନ ସାରି ଫେରି ଆସିଥାଏ ଅଶୋକବେଦୀ ମୂଳକୁ । କାହାରିକୁ ଅଶୋକବନରେ ମୁଁ ଦେଖିବାକୁ ପାଉ ନଥାଏ । କାଲି ସନ୍ଧ୍ୟାରେ ରାବଣର ମୃତ୍ୟୁ ଖବର ମୁଁ ପାଇସାରିଛି, ହେଲେ ତା ପରର ଅବସ୍ଥା କ'ଣ ହେଲା ମୁଁ ଆଉ କିଛି ଜାଣିପାରୁ ନଥାଏ । ରାବଣ ବଧ ପରେ ମୋ ସ୍ୱାମୀ, ଦିଅର, ହନୁମାନ ଏମାନେ ସବୁ ଗଲେ କୁଆଡ଼େ ?

(କ୍ରମଶଃ)

♥ ଦର୍ଜୀପୋଖରୀ,
ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଆଲୋଚନା

ଅନୀତା ପଟ୍ଟନାୟକ



# ପ୍ରଶ୍ନ ବିପ୍ଳବ

ସହର ରାସ୍ତା ମଝିରେ ହାତୀଟିଏ ଶୋଇଥାଏ। କେଉଁଠାରୁ କେଜାଣି ଧଳା ଠେକୁଆଟିଏ ହାତୀ ପାଖକୁ ଆସି ପଚାରିଲା ଭାଇ ! କ'ଣ ବାଟବଣା ହେଲ କି ? ଏବେ ସିନା ରାତି ସମୟ କିଛି ସମୟ ପରେ ଦିନ ହେବ, ଗାଡି ମଟର ଚଳାଚଳ କରିବ। ହାତୀ କହିଲା ଦେଖୁନୁ ମଣିଷକୁ ଭଗବାନ ବୁଦ୍ଧି ଓ ବିଚାରଣା ଶକ୍ତି ପରି ଦୁଇଟି ଅମୂଲ୍ୟ ଉପହାର ଦେଇଛନ୍ତି। ବୁଦ୍ଧି ଖଟାଇ କିପରି ଦୈନନ୍ଦିନ ଜୀବନରେ ଟିକସ ଫାଙ୍କି କରିବ ଓ ଭଗବାନଙ୍କ ଉପହାର ପାଇଁ ଟିକସ ନ ଦେବ ଓ ଜଙ୍ଗଲ କାଟି ସହର ରାସ୍ତା କାରଖାନା ପ୍ରଭୃତି ଗଢୁଛି। ଏଥିରେ ମାତିଛି ଆମର ସଂଖ୍ୟା ବଢ଼ିଗଲାଣି। ଜଙ୍ଗଲ କମିଗଲାଣି। ତେଣୁ ପ୍ରତିବାଦ କରିବା ସହିତ ମୁଁ ଏଠି ଟିକେ ଶୋଇଛି। ଏକଥାକୁ ପାଖରେ ଯାଉଥିବା ଘୁଷୁରୀଟିଏ ଶୁଣିଲା। କହିଲା ଛି ଛି କି ବୁଦ୍ଧି କି ବିଚରଣାଶକ୍ତିମ। ଆମେ ପଶୁମାନେ ଖାଦ୍ୟ ଖାଉ। ଉଦ୍ଭିଦମାନେ ସାର ଗ୍ରହଣ କରନ୍ତି। ଆମେ ଶୋଇ ବଂଶ ବୃଦ୍ଧି କରୁ ଆମର ଭୟ ଅଛି ମନୁଷ୍ୟର ବି ଭୟ ଅଛି। 'ଆହାର, ନିଦ୍ରା, ଭୟ ମୈଥୁନମ ଚ ସମାନମ ଏତତ୍ ପଶୁର୍ଭିଃ ନରାଣାୟ'।

ଏହି ସମୟରେ କୁକୁରଟିଏ ଆସି ପହଞ୍ଚିଲା କହିଲା ସତ କହୁଛ ଯେ ମଣିଷ ଜାଣିପାରେ ସେ ମଣିଷ। କିନ୍ତୁ ପଶୁ ଜାଣି ପାରେନି ସେ ପଶୁ। ସେଥିପାଇଁ ସେମାନେ ଆମର ଆଚରଣକୁ ସହି ଯାଆନ୍ତି। ପକ୍ଷୀ ବି ତାର ଗୁଣକୁ ବୁଝିପାରେନି। ସେଥିପାଇଁ ମଣିଷ ତାକୁ ଦୟା ଚକ୍ଷୁରେ ଦେଖେ। ଭଗବାନ ମଣିଷକୁ ବିଚାରଣା କରିବାର ଶକ୍ତି ଦେଇଥିଲେ ମଧ ସେ ନିଜର ସ୍ୱରୂପକୁ ଜାଣି ପାରିନଥାଏ। ଭଗବାନ ତାକୁ ଦେଇଥିବା ଉପହାର ଯଥା ଜ୍ଞାନ ଓ ବିଚରଣା ଶକ୍ତି ପାଇଁ ଭଗବାନଙ୍କ ନିକଟରେ କୃତଜ୍ଞ ରହେ ନାହିଁ। ଭଲ ମନ୍ଦ ବିଚାର କରୁନାହିଁ। କେଉଁଟି ପାର୍ଥିବ ଅସ୍ଥାୟୀ କେଉଁଟି ଶାଶ୍ୱତ ସ୍ଥାୟୀ ସେ ବିଚାରଣା ମଧ ତାର ନାହିଁ।

ମଣିଷ ବଡ଼ ଘର କରୁଛି, ଗଦି ପକାଉଛି, ଶୀତ ତାପ ନିୟନ୍ତ୍ରିତ ଯନ୍ତ୍ର ରଖୁଛି। ସେ ପଇସା ପାଇଁ ଭଲ ନିଦରେ ଶୋଇ ପାରୁନାହିଁ। ମଣିଷ ନିଜର ପ୍ରକୃତ ଗୁଣ ବୁଝିବା ଦରକାର। ଦେଖୁନ ଜଙ୍ଗଲ କାଟି ପକାଇ ହାତୀ ଭାଇର କି ଅବସ୍ଥା କରିଛି। ଚନ୍ଦକା ଜଙ୍ଗଲରୁ ଖସି ଆସିଥିବା ବିଲୁଆଟିଏ ଏମାନଙ୍କ ସହ ଯୋଗ ଦେଇ କହିଲା ଶାସ୍ତ୍ର ପୁରାଣ, ପ୍ରାର୍ଥନା, ପୂଜାପାଠ, ଧ୍ୟାନ ପ୍ରଭୃତି ମଣିଷ ନିଜକୁ ଏକ ଉତ୍ତମ ଆତ୍ମା କହି କରୁଛି। ହେଲେ ସେ ପ୍ରକୃତ କ୍ଷିରୀ (ଈଶ୍ୱର) ଖାଇନାହିଁ କିମ୍ବା ତାର ଆତ୍ମ ଚିନ୍ତନ ନାହିଁ। ଏହି ସମୟରେ ସିଂହ ଭାଇ ଆସି ପହଞ୍ଚିଲା। କହିଲା ଆଜି କାଲି ତୁମେମାନେ ମୋ ପରି ରାଜାକୁ ଟିକସ ଦେବା ଭୁଲିଗଲଣି। 'ଯମ ଧର୍ମରାଜ' କଣ ଜାଣିଚ। ମଣିଷ ଟିକସ ନ ଦେଲେ ଯେପରି ତାର ଧନସଂପତ୍ତି ବ୍ୟାଜାପ୍ତି ହୁଏ ମତେ ଖାଦ୍ୟ ନଦେଲେ ଜଙ୍ଗଲରେ ତୁମ ଅବସ୍ଥା ମଧ ସେହିପରି ହେବ। ମଣିଷ ଟିକସ ଦେବାକୁ ଭୁଲି ଯାଉଥିବାରୁ ଭଗବାନ ଜଣେ ଗୁପ୍ତ କ୍ଷୀପ୍ର ଲେଖକ ରଖିଥାନ୍ତି ତାର କାମ ହେଲଣ ମଣିଷର ସବୁ ଭଲ ମନ୍ଦ କର୍ମକୁ ନିଖୁଣ ଭାବରେ ଟିପି ଏକ ତାଲିକା ପ୍ରସ୍ତୁତ କରିଥାଏ। ମଣିଷ ଭିତରେ ଭଗବାନ ଲୁଚି ରହିଥିବାରୁ ଓ କ୍ଷୀପ୍ର ଲେଖକ ମଣିଷର କର୍ମର ତାଲିକା ପ୍ରସ୍ତୁତ କରି ରଖୁଥିବାରୁ ଓ ତାର ଚିତ୍ର ଉତ୍ତୋଳନ କରି ରଖୁଥିବାରୁ ମଣିଷ ଯେତେ ଚେଷ୍ଟା କଲେ ମଧ ତାର କର୍ମଫଳରୁ ନିସ୍ତାର ପାଏ ନାହିଁ। ମଣିଷ ଜାଣିଥାଏ, ଭଲ କର୍ମର ଭଲଫଳ, ଖରାପ କର୍ମର ଖରାପ ଫଳ ଓ ଦିବ୍ୟ କର୍ମର ଦିବ୍ୟ ଫଳ। କିନ୍ତୁ ସେ ତାର ଜୀବନକୁ ଖରାପ କାମ ଓ ଭଲ କାମରେ ସାରିଦିଏ। ଜପ ଓ ଧ୍ୟାନ ପ୍ରଭୃତି ଦିବ୍ୟ କାର୍ଯ୍ୟରେ ନିୟୋଜିତ କରିପାରେ ନାହିଁ। ଠେକୁଆ କହିଲା ଆମର ତ ପାଠଶାଠ ନାହିଁ। ମଣିଷ ଏତେ ଗୀତା, ଭାଗବତ, ରାମାୟଣ, ଧର୍ମସୂତ୍ର ଏତେ ମନ୍ଦିର ବିଭିନ୍ନ ଧର୍ମ କାହିଁକି କରିଛି ? ମୂଷା ଭାଇଟିଏ ଆସି କହିଲା ଏତିକି ଜାଣିନୁ ? ବିଭିନ୍ନ ସାଧୁସନ୍ଥମାନେ ଆସି ବିଭିନ୍ନ ପ୍ରକାର ଦେଶ ଜାତି ଚାଲିଚଳନ ଥିବା ମଣିଷ ମାନଙ୍କୁ ବୁଝାଇବାକୁ ଆସନ୍ତି। କେବଳ ତାଙ୍କ ଭାଷାରେ ବୁଝାଇବା ପାଇଁ ଯେ 'ରାସ୍ତା ଅନେକ କିନ୍ତୁ ଲକ୍ଷ୍ୟସ୍ଥଳ ଏକ'। ରାସ୍ତା କଡ଼ରେ ପଡ଼ିଥିବା ପଥରଟିଏ କହିଲା ଆରେ ଭାଇମାନେ ମୁଁ ମଧ ବିଭିନ୍ନ ପ୍ରକାର କଷ୍ଟ ଯନ୍ତ୍ରଣା ସହୁଛି। ସେହି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ। ଏହି ସମୟରେ ବାଘଟିଏ ଯୋଗ ଦେଇ କହିଲା ମଣିଷ କହେ ମୋ ପାଖରେ ଗର୍ବ ଅଛି କିନ୍ତୁ ସେ ନିଜେ ଗର୍ବୀ। ଭଗବାନ ତାର ପ୍ରତ୍ୟେକ କୋଷରେ ପୁରି ରହିଛନ୍ତି ନିଜର ଗର୍ବ, ଆସକ୍ତି ପାଇଁ ମନଟିକୁ ଖରାପ କରିଦେଇଛି। ଭିତରେ ଥିବା ଆତ୍ମାକୁ ହୃଦୟଙ୍ଗମ କରିପାରୁନି। ବିଭିନ୍ନ ପଥର ମୂର୍ତ୍ତି, ମନ୍ଦିର, ପୂଜା ପାର୍ବଣ କରୁଛି। ମନକୁ ତାର ଭିତରକୁ ନନେଇ ବାହାରେ ବୁଲାଉଛି। ମନ ତାର ଗୋଟିଏ ବଡ଼ ଦୋକାନୀ ଘର ପାଲଟି ଯାଇଛି। ଧ୍ୟାନ କରିବ କ'ଣ ? ଆଖି ବନ୍ଦ କରି ରେଳ, ଉଡାଜାହାଜଟି କିପରି କରିବ। ଆଜି କି କି ଜିନିଷ କିଣିବ, ବନ୍ଧୁତ୍ୱ କିପରି ବଢ଼ାଇବ ସେଥିରେ ମାତିଛି। ମନ ଉପରେ ପ୍ରଭୁତ୍ୱ ହାସଲ କରିପାରୁନାହିଁ। କାମନା ବାସନାକୁ ଖାଲି କରିପାରୁନାହିଁ। ବୁଦ୍ଧି ଓ ବିଚାରଣା ଶକ୍ତି ବ୍ୟବହାର କରି ଭଗବାନଙ୍କୁ ପାଇପାରୁନାହିଁ। ଖାଲି ଜଙ୍ଗଲ କାଟି ଆମକୁ ହଇରାଣ କରୁଛି। ଜଙ୍ଗଲରେ ରହିବାକୁ ଜାଗା ନାହିଁ ଚାଲ ଆମେ ଆଉ ସେଠାକୁ ନଯାଇ ସହର ରାସ୍ତାରେ ମଣିଷ ସହିତ ରହିବା।

♥ ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ କଟକ,
ମୋ : ୯୬୯୨୯୮୦୦୨୬

## କବିତା...

### ॥ ପୁନର୍ଜନ୍ମ ॥

● ନକୁଳଚନ୍ଦ୍ର ସାହୁ



ହୋମାନଳରୁ ଉଠୁଥିବା ସୁବାସିତ ଶିଖା
ବୁଢ଼ା ଜହ୍ନ ପରି ତା'ର ଖୋଜ ଛାଡ଼ି
ଘୁଂଚି ଘୁଂଚି ଯାଉଛି
ସ୍ୱର୍ଗକୁ !

ତମକୁ ମୁଁ ଆଉ କଥା କହୁ ନାହିଁ
ଅଂଧାରପରି କିମ୍ବା ଚଂଦ୍ରାଲୋକପରି
ତମ ମୁଖ ବୁଜି ହୋଇ ଯାଇଛି
ଈଶ୍ୱରଙ୍କ ପାଟିପରି କାହାର ଚାପରେ;

ଜୀବନ ନିଶ୍ଚୟ ମରିବ
ପୁଷ୍ପଟି ମଉଳିବା ପରି ନୀଳ ଡାଳରେ
ସାହାସୀଙ୍କୁ କହିଦିଅ

ରିଅଲ୍, ୱାଂଡରଫୁଲ, ଫ୍ଲାସିଂ...!


ମୁଁ ଅଛି
ମୋ ମୁହୂର୍ତ୍ତ ଖୋଜମାନ ବସେଇ ବସେଇ
ଫେରୁଚି ଜୀବନର ଗୋବର ଲିପା ଅଗଣାରେ
'ଦିସ୍ ୱାଜ୍ ଦି ଡେ ହୋଏନ୍ ସତ୍ୟବାନ ମଷ୍ଟ ଡାଇ' !
ମତେ ଆଉ ମନେ ପକାଅ ନାଇଁ
ଆମ୍ବ ପତ୍ରକୁ ଟିପରେ ନଚାଉଥିବା ପବନ
ମୁଁ କୁଆଡ଼କୁ ଫେରି ଯାଉନାହିଁ
ଫିଟା ଅଛି ଉଠୁଥିବା ହୋମଶିଖାର ଗୁପ୍ତ ଦ୍ୱାର

ଖୋଲିଗଲାଣି ସିଂଦୁରାପରି
ପଛ ରାତିର ବନ୍ଦ କବାଟ
ଜୀବନ ବାସୁଚି ଭୋରପରି
ଭୋରଟେ କ'ଣ ଆସୁଛି !!

♥ଶବ୍ଦଘର, ଗୋଡ଼ିସାହି,
କଟକ-୭୫୪୦୦୨
ମୋ: ୯୩୩୭୩୫୯୮୭୫

### ॥ କେବେ ଆସୁଛ ॥

● ପିନାକୀ ମିଶ୍ର



ସବୁବେଳେ ସେଇ ପୁରୁଣାକଥା ,
ଘଷାମଜା ,
ସେଇସେଇ ଗୁଣବଖାଣ
ନୂଆ ଖବର ନାହିଁକି ତୁମର ?

ପଥରର ବି ଦେହ ଅଛି
ତୁମେ କୋଉ ଦେହରେ ଏବେ ?

ଆମ ଗାଁରେ ବି ତୋଟା ଅଛି
ତୁମ ଛାଇ କି ପାଦଚିହ୍ନ କାହିଁ ?

ସେପଟେ ଦେଉଳିଆ ମଣ୍ଡାପରି ପାହାଡ
ଅଛି ବୁଢୀଆଇ ପରି ନଇ
ଗାଁମୁଣ୍ଡରେ ଦଣ୍ଡେ ଠିଆ ହୁଅନ୍ତି ଗୋଠ
ଏକାସାଥୀରେ ଅଡେଇନିଏ ସନିଆ
ଗୀତ କାଇଁ ନା ବଇଁଶୀ କାଇଁ , କାହିଁ
ବାଉଳି ଧାଇଁ ?

ଦିନକୁଦିନ ଦେଉଳଭିଡ, ଅସମ୍ଭାଳ
ବୃଥା ଲାଗୁଛି ଜୀବନଭୋଗ
ସଂସାର ମିଛ ତୁମେ ସତ ଯେ'
ସତର ଛାଇବର୍ଣ୍ଣ କାହିଁ ?

ମାଟିଘଟରେ ଅଛ ଯଦି ଅସହାୟ ପାଖକୁ
ଆସୁନ ?

ବେଳ ସରି ଆସୁଛି
ତୁମ ଆସିବାବେଳ ତୁମକୁ ଜଣା ହୋ ,
ପାହାନ୍ତାରୁ ଗାଧୋଇ ନାମ ଜପିଜପି -
ଅଧମ ଆତୁର ବାଟବଣା , ଥକିପଡେ ,
ଦେଉଳରେ କାହିଁ ତୁମ ସଠିକ୍ ଠିକଣା ?

ଏ ଗଂଭୀରା ଏ କବାଟ ଏ ପାଚେରୀ
ଏସବୁ ତୁମଲାଗି ନୁହଁ ,
ଲୁଣ୍ଠକ ଆସିଥିଲା ଲୁଣ୍ଠନ ପାଇଁ
ମେରୁଗଣ୍ଡିକି କିଏ ଲୁଚେଇଲା ?
ତୁମେ ଆସିଛ ନା' ଆସିନ ସୁଦୁ ।

ଆଗରୁ ଆସିଛ ପା'
ହଜିଥିବା କବିତାନଇକୁ ଖୋଜି ଆଣିଛ
ସମୁଦ୍ରଲଂଘି
ଯୁଦ୍ଧଭୂଇଁରେ ଉଚ୍ଚାରିଛ ଜୀବନକବିତା
ମନେ ନାହିଁକି ?

ଲୋଡା ପଡିନିକି ଏଯାଏଁ ?
ଆଉ କେତେ ଜଳାପୋଡାକୁ ଅପେକ୍ଷା
ହାଣ ପରେ - ଗଛ ଥାଏ ଯେ' କାନ୍ଦିବ ?
ଅହେତୁକର ଜାଲ ଘୋଡେଇଦେଲାଣି
ପୃଥିବୀକୁ
ତୁମେ ଧ୍ୱଂସର କାରଣ ନୁହଁ ତ ?

ସର୍ଜନା ଜାଣ ସଂହାର ଜାଣ
ଏବେ କୋଉ ପର୍ବ ଚାଲିଛି କି ?

♥ 'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ, କେନ୍ଦୁଝର -୧
(ମୋ) ୯୪୩୮୧୧୮୩୯୭

### ॥ ଚାରୁଲତାର ଶାଢ଼ି ॥

● ଶରତ କୁମାର ଦାସ



ଚାରୁଲତା
ଶାଢ଼ି ଖଣ୍ଡେ ପିନ୍ଧି ବୁଲି ଆସିଲେ
ଜହ୍ନ ଈର୍ଷାରେ ଲୁଚାଏ ମୁହଁ
ତାରାମାନେ ବିଭୋର ହୁଅନ୍ତି
ମହୁଲ ବାସ୍ନାରେ
ଅବେଳରେ ଅନ୍ଧାର ଓହ୍ଲେଇ ଆସେ
ପକ୍ଷୀଙ୍କ ଡେଣାରେ
ଲାଜ ଲାଜ ହସ ଖଣ୍ଡେ
ମୋ ଓଠରେ ଘୂରିବୁଲେ
ସମସ୍ତଙ୍କ ଅଲକ୍ଷ୍ୟରେ

ବିରହିଣୀ ପକ୍ଷୀଣୀଟେ ଚାରୁଲତା
ଭାରି ଗରିବିଣୀ
ଉଡୁଥାଏ
ନିଜ ଇଛା ଆକାଶରେ
ମତେ ଦେଖି ସରମିଯାଏ
ଅସହଜ ଶାଢ଼ିଟାର କାନି ଟେକି ଧରି
ସାପ ପରି ଭିଡି ମୋଡି ହୁଏ

ବେଳେ ବେଳେ
ସେଇ ଚାରୁଲତା
ସମୁଦ୍ର ତୀରରେ
କୁନି କୁନି କଙ୍କଡା ସାଉଁଟେ
ଛୋଟ ଛୋଟ ଶାମୁକାଙ୍କୁ ଧରେ
ମନ ହେଲେ
ଭିଜା ଶାଢ଼ି ପଣତରେ ମୁହଁ ଗୁଞ୍ଜି
ଜହ୍ନଧୁଆ ଆକାଶକୁ
ଚୁମାଟିଏ ଯାଚେ

ଦୁଃଖିନୀ କପୋତୀଟିଏ
ବାହୁନି ବାହୁନି କାନ୍ଦେ
ଗଛ କୋରଡ଼ରେ
ଠିକ୍ ଯେମିତି ଆଜି ଚାରୁଲତା
ଛାତିକୋଡେ, କପାଳ କଚାଡେ
ଏକକିନୀ ଅନ୍ଧାରରେ
ଅନେକ ଦିନ ପରେ

ଦେଖାହେଲେ
ଲୁହଭର୍ତ୍ତି ଅଖି ତା'ର କଥା କହେ

ଅତୀତର ଛୋଟ ବଡ଼ ମଗୁଶୁର କଥା
ପବନରେ ଉଡ଼ିବୁଲୁଥିବା
ଜୀର୍ଣ୍ଣ ପତ୍ର, ପକ୍ଷୀଙ୍କ ବାରତା

ଆଜିକାଲି ବିବର୍ଣ୍ଣ ପାଉଁଶ ତଳେ
କାନ୍ଦୁଥାଏ ଅଖି ଯୋଡ଼େ
ମୁହଁ ପୋତି, ତୁହେଇ ତୁହେଇ
ଚାରୁଲତା ଅଗଣାରେ ଶୁଖୁଥିବା
ବଗରଙ୍ଗ ଶାଢିଟିକୁ ଅନେଇ ଅନେଇ ।

♥ ଘର ନମ୍ବର-୨୬, ପାଲୁର ବଙ୍ଗଳା
ବ୍ରହ୍ମପୁର
(ମୋ) ୯୪୩୭୪୨୩୯୮୫

### ॥ ତୁମ ଗାଁ ଜହ୍ନରାତି ॥

● ଦୀପ୍ତି ଦାସ



କେଉଁ ଦୂର ସାଗର ସେପାରି
ଜହ୍ନ ଆସି ଉଙ୍କିମାରେ
ପ୍ରଥମ ପ୍ରେମିକ ପରି
ଚୋରାଚୋରା ପବନରେ
ଝରକା ଫାଙ୍କରେ
ଭିଜିବାକୁ ତା' ସାଥିରେ
ହଜିବାକୁ ତା' ଗୀତିରେ
ନିରୋଳା ନିବିଡ଼ ସେଇ କୁଆଁରୀ ଲଗ୍ନରେ
ଅନେକ ଉଆଁସଘେରା ଘନ ତିମିରିରେ
ଆସେ ଥିରିଥିରି
ହାତେ ଧରି ନଇ ଆରପାରି
ଅଗସ୍ତି ଫୁଲର ଡାଳେ ବସାବାନ୍ଧି
କହେ ଚୁପିଚୁପି
ଆସ ସଖୀ ବାନ୍ଧିଦେବା ବସା
ଅନ୍ଧାରର କାଗଜ କାଟି
ସଜେଇବା ଜୀବନର ପୁନେଇଁ ପାଖୁଡ଼ା
ଫଗୁଣର ମହକରେ ବୋଳିଦେବା
ପଉଷର ଋତୁ ପତ୍ରଝରା

ବନସ୍ତର ଡାଳେଡାଳେ
ଲେଖିଦେବା ସବୁଜ କବିତା

ଲତାରେ ଲତାରେ ଭରି ଭରା ଶିହରଣ
ଅରୁଆ ଚୁନା ପରି
ଏ ଦେହର ନହୁଲି ରଙ୍ଗରେ
ଆଙ୍କିଦେବା ଚିତ୍ରିତ ମୁରୁଜ
ମହମହ ଋତୁର ଅଗଣା
ପାଣି ଆଉ ପବନ ହୋଇ
ଝରିଯିବ ଝରଝର ପାହାଡ଼ି ଝରଣା
ସତେ ଅବା ସେଇ ଜହ୍ନ ମଉସୁମୀ
ଛୁଇଁଯାଏ ପରସ୍ତ ପରସ୍ତ
ଏ ଦେହର ନିଘନ ବନସ୍ତ
କୁସୁମିତ ଲତାକୁଞ୍ଜେ
ନିରୋଳା ନିଘନ ସଞ୍ଜେ
ଚୁମିଯାଏ ଯେତେସବୁ ବିଗତ ବସନ୍ତ,
ନାଭିରେ ମଳୟ ବିନ୍ଦୁ
ଅଧରେ ମୋ' ଅଧୀର ଚୁମ୍ବନ
ଆଖିରେ ଆଖିରେ ଘେରା
ତାରାଭରା ସ୍ୱପ୍ନନୀଳ
ନୀଳନୀଳ ଅନନ୍ତ ଅନନ୍ତ
ସେଇ ରାତି ନୁହେଁ ନୁହେଁ ପରକୀୟା ପ୍ରୀତି

ସେ ତ ମୋର ପ୍ରଥମ ପ୍ରେମିକ
ଆଉ ଏଇ ଜୀବନର ସାଥୀ

ସ୍ମୃତିର ଶେଫାଳୀଝରା
ଜୋଛନାର ମଧୁଗନ୍ଧ ବୀଥି
ଉଆଁସରେ ଭିଜିଗଲେ
ପବନରେ ହଜିଗଲେ
ପୁଣି ସେ ତ ଜଳୁଥିବ ଆର୍ଦ୍ରା ନକ୍ଷତ୍ରରେ
ଦ୍ୱିତୀୟା ତିଥିରେ
ସତେ ଅବା ତୁମ ଗାଁ ଜହ୍ନରାତି
ଅଭୁଲା ଅଲିଭା ଏଇ
ଜୀବନର ମଧୁଝରା ସ୍ମୃତି ।

♥ ଅରଡ଼ବଜାର, ବାଲେଶ୍ୱର
(ମୋ) ୯୮୬୧୪୬୬୪୫୩

# କବିତା ମୋ ଆତ୍ମାର ନିଷ୍କର୍ଷ : ବୀଣାପାଣି ଦେବତା

**ବୀଣାପାଣି ଦେବତା ଓଡିଆ କଥା ଓ କବିତା ଜଗତରେ ଗୋଟେ ସ୍ୱର୍ଦ୍ଧିତ ଉଚ୍ଚାରଣ । ଖାଲି ଶବ୍ଦର ଆଡମ୍ବରରେ ନୁହେଁ; ଚିନ୍ତାରେ, ଚେତନାରେ ଓ ବକ୍ତବ୍ୟରେ ସ୍ପଷ୍ଟ ଭାବରେ ସେ ବଖାଣି ପାରନ୍ତି ନିର୍ମମ ବାସ୍ତବତାକୁ । ଏକାସାଂଗରେ ଜୀବନର ଅଧର ଓ ମୃତ୍ୟୁର ଓଷ୍ଠକୁ ନେଇ ସେ ଦେଖିପାରନ୍ତି ଜୀବନ ଜିଇଁବାର ସ୍ୱପ୍ନ । ଆଗାମୀ ପିଢି ଆମ ଶିଶୁମାନଙ୍କ ପାଇଁ ବାସଯୋଗ୍ୟ ପୃଥିବୀ ରଖିଯିବାକୁ ଇଚ୍ଛୁଥିବା ଲେଖିକାଙ୍କ ସହ ଏଥରର ଆଳାପ...**



**■ ଅକ୍ଷରେ ବୀଣାପାଣି ଦେବତା...**



ଜନ୍ମ ୨୬ ମାର୍ଚ୍ଚ, ୧୯୬୯
ସମ୍ବଲପୁର, ଜ୍ୟୋତିବିହାରରୁ ଏମ.ଏ ଓ ଏମ.ଫିଲ୍, ବିଶ୍ୱଭାରତୀ
ଠିକଣା : ୧ , ସତ୍ୟ ଡକ୍ଟର ରୋଡ୍, କୋଲକାତା ୭୦୦୦୨୩
ମୋ. -୮୭୭୭୦୯୬୪୩୧

**■ ପ୍ରକାଶିତ ପୁସ୍ତକ ■**

ବୀଜବପନ ୨୦୧୦ ଦ୍ୱିତୀୟ ସଂସ୍କରଣ ୨୦୨୩ , ନଦୀତମା ୨୦୨୧, ଅଗ୍ନିସମା ୨୦୨୪, ଅଂତହୀନ ଶାଂତିନିକେତନ ୨୦୧୮ , ପ୍ରବଂଧ ସଂକଳନ ମହାକବିର ଅଂଗୀକାର ଓ ଅନ୍ୟାନ୍ୟ ପ୍ରବଂଧ ୨୦୧୫, ଲୋକସାହିତ୍ୟ ସପକ୍ଷରେ ୨୦୧୫,ବଂଗଳା ଭଷାରେ ଅନୂଦିତ ହୋଇ ପ୍ରକାଶ ପାଇଛି, ବାଁଚୋ ନଦୀର ମତୋ ବାଁଚୋ, କବିତା ସଂକଳନ ୨୦୧୦ ଓ ପ୍ରବଂଧ ସଂକଳନ ଓଡିଆ ଓ ବାଂଲା ଲୋକଗୀତି ୨୦୨୧ ।

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

**■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ ସପ୍ତମ ଶ୍ରେଣୀରେ ପଢିଲା ବେଳେ ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଝିଅମାନେ ବାଧ ଥିଲେ । ସେଠି ନିଜ ରଚନାର ଗୀତ ଗାଇବା ବୋଧେ ସୃଜନର ଆଦ୍ୟ ସ୍ଫୁରଣ । କଲେଜ ମାଗାଜିନରେ ଲେଖିଥିଲି ଗପ । ସେ ଗପରେ ଅବଶ୍ୟ ନାୟକ ଥିବେ ଆଦର୍ଶବାଦୀ ଶିକ୍ଷୀ । ଜ୍ୟୋତିବିହାରରେ ସ୍ନାତକୋତ୍ତର ପଢିବା ବେଳେ କବିତା ଲେଖା ଓ ଛପା ଆରମ୍ଭ ହୋଇଥିଲା । କବିତା ମୋ ଆତ୍ମାର ନିଷ୍କର୍ଷ । ଜୀବନ କୋଡ଼ିଏ ବର୍ଷ ଧରି ମତେ ମନ୍ଥନ କରିବା ପରେ ଜାତ ହେଲା କବିତା ଓ ଅମୃତାୟନରେ ସମୁଦ୍ର ନାମରେ ଛପା ହୋଇଥିଲା । ଏହା ସହ ସପ୍ତର୍ଷିରେ ମୁଁ କାହିଁକି ନୀର ପାଇଁ ଗଲି କବିତା ଦେଇଥିଲା ମତେ କବିର ସ୍ୱୀକୃତି । ଛୋଟ ପିଲା ଯେମିତି ଚିତ୍ରାଂକନରେ ବିଷୟର ନାମ ବି ଲେଖିଦିଏ ଆମ ଘର, ମୋ ଖେଳନା ସେମିତି ମୁଁ ଶୀର୍ଷକ ପାଖରେ ଚିହ୍ନାଇବାକୁ ଲେଖିଥିଲି -କବିତା । ତାହା ଛପା ହୋଇଗଲା କବିତା ସମୁଦ୍ର ନାମରେ । ଏବେ ସେ ପୃଷ୍ଠାଟି ଦେଖିଲେ ନିଜ ନିରୀହତାରେ ମୁଁ ହସେ । ପ୍ରଥମ ଅନୁଭୂତି ହେଉଛି ଆନଂଦ । ଶିଶୁ ଯେମିତି କିଛି ନବୁଝି ସମସ୍ତଂକ ମୁହଁକୁ ଚାହିଁ ହସେ ମୁଁ ସେମିତି କବିତା ମାଧ୍ୟମରେ ଅନେକ ପ୍ରାଣରେ ବିସ୍ତାରିତ ହେଲି ବୋଲି ଆନଂଦିତ ।

**■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ସାରସ୍ୱତ ପ୍ରେରଣାର ଶ୍ରେୟ ଦେବି ଓଡ଼ିଆ ସାହିତ୍ୟ ପରମ୍ପରାକୁ । ତାର ବର୍ଣ୍ଣମାଳା ଶବ୍ଦ ବାକ୍ୟ ମତେ ସ୍ୱାଦ ରଂଗ ଗଂଧ ଶିଖେଇଛି । ସ୍କୁଲ ଯିବା ଆଗରୁ ବୁଢୀମା କଣ୍ଠରୁ ଶୁଣୁଥିବା ମଥୁରା ମଂଗଳ, ବିଦଗ୍ଧ ଚିଂତାମଣି, ସୀତା ବନବାସର ଛାଂଦମାନ ଗଢୁଥିଲା ମତେ ସାହିତ୍ୟର ପରିବେଶରେ । ଘରେ ପଢା ହେଉଥିଲା ରାମାୟଣ, ମହାଭାରତ, ଲକ୍ଷ୍ମୀପୁରାଣ । ଆଦ୍ୟଗୁରୁର ସମ୍ମାନ ଦେବି ଜୀବନ ଓ ପ୍ରକୃତିକୁ । କବି ହରପ୍ରସାଦ ଦାସ ନବେ ଦଶକରେ ନୂତନ ପ୍ରତିଭାଂକ କବିତା ଅମୃତାୟନର ନବପର୍ବରେ ସ୍ଥାନ ଦେଇ ବିଶ୍ଳେଷଣ କରୁଥିଲେ । ସେଇ ଲେଖା ଅନେକ କବିଂକୁ ଦେଇଥିଲା ଆତ୍ମବିଶ୍ୱାସ । ସେମାନେ ଓଡ଼ିଆ କବିତାକାଶରେ ଝଟକୁଛଂତି । କବି ହରପ୍ରସାଦ ଦାସ ଓଡ଼ିଆ ଭାଷାର ବରିଷ୍ଠ କବି ଭାବେ ଏବେ ମଧ୍ୟ ତାଂକ କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କରି ଚାଲିଛଂତି । ଏଇ ସମାନ ସମୟରେ ସପ୍ତର୍ଷିରେ ପ୍ରକାଶିତ ହୋଇଥିଲା କବିତା ଓ ଗପ । କବି ଗୋପାଳକୃଷ୍ଣ ରଥ ଥିଲେ ସମ୍ପାଦକ । ଜ୍ୟୋତିବିହାରରେ ମୋର ସହପାଠୀ ଥିଲେ ସରୋଜ ମହାଂତି, ନବୀନ ବିଶ୍ୱବଂଧୁ, ଦୀପକ ମିଶ୍ର ପ୍ରମୁଖ । କବିତାପାଠ ହେଉଥିଲା । ସେଇଠି ମଝିମଝିରେ ଯୋଗ ଦେଉଥିଲେ ଅଗ୍ରଜ କବି ଦେବୀଦାସ ମିଶ୍ର । ତାଂକ ପରାମର୍ଶ କବିତାରେ ମୋର ପ୍ରଗଳ୍ଭତାକୁ ଦେଇଥିଲା ସଂଯତ ରୂପ । ଏବେ ଦୁଃଖ ହୁଏ ଓ ବିଶ୍ୱାସ ବି କରିହୁଏ ନାହିଁ ଭାବିଲେ ଯେ କବି ଦେବୀଦାସ ମିଶ୍ର ଆଉ କବିତା ଲେଖୁନାହାଂତି ।

**■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?**

■■ କବିତା ନା କଥା କିଏ ଆନଂଦ ଦିଏ ? କବିତା ଓ ଗଦ୍ୟ ରୂପରେ ଭିନ୍ନ ବୋଲି ଏ ପ୍ରଶ୍ନ ଉଠେ । ବିଶ୍ୱଭାରତୀରେ ଦଶବର୍ଷର ଅନୁଭୂତିକୁ ଭିତ୍ତି କରି ଲିଖିତ ମୋର ଗଦ୍ୟଗ୍ରଂଥ ଡାଏରୀ ଅନ୍ତହୀନ ଶାନ୍ତିନିକେତନ ଏକ ସେତୁ ଭାବରେ ମୁଁ କଳ୍ପନା କରେ । ପ୍ରକୃତ କବିତା ସ୍ୱୟଂଜାତ, ଖାଲି କବି ସମ୍ପାଦନା କରେ କିଂତୁ ଗଦ୍ୟ ଗଢି ହୁଏ ଧୂଳିମାଟିର ବାସ୍ତବ ଧରଣୀରେ । ଗଦ୍ୟ ଶରୀର ହେଲେ କବିତା ଆତ୍ମା । କବିର ଗଦ୍ୟ ମଧ୍ୟ କବିତାଶ୍ରୟୀ ହେବାକୁ ବାଧ । ଏବେ ନୋବେଲ ପୁରସ୍କାର ପାଇଥିବା ଲେଖିକା ହାନ କାଂଗ କାବ୍ୟମୟ ଗଦ୍ୟଶୈଳୀ ପାଇଁ ପ୍ରଶଂସିତ । ଗୋଟେ ପ୍ରସିଦ୍ଧ ପତ୍ରିକାର ପ୍ରଫେସର ସମ୍ପାଦକ କବିତାଶୈଳୀ ବୋଲି ଥରେ ମୋର ଗୋଟେ ପ୍ରବନ୍ଧ ଫେରେଇ ଦେଇଥିଲେ । ଗାଢ ଆବେଗରେ ଢାଳି ହେଲେ ସ୍ୱପ୍ନରେ ଅଭ୍ୟସ୍ତ କବି ଗଦ୍ୟରେ ବି କବି ହୋଇଯାଏ । ଆଶା କରାଯାଏ ଏଥରର ନୋବେଲ ପୁରସ୍କାର ଏଇ ଦ୍ୱଂଦ୍ୱଯୁଦ୍ଧରେ ଇତି ଘଟାଇବ । କବିତା ଅଂତରାତ୍ମାର ଭାଷା । ପୃଥିବୀ ସହ ଆଳାପ କରିବାକୁ ହେଲେ କଥା ଅପ୍ରତିରୋଧ । କଥାରେ ମୋ ସୃଜନ ଜୀବନ ଆରମ୍ଭ ହେଲେ ମଧ୍ୟ କବିତା ମୋର ନିୟତି । ମୋର ଜୀବନ ଯାପନର ଅମ୍ଳଜାନ । ମୁଁ ପ୍ରାର୍ଥନା କରେ ଶେଷ ନିଃଶ୍ୱାସ ଯାଏ ଯେମିତି ମୁଁ କବିତାର ଘରେ ହିଁ ରହିପାରେ । ପ୍ରଥମ କବିତା ସଂକଳନ ବୀଜବପନର ଶେଷ ଧାଡ଼ି କହେ, ମୁଁ ଖାଲି ଗୋଟିଏ କାମ ପ୍ରତି ବିଶ୍ୱସ୍ତ ଥିଲି, ମୁଠା ଖାଲି ହେବା ଯାଏ, ସାରା ରାସ୍ତା ବୀଜ ବୁଣିଗଲି ।

**■ କବିତା ନା କଥା, କିଏ ଦେଇଛି ଅଧିକା ଆନନ୍ଦ ? କୋଉଥିରେ ଆପଣ ବେଶୀ ସ୍ୱଚ୍ଛନ୍ଦ ? ସୃଜନଶୀଳତା କ୍ଷେତ୍ରରେ ଉଦରତାର ଅଭାବ ଏକ ବିରୋଧାଭାସ ଭଳି ମନେହୁଏ, କଣ କହିବେ ?**

■■ ସୃଜନଶୀଳତାରେ ଉଦାରତାର ଅଭାବ କଣ ବିରୋଧାଭାସ ? ହଁ ଏହା ଆସେ ଗୋଷ୍ଠୀକେଂଦ୍ରିକତା ଓ ସ୍ୱାର୍ଥପରତା ଯୋଗୁଁ । ପ୍ରାୟ ପଚିଶ ବର୍ଷ ତଳେ ଏକ ସେମିନାରରେ କବି ଶରତ ପ୍ରଧାନ କହିଥିଲେ, କଲେଜମାନଂକରେ ଚାଳିଶ ହଜାର ଦେଇ ଯେଉଁମାନେ ଅଧ୍ୟାପକ ହେଉଛଂତି ସେମାନେ ଚାଳିଶଟା ପିଢିକୁ ନଷ୍ଟ କରି ଦେଉଛଂତି । ଆଜି ମଧ୍ୟ କୁହାଯାଇପାରେ ଅଯୋଗ୍ୟମାନଂକ ନିଯୁକ୍ତି ଖାଲି ନୁହେଁ ଦୁର୍ନୀତି ପୋଷଣକାରୀ ବ୍ୟବସ୍ଥା ମଧ୍ୟ ଏହା ପାଇଁ ଦାୟୀ । ଅନ୍ୟ କ୍ଷେତ୍ର ସହ ସୃଜନଶୀଳ କ୍ଷେତ୍ରର କିଛି ପାର୍ଥକ୍ୟ ରହିଛି । ୧୯୮୨ରେ ନିର୍ମିତ ସାଥ ସାଥ ସିନେମାରେ ନାୟିକା ଦୀପ୍ତି ନାଭାଲ ଅର୍ଥ ପାଇଁ ଦୁର୍ବଳ ଲେଖା ଛପାଉଥିବା ନାୟକ ଫାରୁକ ଶେଖକୁ କହୁଛି, ତାହେଲେ ଖାଦ୍ୟରେ ଅପମିଶ୍ରଣ କରୁଥିବା ଦୁର୍ନୀତିଗ୍ରସ୍ତଂକ ଠାରୁ ତୁମେମାନେ ଅଲଗା କିପରି ? ତୁମେ ତ ଆହୁରି ଅପରାଧୀ । କାରଣ ତୁମେମାନେ ସଂସ୍କୃତିରେ ଅପମିଶ୍ରଣ କରୁଛ ଯାହା ପରବର୍ତ୍ତୀ ପିଢିକୁ ନଷ୍ଟ କରିଦେବ । ଅର୍ଦ୍ଧ ଶତାବ୍ଦୀ ଭିତରେ ପରିବାର ସମାଜ ରାଜନୀତି ସଂସ୍କୃତିର ଅବକ୍ଷୟରେ ଏବେ ଆମେ କରୁଥିବା ଅଭିଯୋଗ ଏହାର ହିଁ ତ ଫଳଶ୍ରୁତି । ଏହି ପ୍ରଶ୍ନର ଉତ୍ତର ଏକ ମହାନିବଂଧର ଅପେକ୍ଷା ରଖେ ।



ସ୍ମୃତିରେ ଶୈଶବ: ବୁଢୀମା'ଙ୍କ ସହ କୁନି ବୀଣାପାଣି ...

**■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ମାତୃଭାଷା ସଂକଟରେ, ସାହିତ୍ୟ ମୁକ୍ତି ଦେଇ ପାରିବ ? ସାହିତ୍ୟ କ୍ଷେତ୍ରକୁ ଆସିବା ଆଗରୁ ଭାଷା ଯେଉଁଯେଉଁ କ୍ଷେତ୍ରରେ ବହୁଜନ ଉପରେ ପ୍ରଭାବ ପକାଉଛି ସେ କ୍ଷେତ୍ର ସବୁ ସୁଧାରିବାକୁ ହେବ । ଶୁଦ୍ଧ ଓଡ଼ିଆ ଠାରୁ କେତେ ଦୂରବର୍ତ୍ତୀ ହେଲାଣି ସେସବୁ ଭାଷା । ଖବର କାଗଜ, ବିଶେଷ କରି ଆମର ଚାନେଲ ସବୁ । କର୍ପୋରେଟ ଚାକଚକ୍ୟ ବାହାରେ ଦେଖାଇ ଭିତରେ ଯେମିତି ଭାଷାର ହତ୍ୟା କରା ହେଉଛି । ବନାନ ଅଶୁଦ୍ଧି, ଅଣ ଓଡ଼ିଆ ଶବ୍ଦର ପ୍ରଚଳନ, ଉଚ୍ଚାରଣ ଇତ୍ୟାଦି ଦେଖି ମନେ ହେଉଛି ଓଡ଼ିଆ ଭାଷାରେ ଦକ୍ଷତା ନଥିବା ଲୋକ ସହ ଅନେକ ଅଣ ଓଡ଼ିଆ ପଶିଗଲେଣି ଆମର ଏଇ କ୍ଷେତ୍ରକୁ । ଟ୍ରାନସଲେସନ ଆଦି ଟେକ୍ନୋଲୋଜି ବ୍ୟବହାର କରି ଖବର ପରଶା ହେଉଛି । ଭାଷାରେ ବିଶେଷ ଦକ୍ଷତା ତ ଏସବୁ କ୍ଷେତ୍ରରେ ନିଯୁକ୍ତିର ମାନଦଣ୍ଡ ହେବା ବିଧେୟ । ଯଂତ୍ର ନିର୍ଭରତା ମଧ୍ୟ ଦାୟୀ । ସଚେତନ ବ୍ୟକ୍ତି ଏସବୁର ଗ୍ରାହକତା ପରିତ୍ୟାଗ କଲେ କିଛି ପ୍ରଭାବ କଣ ପଡ଼ିପାରେ !

**■ ସାହିତ୍ୟର ଭବିଷ୍ୟତକୁ ନେଇ କେତେ ଆଶାବାଦୀ ? ଗଳ୍ପ କି କବିତା ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?**

■■ ସାହିତ୍ୟର ଭବିଷ୍ୟତ ନେଇ ସତ୍ ଲେଖକ ଆଶାବାଦୀ ନହେଲେ କଲମ ହିଁ ଧରିପାରିବ ନାହିଁ । ବିଶ୍ୱବ୍ୟାପୀ ଯେତେ ସାର୍ଥକ ପରିବର୍ତ୍ତନ ହୋଇଛି ଇତିହାସ କହେ ତା ପଛରେ କେହି ନା କେହି ମହାନ ଲେଖକ ଅଛଂତି । ତେବେ ପ୍ରଥମ ସର୍ତ୍ତ ହେଉଛି ସ୍ୱୟଂ ଲେଖକ ଆଚରଣ ଓ ଉଚ୍ଚାରଣରେ ସତ୍ ହେବ । ନହେଲେ ନୀତିବାଗୀଶର ଭୂମିକାରେ ଛଳ ଅଭିନୟର ମୁଖା ଦିନେ ନା ଦିନେ ଉତୁରିଯିବ । ସାହିତ୍ୟ ମାନସିକତା ପରିବର୍ତ୍ତନ କରି ପାରିବ କି ନାହିଁ କଥାରେ କବୀଂକ ଉକ୍ତି ଉଦାହରଣ ହେଇପାରେ । ରାସ୍ତାରେ ଚାଲୁଚାଲୁ ପଡ଼ିଗଲେ କିଛି ଦୋଷ ନାହିଁ, କିଂତୁ ପଡ଼ିଯିବା ଭୟରେ ଯଦି କେହି ବସି ରହେ ତାହା ଖୁବ୍ ଦୁଃଖର କଥା । କବି ସ୍ୱପ୍ନ ଦେଖେ, ଏବେ ନହେଲା ନାହିଁ ଦଶକ ଶତକ ପରେ ତାର ସ୍ୱପ୍ନ ସଫଳ ହେବ କିଂତୁ ତା ନହୋଇ ଯଦି ହାସ୍ୟକର ଭାବେ ବ୍ୟର୍ଥ ହୁଏ ? ତଥାପି କେମିତି କବିତା ଆଶ୍ରୟ ହୋଇଯାଏ । ବିଗତ ଶତାବ୍ଦୀର ବଂଗଳା କବି ଜୀବନାନଂଦ ଦାଶ ଲେଖିଥିଲେ, କଲିକତା ଦିନେ କଲ୍ଲୋଳିନୀ ତିଲୋତ୍ତମା ହେବ । ଗତ ଅଗଷ୍ଟ ନଅରେ ଡାକ୍ତରୀ ଛାତ୍ରୀଂକ ନୃଶଂସ ଧର୍ଷଣ ଓ ହତ୍ୟା ଆଜି ଦୀର୍ଘ ଦୁଇମାସ ପରେ ଦେଶବ୍ୟାପୀ ଆଂଦୋଳନ ହୋଇ ମଧ୍ୟ ନ୍ୟାୟ ବିଚାରର କ୍ଷୀଣ ଶିଖା ବି ଦିଶୁନାହିଁ । ଅନଶନରେ ସଂକଟାପନ୍ନ ଛାତ୍ରଛାତ୍ରୀଂକ ମଂଚରେ, ଶୋଭାଯାତ୍ରାରେ ପୋଷ୍ଟର ଝଲସୁଛି – ତିଲୋତ୍ତମାର ଭୟ ନାହିଁ , ରାଜପଥ ଆମେ ଛାଡ଼ିନାହୁଁ । ବିଚାର ଯେଉଁଠି ପ୍ରହସନ, ଆନ୍ଦୋଳନ ସେଠି ଆମରଣ । ସାହିତ୍ୟ ତ ସହଯାପନ ଓ ହିତର କଥା ହିଁ କହିବ ।

**■ ଓଡିଆ ସାହିତ୍ୟର ପାଠକଙ୍କୁ ନେଇ କେତେ ଆଶ୍ୱସ୍ତ ? ପାଠକ ସାହିତ୍ୟ ପାଖରୁ ନା ସାହିତ୍ୟ ପାଠକଙ୍କ ପାଖରୁ ଦୂରାଉଛି ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ?**

■■ ଓଡ଼ିଆ ପାଠକ ନେଇ ଆଶ୍ୱସ୍ତ କି କହିଲେ ମୁଁ କହିବି ଗୁଣାତ୍ମକ ଦିଗରୁ ହଁ । ସବୁ କ୍ଷେତ୍ରରେ ବିପର୍ଯ୍ୟୟ ଦେଖାଗଲା ବେଳେ ସାହିତ୍ୟ କ୍ଷେତ୍ର ପୂର୍ବ ଭଳି ସଜାଡ଼ି ହୋଇ ରହିଥିବ ଆଶା କରିବା ବୃଥା । ପାଠକ ଦୂରେଇ ଯାଉଛନ୍ତି ଦୁର୍ବଳ ଲେଖାର ବାହୁଲ୍ୟ ଯୋଗୁଁ । ବାଣିଜ୍ୟିକ ହିସାବୀ ମଥା ଲେଖାର ମାନ କଳନା ନକରି ପ୍ରକାଶ କରୁଛଂତି । ବହି ନା ନିଜ ତୃପ୍ତି ପାଇଁ ସଜାଡ଼ି ରଖୁଛଂତି ଫଟୋ ଆଲବମ ! ଏଥିପାଇଁ ଆମର ଶିଶୁ ସାହିତ୍ୟ କ୍ଷେତ୍ର ଅତ୍ୟଧିକ ଦୁର୍ବଳ । ସବୁ ଭିଡ଼ ସାହିତ୍ୟ ପତ୍ରିକା, ପୁସ୍ତକ ପ୍ରକାଶନରେ ଜମିଥିବାରୁ ସତ୍ ସାହିତ୍ୟ ଆଶାୟୀମାନେ ଆଖି ଫେରାଇ ନେଉଛନ୍ତି । ଅର୍ଥ, ଯୋଗାଯୋଗ ଓ ପ୍ରଚାର ଦକ୍ଷତା ଯୋଗୁ ମାନ ନଥିବା ଲେଖା ଆଗେଇ ଆସିବ ଓ କଳାଟଂକା ଧଳାଟଂକାକୁ ପଛରେ ପକାଇ ଦେବ । ବାହୁଲ୍ୟରେ କ୍ଲାଂତ ହୋଇ ବୋଧେ ଜଣେ ପ୍ରକାଶକ ସମୟ ଉପଯୋଗୀ ଘୋଷଣା କରିଥିଲେ, ପ୍ରକାଶିତ ହେବାକୁ ଯାଉଥିବା ପୁସ୍ତକର ମାନ ନିର୍ଦ୍ଧାରଣ ପାଇଁ ଏକ କମିଟି ଗଠିତ ହେବା ଜରୁରୀ । ଏହା ମଧ୍ୟ ସଫଳ ହେବ ବୋଲି ଆଶା ନାହିଁ । କାରଣ ନିଯୁକ୍ତି ପାଇଁ କମିଟି, ପୁରସ୍କାର ପାଇଁ କମିଟି କେତେ ପ୍ରକାର କମିଟି ହେଇ ମଧ୍ୟ ପୋଖରୀ ପାଣି ସେଇ ଗୋଳିଆ । ଦେଶରେ କ୍ଷୀର କମ୍ ଓ ଘିଅର ପରିମାଣ ବେଶୀ ହେଲେ ସଂଦେହ ଜାତ ହେବା ସ୍ୱାଭାବିକ । ସରକାରୀ ଓ ପ୍ରାପ୍ତିଭାଗ ବେଶୀ ଥିବା କ୍ଷେତ୍ର ସଂଦେହର ପରିସରଭୁକ୍ତ ।

**■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ପୁରସ୍କାରର ଗୁରୁତ୍ୱ କେତେ -ବହୁଳ ଆଲୋଚିତ ଏଇ ପ୍ରଶ୍ନ ଶୁଣି କିଛି ବର୍ଷ ତଳେ ମଲ୍ଲିକା ପତ୍ରିକାର ଏକ ସଭାରେ ଲେଖକ ପ୍ରକାଶ ମହାପାତ୍ରଂକ ଏକ ମଂତବ୍ୟ କାହିଁକି ଖୁବ୍ ମନେ ପଡୁଛି । ସେ କହିଥିଲେ, ମୋର ପ୍ରେମିକା ଛବିଶଟା ଚିଠିରେ ମତେ ଖାଲି ଗୋଟିଏ କଥା କହିଥିଲା ଯେ ମୁଁ ତୁମକୁ ଭଲ ପାଏ । ତେବେ ନିକଟରେ ଏଇ ସମୟର ପ୍ରଖର କବି ଆଶୁତୋଷ ପରିଡ଼ାଂକ ପୁରସ୍କାର ପ୍ରାପ୍ତି ସାର୍ଥକ ବାର୍ତ୍ତା ଦେଇଛି । ଆହା ସବୁବେଳେ ଏଭଳି ଘଟେନା କାହିଁକି ! ସାହିତ୍ୟରେ କେଉଁ ବାର୍ତ୍ତା ଯାଉ ଚାହିଁବେ ପ୍ରଶ୍ନରେ କହିପାରେ ଲେଖକ ଓ କବି ପଚିସଢି ଯାଉଥିବା ବ୍ୟବସ୍ଥା ଦେଖି ନିଶ୍ଚେଷ୍ଟ ହୋଇ ବସି ରହିପାରେ ନାହିଁ । ସେ ଉଠେ, ବାହାରେ, ଚାଲିବା ଆରମ୍ଭ କରେ । କାରଣ ସେ ଦାୟବଦ୍ଧ ଲକ୍ଷକୋଟି ଜନତା ପାଇଁ ଯେଉଁମାନେ ଅସହାୟ ଭାବେ ବଳି ଏଇ ସର୍ବଗ୍ରାସୀ ବ୍ୟବସ୍ଥା ପାଖରେ । ପରିବାର, ସମାଜଠାରୁ ମଧ୍ୟ ଅଧିକ ମଣିଷ ପ୍ରକୃତି ନିକଟରେ ଋଣୀ । ମାଟି, କ୍ଷେତ, ନଦୀ, ଜଂଗଲ, ପାହାଡ଼, ବାୟୁମଣ୍ଡଳ, ଜୀବଜଗତ ଏବେ ଘୋର ବିପଦରେ । ସାହିତ୍ୟିକର ଓ ପ୍ରତିଟି ମଣିଷର ପ୍ରାଥମିକ ଦାୟିତ୍ୱ ଏବେ ତାଂକ ପାଇଁ ଠିଆ ହେବା । ଆଗାମୀ ପିଢି ଆମ ଶିଶୁଂକ ପାଇଁ ବାସଯୋଗ୍ୟ ପୃଥିବୀ ରଖିଯିବାକୁ ହେବ । ନଦୀତମା ପରେ ନିକଟରେ ପ୍ରକାଶିତ କବିତା ପୁସ୍ତକ ଅଗ୍ନିସମାରେ ମୁଁ ଏଇ ବିବେକଶିଖା ଜାଗରଣର କଥା କହିଛି ।



ସ୍ୱାମୀଙ୍କ ସହ କବି ବୀଣାପାଣି ଦେବତା...



ଭାଇ, ଭଉଣୀ ଓ ବାପାଙ୍କ ସହ ବୀଣାପାଣି...ସ୍ମରଣୀୟ ମୁହୂର୍ତ୍ତର ସ୍ମୃତିଚିତ୍ର...

# ପ୍ରିୟ ପାଠକ- ଲେଖକଙ୍କ ପାଇଁ ପ୍ରେମ ଓ ପ୍ରେରଣାର ପ୍ରକୃତ ଈଶ୍ୱର...



**ରବି ପଣ୍ଡା**

ସୋନପୁରର ଲେଖକ ଦୀପକ ରଞ୍ଜନ ମିଶ୍ର। ସେ 'ଆମ ସମୟର ସୃଜନୀ'ର ଚତୁର୍ଥ ବର୍ଷ, ପ୍ରଥମ ସଂଖ୍ୟା-୨୦୦୫ରେ ପ୍ରକାଶ ପାଇଥିବା ମୋର 'ଗଛ' ଗପ ପଢ଼ି ତାଙ୍କର 'ପ୍ରାପ୍ତେଷୁ' ପୁସ୍ତକରେ ସେ ଲେଖିଛନ୍ତି ପ୍ରାପ୍ତେଷୁ: ଶ୍ରୀ ରବିପଣ୍ଡା, ସାରସ୍ୱତ ପ୍ରଣାମ। ଆଜକୁ ପ୍ରାୟ ୧୨ ବର୍ଷ ପୂର୍ବେ ଦିଲ୍ଲୀରୁ ପ୍ରକାଶିତ 'ଆମ ସମୟର ସୃଜନୀ'ରୁ ପଢ଼ିଥିଲି ଆପଣଙ୍କ ଲିଖିତ ଗଳ୍ପ 'ଗଛ'। ସେଇ ଦିନରୁ ଆଜିଯାଏ ଭୁଲିପାରିନି ତାକୁ। ସବୁଦିନ ତାକୁ ପାଖରେ ରଖିବାପାଇଁ ଆମ ବାରିପଟେ ଥିବା ଆମ୍ବ ଗଛକୁ ମୁଁ 'ଠୁକୁରି ଆମ୍ବ' ନାମରେ ନାମିତ କରିଛି।

## ପ୍ରିୟ ପାଠକ-୩୮

ସାହିତ୍ୟ ଜୀବନ ନୁହେଁ କିନ୍ତୁ ଜୀବନ ସୋପାନ ସୋପାନ ସାହିତ୍ୟ। ମୋ ଜୀବନ ସହିତ ସାହିତ୍ୟ କିପରି ସଂପୃକ୍ତ ହେଲା ଭାବିଲାବେଳକୁ ମୋର ଅତୀତ ଜୀବନର ବହୁ ସ୍ମୃତି ସାମ୍ନାରେ ଠିଆହୋଇଯାଆନ୍ତି। ଆଉ ଲାଗେ ସେଇ ସ୍ମୃତିମାନେ ହିଁ ମୋ ସୃଜନର ପୃଷ୍ଠଭୂମି। ଜୀବନକୁ ଏମିତି ଜିଇବା ଆଉ ଆବେଗପୂର୍ଣ୍ଣ ଜୀବନ ଜିଇବା ଭିତରେ ଯେଉଁ ସୂକ୍ଷ୍ମ ପାଥର୍କ୍ୟଟି ଥାଏ, ସେଇଠି ଅଟକି ଥାଏ ସୃଜନଶୀଳତା। ଆବେଗ ପ୍ରବଣ ହୃଦୟଟିରେ ସମାହିତ ଥାଏ ସାମୂହିକ ସ୍ୱର। ସୁତରାଂ ସୃଜନଶୀଳ ସ୍ରଷ୍ଟାଟିର ବ୍ୟକ୍ତିଗତ କିଛି ନଥାଏ। ତା'ଜୀବନର ସ୍ୱପ୍ନ ସମ୍ଭାବନା, ଦୁଃଖ, ନୈରାଶ୍ୟ, ଅଭାବ ସଂଘର୍ଷ ଯେପରି ସମାଜ ଜୀବନ ସହିତ ଯୋଡ଼ି ହୋଇଯାଏ। ତା'ର ପୀଡ଼ା ହେଇଯାଏ ନୈର୍ବ୍ୟକ୍ତିକ ନିରପେକ୍ଷ। ସୁତରାଂ ପାଠକଟି ଯଦି ଗପ / ଉପନ୍ୟାସ ଭିତରୁ ନିଜକୁ ପାଏ, ଚରିତ୍ରର ଅନୁରୂପ ବୋଲି ଭାବିନିଏ, ତା'ହେଲେ ତା' ସୃଜନ ହେଇଯାଏ ସାର୍ଥକ। ପ୍ରିୟ ପାଠକ ପ୍ରସଙ୍ଗରେ ଏତେ କଥା କହିବାର ତାତ୍ପର୍ଯ୍ୟ ହେଉଚି ମୋ ଗପକୁ ଭଲପାଉଥିବା, ମୋ ଗପରେ ନିଜକୁ ପାଇ ଖୁସି ହେଉଥିବା ପାଠକ ସଂଖ୍ୟାର ଆକଳନ କରିବାର କୌଣସି ନିର୍ଦ୍ଦିଷ୍ଟ ମାପଦଣ୍ଡ ମୋ ପାଖରେ ନାହିଁ। ସବୁ ସଂତୁଷ୍ଟପାଠକ ମଧ ଲେଖକ ସହ ଯୋଗାଯୋଗରେ ନଥା'ନ୍ତି। ଗପ ଭଲ ତ ପାଠକ ଖୁସ୍, ଲେଖକ ସେଠି ଗୌଣ। ତାକୁ ଖୁସି କି ବିଷାଦ ଜଣାଇବାର କ'ଣ ବା ଥାଏ।

ତେବେ କିଛି କିଛି ପାଠକ ଲେଖକଙ୍କ ପାଇଁ ପ୍ରିୟ ସ୍ମୃତିର ଆଧାର ହେଇଥାଆନ୍ତି ସବୁବେଳେ। ସେମାନଙ୍କର ଖଣ୍ଡିଏ ଖଣ୍ଡିଏ ଚିଠି ଲେଖକକୁ କେବଳ ପ୍ରେରଣା ଦେଇ ନଥାଏ ବରଂ ଭରି ଦେଇଥାଏ ଗଭୀର ଆତ୍ମବିଶ୍ୱାସ। ସେ ଚିଠି ସବୁ ଲେଖକ ପାଇଁ ହେଇ ରହିଥାଏ ଅମୂଲ୍ୟ, ଦୁର୍ମୂଲ୍ୟ। ଆଜିକାଲି ଲେଖକ ପାଖକୁ ଆଉ ସେହି ଆବେଗଭରା ଅକ୍ଷର ଭିତରେ ପାଠକ ହୃଦୟର ଉତ୍କଣ୍ଠା ଓ ଉଦ୍‌ବେଳନ ଆସେନା, ଆସେ ଫୋନ୍ କଲ୍‌ଟିଏ କି ଧାଡ଼ିକିଆ ମେସେଜ୍‌ଟିଏ, ଯା ଭିତରେ ପାଠକର ଅମୂର୍ତ୍ତ ଆନନ୍ଦର ବିହ୍ୱଳ ଝଲକଟି ନଥାଏ।

ଅଶୀଦଶକ ଶେଷଆଡ଼କୁ ମୁଁ କବିତା ଛାଡ଼ି ଗପକୁ ମୁହାଁଇଥାଏ। କିନ୍ତୁ ଗପ ଲେଖିବାର ଆଗ୍ରହକୁ ଆତ୍ମବିଶ୍ୱାସ ନିଅଣ୍ଟ ପଡୁଥାଏ। କେତୋଟି ଗପ ଅବଶ୍ୟ ଆଂଚଳିକ ପତ୍ରପତ୍ରିକାମାନଙ୍କରେ ପ୍ରକାଶ ପାଉଥାଏ। ଚିତ୍ତରେ କିନ୍ତୁ ସନ୍ତୋଷ ନଥାଏ। ଏଇଭଳି ସମୟରେ ଉଣେଇଶିଶହ ଅଠାଅଶୀ ମସିହା ଜୁନ୍ ମାସ ସଂଖ୍ୟା କଥାରେ ପ୍ରକାଶ ପାଏ ମୋର ଗପ 'ବରଫ'। ସେତେବେଳେ ବି ଆଜି ଭଳି କଥା ଚର୍ଚ୍ଚିତ ଓ ଆକାଂକ୍ଷିତ ପତ୍ରିକା। ସେ ଗପ ପ୍ରକାଶ ପାଇଲା ପରେ ମୁଁ ବହୁ ପାଠକଙ୍କୁ ଭଲ ଲାଗିଥିବାର ଚିଠି ପାଇଲି। ଫୋନ୍‌ର ସୁବିଧା ତ ଆଦୌ ନଥାଏ କହିଲେ ଚଳେ। ପରବର୍ତ୍ତୀ ଜୁଲାଇ ମାସ ସଂଖ୍ୟାର ଆପଣଙ୍କ 'ଚିଠି' ସ୍ତମ୍ଭରେ କିନ୍ତୁ ବହୁପାଠକଙ୍କ ସଂତୁଷ୍ଟି ବାର୍ତ୍ତା ଥାଏ। ଏସବୁ ସେତେବେଳେ ମୋ ଭିତରେଏକ ଉତ୍ସାହର ସ୍ରୋତ ପ୍ରବାହିତ କରୁଥାଏ। ଆସ୍ଥା ଓ ଦମ୍ଭ ସଂଚାର କରୁଥାଏ ଯେ ମୁଁ ଗପ ଲେଖି ପାରିବି ଓ ଭଲ ଗପ ବି। ସେଇ କେତେବର୍ଷ ଭିତରେ ମୁଁ ଗୁଡ଼ାଏ ପାଠକପ୍ରିୟ ଗପ ଲେଖି ସାରିଥିଲି ଓ ଅନେକ ଗୁଡ଼ାଏ ଚିଠି ମଧ ପାଇଥିଲି।

ଏହା ପ୍ରାୟ ତିରିଶି ପଇଁତିରିଶି ବର୍ଷ ତଳର କଥା। ବହୁତ ଚିଠି ହଜି ଲିଭି ଗଲାଣି।

ତଥାପି କିଛି ଚିଠି ରହିଯାଇଚି ସଂରକ୍ଷିତ। ପ୍ରିୟ ସ୍ମୃତିର ସ୍ମାରକୀ ହେଇ। ନୂଆନୂଆ ଗପ ଲେଖୁଥିଲା ବେଳର ଏ ଚିଠି ସବୁ କମ୍ ଉତ୍‌ପ୍ରେରିତ କରିନାହିଁ ମୋତେ। ସେ ଚିଠି ସବୁ ଏବେ ପଢ଼ିଲେ ଗୋଟେ ଅପୂର୍ବ ଆନନ୍ଦରେ ମନ ଉତ୍‌ଫୁଲ୍ଲିତ ହେଇଯାଏ। ଅନେକ ଚିଠି ଭିତରୁ ଦୁଇ ତିନୋଟିକୁ ଉଲ୍ଲେଖ କରିବି, ଯାହା ପ୍ରମାଣ କରିବ ପ୍ରିୟ ପାଠକଟି କିପରି ଜଣେ ଲେଖକ ପାଇଁ ପ୍ରେରଣାର ସ୍ରୋତ ପରି ଅବିସ୍ମୃତ ରହିଯାଏ ଚିରକାଳ।

ଏ ଚିଠିଟି ଆସିଥିଲା ତା ୨୮.୦୧.୧୯୯୧ ମସିହାରେ। ପାଠକ ଥିଲେ ଗୋପୀନାଥ ଦାଶ, ବ୍ରାହ୍ମଣ କୁଶଡିହ, ଆଙ୍କୁଲାଛତି, ପୁରୀ। ସେ ଲେଖିଥିଲେ; ସମ୍ମାନନୀୟ ରବିବାବୁ, ବିନମ୍ର ନମସ୍କାର। ଅନେକ ଦିନରୁ ଚିଠିଟିଏ ଲେଖିବା ମୋର ଉଚିତ ଥିଲା। ଅଥଚ ହେଳାରେ ହେଳାରେ ଏମିତି ଅଟକି ଗଲି। 'ବରଫ' ଗପଟିକୁ କଥାରୁ ପଢ଼ିଥିଲି ୧୬ଥର। 'ବରଫ' ମୋ ଭଳି ପୋଷ୍ଟ ଗ୍ରାଜୁଏଟ୍‌ଟିଏ ପାଇଁ ଅନେକ ଖୋରାକ ଯୋଗାଇଛି। ଅନେକ ଅଶ୍ରୁ ଦେଇଛି। ମୋ ଚେତନାକୁ ଜାବୁଡ଼ି ଧରିଛି ଏଯାବତ୍। ଏବେ କଥାରୁ 'କୂର୍ମ' ଏବଂ ନବଲିପିରୁ 'ଦୁଃଖ ଅପ୍ରମିତ' ପଢ଼ିଲି। ପୁନଶ୍ଚ ସେଇ କଥାକୁ ଦୋହରାଉ ନାହିଁ। ଖାଲି ଆପଣଙ୍କ ହାତଲେଖା ଅକ୍ଷରଗୁଡ଼ିଏ ଦେଖିବାପାଇଁ ପ୍ରବଳ ଆକାଂକ୍ଷା। ଆପଣଙ୍କ ଲେଖନୀର ଚଲାପଥରେ ଫୁଲଚନ୍ଦନ ବର୍ଷୁ, ଏଇ କାମନା।

ଆଉ ଗୋଟେ ଚିଠି ଆସିଥିଲା ୯.୪.୧୯୯୧ରେ। ଲେଖିଥିଲେ ରବି ରାଉତ, ଲକ୍ଷ୍ମଣନାଥ, ବାହାଳ, ବାଲେଶ୍ୱରରୁ। ଲେଖିଥିଲେ, ମହାଶୟ, ଆପଣଙ୍କ ଗପ 'ମିଛ ସତର ଜୀବନ' ପଢ଼ି ମୁଁ ବୋଲ୍‌ଡ, କ୍ଲିନ୍ ବୋଲ୍‌ଡ। ଚମତ୍କାର ପ୍ଲଟ୍ ଓ ସଂପୂର୍ଣ୍ଣ ନୂତନ ଆଙ୍ଗିକରେ ନୂତନତ୍ୱର ସ୍ୱାଦ। ପାଠକକୁ ଥ୍ରୀଲ୍‌ଡ କରାଇ ଦେବାକୁ ଆପଣଙ୍କର ଚାତୁରୀ ସଫଳ।

କିଛି କିଛି ପାଠକ ଲେଖକଙ୍କ ପାଇଁ ପ୍ରିୟ ସ୍ମୃତିର ଆଧାର ହେଇଥାଆନ୍ତି ସବୁବେଳେ। ସେମାନଙ୍କର ଖଣ୍ଡିଏ ଖଣ୍ଡିଏ ଚିଠି ଲେଖକକୁ କେବଳ ପ୍ରେରଣା ଦେଇ ନଥାଏ ବରଂ ଭରି ଦେଇଥାଏ ଗଭୀର ଆତ୍ମବିଶ୍ୱାସ। ସେ ଚିଠି ସବୁ ଲେଖକ ପାଇଁ ହେଇ ରହିଥାଏ ଅମୂଲ୍ୟ, ଦୁର୍ମୂଲ୍ୟ। ଆଜିକାଲି ଲେଖକ ପାଖକୁ ଆଉ ସେହି ଆବେଗଭରା ଅକ୍ଷର ଭିତରେ ପାଠକ ହୃଦୟର ଉତ୍କଣ୍ଠା ଓ ଉଦ୍‌ବେଳନ ଆସେନା, ଆସେ ଫୋନ୍ କଲ୍‌ଟିଏ କି ଧାଡ଼ିକିଆ ମେସେଜ୍‌ଟିଏ, ଯା ଭିତରେ ପାଠକର ଅମୂର୍ତ୍ତ ଆନନ୍ଦର ବିହ୍ୱଳ ଝଲକଟି ନଥାଏ।

ଆଉ ଗୋଟେ ସ୍ମରଣୀୟ କଥା ଉଲ୍ଲେଖ କରିଛନ୍ତି ସୋନପୁରର ଲେଖକ ଦୀପକ ରଞ୍ଜନ ମିଶ୍ର। ସେ 'ଆମ ସମୟର ସୃଜନୀ'ର ଚତୁର୍ଥ ବର୍ଷ, ପ୍ରଥମ ସଂଖ୍ୟା-୨୦୦୫ରେ ପ୍ରକାଶ ପାଇଥିବା ମୋର 'ଗଛ' ଗପ ପଢ଼ି ତାଙ୍କର 'ପ୍ରାପ୍ତେଷୁ' (ପ୍ରକାଶକାଳ-୨୦୧୮) ପୁସ୍ତକରେ ଲେଖିଛନ୍ତି ପ୍ରାପ୍ତେଷୁ: ଶ୍ରୀ ରବିପଣ୍ଡା, ସାରସ୍ୱତ ପ୍ରଣାମ। ଆଜକୁ ପ୍ରାୟ ୧୨ ବର୍ଷ ପୂର୍ବେ ଦିଲ୍ଲୀରୁ ପ୍ରକାଶିତ 'ଆମ ସମୟର ସୃଜନୀ'ରୁ ପଢ଼ିଥିଲି ଆପଣଙ୍କ ଲିଖିତ ଗଳ୍ପ 'ଗଛ'। ସେଇ ଦିନରୁ ଆଜିଯାଏ ଭୁଲିପାରିନି ତାକୁ। ସବୁଦିନ ତାକୁ ପାଖରେ ରଖିବା ପାଇଁ ଆମ ବାରିପଟେ ଥିବା ଆମ୍ବ ଗଛକୁ ମୁଁ 'ଠୁକୁରି ଆମ୍ବ' ନାମରେ ନାମିତ କରିଛି। ସେଇଗଛକୁ ଦେଖିଲେ ଖୁବ୍ ମନେପଡ଼ନ୍ତି ଆପଣ। ଅରୁଣ ଗୋଭିଲ କହିଲେ ଯେମିତି ରାମଚନ୍ଦ୍ର ତଥା ନିତୀଶ ଭରଦ୍ୱାଜ କହିଲେ ଯେମିତି କୃଷ୍ଣ, ଠିକ୍ ସେମିତି ରବିପଣ୍ଡା କହିଲେ ମୁଁ ଠୁକୁରି ଆମ୍ବକୁ ବୁଝେ।

କୋଲକାତାର କବି, ଆଲୋଚିକା ଡ. ବୀଣାପାଣି ଦେବତା ଲେଖିଥିଲେ, 'ନବଲିପି'ରୁ 'କାଉ' ଗପ ପଢ଼ିଲାପରର ଅନୁଭୂତି ଏବେ କହୁଛି, ନିଦ ଭାଙ୍ଗିବାରେ ବିଳମ୍ବ ହେଲେ ମୋର ଝରକାରେ କୁଆ, ପାରା, ବଣି, ଘରଚଟିଆଙ୍କ ଚଞ୍ଚୁର ଠୁକ୍‌ଠୁକ୍, ଡେଣା ଫଡ଼ଫଡ଼ ମନେ ପକେଇଦିଏ ଆପଣଙ୍କ 'କାଉ' ଗପ। କିଛିଦିନ ବାହାରକୁ ଗଲେ ଝରକା ବାହାରେ କିଛି ଖାଦ୍ୟର ବ୍ୟବସ୍ଥା କରି ରଖିବାକୁ ମୋତେ ପ୍ରଚୋଦିତ କରିଛି ଗପଟି। ଆଶା କରୁଛି ଆପଣଙ୍କ ସବୁ ଗପ କାହାକୁ ନା କାହାକୁ ଏମିତି ପ୍ରେଚାଦନା ବା ପ୍ରେରଣା ଦେଇ ଚାଲୁଥାଉ।



**ପ୍ରିୟ ପାଠକ**

ଏମିତି ଏମିତି ଚିଠି ଓ ବାର୍ତ୍ତା ଲେଖକକୁ ବିଲକୁଲ ତଲ୍ଲୀନ ଓ ଭାବପ୍ରବଣ କରିଦେବାକୁ ଯଥେଷ୍ଟ। ଲେଖା ମାଧ୍ୟମରେ କେତେ ଅଜଣା, ଅଶୁଣା ପାଠକ ଲେଖକ ପାଇଁ ପ୍ରିୟ ପାଠକ ଠାରୁ ଆହୁରି ଉର୍ଦ୍ଧ୍ୱକୁ ଯାଇ ଆପଣାର ହେଇଯାଆନ୍ତି, ହେଇଯାଆନ୍ତି ଅବିଚ୍ଛିନ୍ନ ପ୍ରେରଣାର ସ୍ରୋତ। ସତରେ, ହୃଦୟଗ୍ରାହୀ ପାଠକ ନଥିଲେ ନା ଲେଖକ ହେଇପାରନ୍ତା ସୃଜନମୁଖର ନା ସଂକଳ୍ପିତ ସାଧନାରେ ଭାସ୍ୱର ! ସେଇଥିପାଇଁତ ପାଠକ ସବୁଦିନ ଲେଖକ ପାଇଁ ପ୍ରେମ ଓ ପ୍ରେରଣାର ପ୍ରକୃତ ଈଶ୍ୱର।

♥ ଭୁବନେଶ୍ୱର
ମା :୯୪୩୭୨୭୫୮୮

---

**ମୁଖ୍ୟ ପ୍ରସଙ୍ଗ**

# ଧାରା ୩୭୦ ପ୍ରସଙ୍ଗରେ ସ୍ୱପ୍ନ ଦେଖୁଛନ୍ତି ବିଚ୍ଛିନ୍ନତାବାଦୀ



**ଗୋପାଳ ମହାପାତ୍ର**

ରାଜନୀତିରେ ସାଧାରଣତଃ ରାଜନେତା ଯାହାକିଛି କହିଥାନ୍ତି ତାକୁ କଦବା କ୍ୱଚିତ କାର୍ଯ୍ୟକାରୀ କରିଥାନ୍ତି। କିନ୍ତୁ ଯାହା କହିନଥାନ୍ତି ତାକୁ କାମରେ କରି ଦେଖାଇଥାନ୍ତି। ଏହାକୁ ଉଚ୍ଚାରଣରେ ପାର୍ଥକ୍ୟ କୁହାଯାଏ। ଜାମ୍ମୁ-କାଶ୍ମୀରର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଗଣମାଧ୍ୟମକୁ କହିଥିଲେ ଯେ ସେ ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମିଳିମିଶି କାମ କରିବେ। ଜାମ୍ମୁ- କାଶ୍ମୀର ବିଧାନସଭା ନିର୍ବାଚନ ସମୟରେ ଉମର ଗଣମାଧ୍ୟମକୁ ଦେଇଥିବା ସାକ୍ଷାତ୍‌କାରରେ ଥରେ ମାତ୍ର କହିନଥିଲେ ଯେ ଯଦି ସେ ମୁଖ୍ୟମନ୍ତ୍ରୀ ହେବେ ତେବେ ବିଧାନ ସଭାରେ ଧାରା ୩୭୦କୁ ପୁନର୍ବାର ଲାଗୁ କରାଯିବା ପାଇଁ ପ୍ରସ୍ତାବ ଆଣିବେ। କିନ୍ତୁ ନଭେମ୍ବର ୪ ତାରିଖରେ ଜାମ୍ମୁ- କାଶ୍ମୀରର ବିଧାନସଭା ଅଧିବେଶନ ଆରମ୍ଭ ହେବାର ୩ୟ ଦିନ ଅର୍ଥାତ୍ ୬ତାରିଖରେ ଧାରା ୩୭୦କୁ ପୁନଃ ଲାଗୁ କରାଯିବା ପାଇଁ ପ୍ରସ୍ତାବ ଆସିଥିଲା। ଜାମ୍ମୁ-କାଶ୍ମୀରର ନ୍ୟାସନାଲ କନଫରେନ୍ସ ଏବଂ ଉମର ଅବଦୁଲ୍ଲା ସରକାର ବିଧାନସଭାରେ ବହୁମତ ଥିବା କାରଣରୁ ନଭେମ୍ବର ୬ ତାରିଖରେ ଧାରା ୩୭୦ର ପୁନଃ ଲାଗୁ କରାଯିବା ଓ ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯିବା ପ୍ରସ୍ତାବକୁ ଧ୍ୱନି ମତରେ ଗୃହୀତ କରାଇ ଦେଇଥିଲେ। ଏ ସବୁରୁ ସ୍ପଷ୍ଟ ଯେ ଜାମ୍ମୁ- କାଶ୍ମୀରରେ ବିଚ୍ଛିନ୍ନତାବାଦ ଏବଂ ତୁଷ୍ଟିକରଣ ରାଜନୀତି ପୁଣି ଆରମ୍ଭ ହୋଇଯାଇଛି। ବିଧାନସଭାରେ ଗୃହୀତ ପ୍ରସ୍ତାବରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ଯେ ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରସଙ୍ଗରେ କେନ୍ଦ୍ର ସରକାର ରାଜ୍ୟ ଜନପ୍ରତିନିଧି ମାନଙ୍କ ସହ ଆଲୋଚନା କରନ୍ତୁ। ବିଧାନସଭାରେ ଜାମ୍ମୁ-କାଶ୍ମୀରର ଉପ ମୁଖ୍ୟମନ୍ତ୍ରୀ ସୁରିନ୍ଦର ସିଂହ ଚୌଧୁରୀ ପ୍ରସ୍ତାବ ଆଗତ କରଥିଲେ। ସୁରିନ୍ଦର ସିଂହଙ୍କୁ ପ୍ରସ୍ତାବ ଆଗତ କରିବା ପାଇଁ ଚୟନ କରାଯିବାର ଉଦେଶ୍ୟ ସ୍ପଷ୍ଟ ଯେ ଭାରତୀୟ ଜନତା ପାର୍ଟି ଏହାକୁ ସାମ୍ପ୍ରଦାୟିକ ରଙ୍ଗ ଦେଇ ପାରିବ ନାହିଁ। କିନ୍ତୁ ବିଜେପି ବିଧାୟକମାନେ ପ୍ରସ୍ତାବକୁ ବିରୋଧ କରିଥିଲେ। ବିଜେପିର ଏକ ନିଶାନ ଏକ ବିଧାନ ଏବଂ ରାଷ୍ଟ୍ରବାଦ ପ୍ରତି ପ୍ରତିବଦ୍ଧତାକୁ ଦୋହରାଇ ପ୍ରସ୍ତାବକୁ ବିରୋଧ କରିବା ସହ ପୁନଃ ୩୭୦ ଧାରା ଲାଗୁ ଅସମ୍ଭବ ବୋଲି କହିଛି ବିଜେପି।

ଏ ପ୍ରସଙ୍ଗରେ ସର୍ବ ପ୍ରଥମେ ଜାଣିବାର କଥା ହେଉଛି ଯେ ଜାମ୍ମୁ-କାଶ୍ମୀରକୁ ଏବେ ଧାରା ୩୭୦ ଅନୁସାରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିବା ଅସମ୍ଭବ। କାରଣ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏହି ଧାରା ୩୭୦ର ସମାପ୍ତିକୁ ପୂର୍ଣ୍ଣତଃ ସାମ୍ବିଧାନିକ ଓ ବୈଧ ବୋଲି କହିଛନ୍ତି। ଏବେ ସୁପ୍ରିମକୋର୍ଟରେ ଏ ପ୍ରସଙ୍ଗରେ ଯଦି ପୁନଃ ବିଚାର ପାଇଁ ମାମଲା ଦାଏର କରାଯାଏ ତେବେ କୋର୍ଟ ତାଙ୍କ ରାୟର ସମୀକ୍ଷା କରିପାରନ୍ତି। ୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ସଂସଦରେ ପୂର୍ଣ୍ଣ ବହୁମତରେ ଧାରା ୩୭୦ ଉଚ୍ଛେଦ ପ୍ରସ୍ତାବ ଗୃହୀତ ହୋଇଛି ଓ ପ୍ରସ୍ତାବ ଅନୁସାରେ ପୂର୍ବର ଜାମ୍ମୁ- କାଶ୍ମୀର ରାଜ୍ୟକୁ ଦୁଇଟି କେନ୍ଦ୍ର ଶାସିତ ରାଜ୍ୟରେ ପରିଣତ କରାଯାଇଛି। ଅନ୍ୟ ପକ୍ଷରେ ଧାରା ୩୫ (ଏ) କୁ ରାଷ୍ଟ୍ରପତି ରଦ୍ଦ କରି ଦେଇଛନ୍ତି। ଧାରା ୩୫ (ଏ) ଅନୁସାରେ ମଧ୍ୟ ଜାମ୍ମୁ- କାଶ୍ମୀରର ଲୋକଙ୍କୁ ବିଶେଷାଧିକାର ମିଳିଥିଲା। ଏଥିରେ ସେମାନଙ୍କ ନାଗରିକତା ଓ ସମ୍ପତ୍ତିର ଅଧିକାର ସଂରକ୍ଷିତ ଥିଲା। କିନ୍ତୁ ଧାରା ୩୭୦କୁ ଲାଗୁ କରାଯିବା ବେଳେ ଭାରତର ପ୍ରଥମ ମନ୍ତ୍ରୀମଣ୍ଡଳ ବା ନେହେରୁ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ବିଜେପି (ପୂର୍ବର ଜନସଂଘ)ର ସଂସ୍ଥାପକ ଡ଼କ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଶିକ୍ଷ ବିଭାଗର କ୍ୟାବିନେଟ ମନ୍ତ୍ରୀ ଥିଲେ। ଦେଶ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧିନ ହୋଇଥିଲେ ମଧ ଜାମ୍ମୁ- କାଶ୍ମୀରର ଭାରତରେ ମିଶ୍ରଣ ୧୯୪୭ ମସିହା ଅକ୍ଟୋବର ୨୬ ତାରିଖରେ ହୋଇଥିଲା। ମହୀଶୂର ରାଜ୍ୟ ଓ ଅନ୍ୟ ବଡ଼ ବଡ଼ ରାଜ୍ୟ (ସେତେବେଳେ ରାଜାମାନଙ୍କ ଦ୍ୱାରା ଶାସିତ ରାଜ୍ୟ)ର ମିଶ୍ରଣ ପାଇଁ ଯେଉଁ ସବୁ ସର୍ତ୍ତ ଥିଲା ଜାମ୍ମୁ- କାଶ୍ମୀର ମିଶ୍ରଣ ପାଇଁ ମଧ ସେହି ସର୍ତ୍ତ ରହିଥିଲା। ମହୀଶୂର ରାଜ୍ୟ ଦେଶ ସ୍ୱାଧିନ ହେବାର ଦିନକ ପୂର୍ବରୁ ଭାରତୀୟ ସଂଘରେ ମିଶିଯାଇଥିଲା। କିନ୍ତୁ ଜାମ୍ମୁ- କାଶ୍ମୀରର ମହାରାଜା ହରସିଂହ ସ୍ୱତନ୍ତ୍ର ରାଜ୍ୟ ଭାବେ ରହିବାକୁ ଚାହୁଁଥିଲେ।

କିନ୍ତୁ ପାକିସ୍ଥାନ ଉଗ୍ରବାଦୀଙ୍କ ବେଶରେ ପାକିସ୍ଥାନୀ ସେନାକୁ କାଶ୍ମୀରରେ ୧୯୪୭ ମସିହା ସେପ୍ଟେମ୍ବର ମାସରେ ପ୍ରବେଶ କରାଇ ଥିଲା। ଅକ୍ଟୋବର ମାସ ପର୍ଯ୍ୟନ୍ତ ପାକ୍ ସମର୍ଥୀତ ସେନା/ ଉଗ୍ରବାଦୀ କାଶ୍ମୀରରେ ଆକ୍ରମଣ ଜାରି ରଖିଥିଲା। ଯେତେବେଳେ ସେମାନେ ଅକ୍ଟୋବର ୨୪ ତାରିଖରେ ଶ୍ରୀନଗରରେ ପହଞ୍ଚିଲେ ସେତବେଳେ କାଶ୍ମୀରର ମହାରାଜା ହରିସିଂହ ସେମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରି ସଫଳ ନହେବା ପରେ ଭାରତ ସରକାରଙ୍କ ସହାୟତା ଲୋଡ଼ିଥିଲେ ଓ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ତୁରନ୍ତ ସହାୟତାର ହାତ ବଢ଼ାଇଥିଲେ। କିନ୍ତୁ ସେତେବେଳେ ପାକିସ୍ଥାନ ଓ ଭାରତ ଉଭୟ ଦେଶର ସେନା କମାଣ୍ଡର ଇଂରେଜ ଥିଲେ ଓ ଭାରତର ଗଭର୍ଣ୍ଣର ଜେନେରାଲ ମଧ ଲର୍ଡ ମାଉଣ୍ଟ ବାଟେନ ଥିଲେ। ସେତେବେଳେ ଲର୍ଡ ମାଉଣ୍ଟ ବାଟେନ ଏକପ୍ରକାର ଭାରତ ଶାସନାଧ୍ୟକ୍ଷ ଥିଲେ। ଏଣୁ ପଣ୍ଡିତ ନେହେରୁ ମାଉଣ୍ଟ ବାଟେନଙ୍କ ପରାମର୍ଶ ନେଇଥିଲେ ଏପରିକି ମହାତ୍ମା ଗାନ୍ଧୀଙ୍କ ସହ ପରାମର୍ଶ କରିଥିଲେ। ଗାନ୍ଧୀ କାଶ୍ମୀରର ସୁରକ୍ଷା ପାଇଁ ସେନା ପଠାଇବାକୁ ପରାମର୍ଶ ଦେଇଥିଲେ। ସେତେବେଳେ ହରିସିଂହ ତାଙ୍କ ରାଜ୍ୟ (ଜାମ୍ମୁ- କାଶ୍ମୀର)କୁ ଭାରତରେ ମିଶାଇବା ପାଇଁ ରାଜି ହୋଇଥିଲେ। ମହାରାଜା ହରିସିଂହ କିନ୍ତୁ ମିଶ୍ରଣ ପାଇଁ କେତେକ ସର୍ତ୍ତ ରଖିଥିଲେ। ସେତେବେଳେ ବର୍ତ୍ତମାନର ମୁଖ୍ୟ ମନ୍ତ୍ରୀ ଉମର ଅବଦୁଲ୍ଲାଙ୍କ ଜେଜେବାପା ଶେଖ ଅବଦୁଲ୍ଲା ରାଜତନ୍ତ୍ର (ହରିସିଂହ)କୁ ବିରୋଧ କରି ଆନ୍ଦୋଳନ ଚଳାଇ ଥିଲେ। ଶେଖ ଅବଦୁଲ୍ଲା ମଧ କାଶ୍ମୀରକୁ ପାକିସ୍ଥାନରେ ମିଶାଇବା କଥା ଚାହୁଁନଥିଲେ ବୋଲି ଅନେକ ଐତିହାସିକଙ୍କ ମତ। ଧର୍ମ ଆଧାରରେ ଭାରତର ବିଭାଜନକୁ ମଧ ସେ ବିରୋଧ କରୁଥିଲେ। ଭାରତୀୟ ସେନା କାଶ୍ମୀରରୁ ପାକିସ୍ଥାନୀ ମାନଙ୍କୁ ହଟାଇବାରେ ସକ୍ଷମ ହୋଇଥିଲେ ଓ ଭାରତରେ କାଶ୍ମୀରର ବିଲୟ ଘଟିଥିଲା।

୧୯୫୩ ମସିହାରେ କିନ୍ତୁ ଜାମ୍ମୁ-କାଶ୍ମୀର ରାଜନୀତିରେ ପରିବର୍ତ୍ତନ ଘଟିଥିଲା। କାଶ୍ମୀରର ମିଶ୍ରଣ ପରେ ଶେଖ ଅବଦୁଲାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରାଯାଇଥିଲା। କିନ୍ତୁ କରାଚି ଷଡ଼ଯନ୍ତ୍ର (ପାକିସ୍ଥାନ ସହ ମିଶି ଭାରତ ବିରୁଦ୍ଧରେ ଷଡଯନ୍ତ୍ର କରିବା) ଅଭିଯୋଗରେ ନେହେରୁ ସରକାର ଶେଖ ଅବଦୁଲାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ହଟାଇ ନଜରବନ୍ଦୀ ଭାବେ ରଖିଥିଲେ। ବିଜେପିର ଭୀଷ୍ମ ପିତାମହ କୁହାଯାଉଥିବା ଲାଲକୃଷ୍ଣ ଆଡ଼ଭାନୀ ଏ ପ୍ରସଙ୍ଗରେ କହିଥିଲେ ଯେ ପଣ୍ଡିତ ନେହେରୁ କାଶ୍ମୀରର ମିଶ୍ରଣ ବେଳେ ଲୋକଙ୍କ ମତାମତ ବା ସ୍ୱୀକୃତି କଥା ଚାହୁଁଥିଲେ। ଧାରା ୩୭୦ ସମ୍ପର୍କରେ ଆଡ଼ଭାନୀଙ୍କ ମତ ଥିଲା ଯେ ମହାରାଜା ହରିସିଂହଙ୍କ ପରାମର୍ଶ/ ସର୍ତ୍ତ କାରଣରୁ ଏହାକୁ ସମ୍ବିଧାନରେ ଏକ ଅସ୍ଥାୟୀ ପ୍ରାବଧାନ ଭାବେ ଯୋଡା ଯାଇଥିଲା। ଜାମ୍ମୁ- କାଶ୍ମୀରରେ ଅକ୍ଟୋବର ୧୯୪୯ରେ ଧାରା ୩୭୦ ଲାଗୁ କରାଯାଇଥିଲା। ଏହା ଫଳରେ ଜାମ୍ମୁ-କାଶ୍ମୀରର ରାଜ୍ୟ ସରକାରଙ୍କୁ ଆଭ୍ୟନ୍ତରୀଣ ପ୍ରଶାସନ ପାଇଁ ସ୍ୱାୟତ୍ତତା ମିଳିଥିଲା। ଧାରା ୩୭୦ ଅନୁସାରେ ସଂସଦ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର ଏବଂ ସଂଚାର ବିଶୟରେ ଜାମ୍ମୁ-କାଶ୍ମୀର ପାଇଁ ଆଇନ ପ୍ରଣୟନ କରିପାରୁଥିଲା କିନ୍ତୁ ଅନ୍ୟ ବିଷୟ ପାଇଁ କେନ୍ଦ୍ର ସରକାରଙ୍କୁ ଜାମ୍ମୁ-କାଶ୍ମୀର ସରକାରଙ୍କ ଅନୁମୋଦନର ଆବଶ୍ୟକତା ପଡୁଥିଲା। ସଂବିଧାନର ଧାରା ୩୫୬ ମଧ ଏହି ରାଜ୍ୟରେ ଲାଗୁ ହେଉନଥିଲା। ୧୯୭୬ର ଜମିଜମା ଆଇନ ମଧ ଲାଗୁହେଉ ନଥିଲା। ଏହି ଧାରା ଅନୁସାରେ ଜାମ୍ମୁ- କାଶ୍ମୀରରେ ଅନ୍ୟ ରାଜ୍ୟର ଲୋକେ ଜମି କ୍ରୟ କରିପାରୁନଥିଲେ। ଧାରା ୩୬୦ ଅନୁସାରେ ଆର୍ଥୀକ ଜରୁରୀକାଳୀନ ପରିସ୍ଥିତି ମଧ ଲାଗୁ କରାଯାଇ ପାରୁ ନଥିଲା। ଅନେକ ସୁବିଧା ସୁଯୋଗ ମଧ ଜାମ୍ମୁ- କାଶ୍ମୀରକୁ ଦିଆଯାଉଥିଲା। କିନ୍ତୁ ଧାରା ୩୭୦ ହଟିବା ପରେ ଏସବୁ ବିଶେଷାଧିକାର ଏବେ ସମାପ୍ତ ହୋଇଯାଇଛି ଯେଉଁଥିପାଇଁ କାଶ୍ମୀରର ନେତା ମାନେ ବିଚଳିତ ହୋଇ ପଡୁଛନ୍ତି।

ପ୍ରଶ୍ନ ଉଠୁଛି ଯେ ୩୭୦ ଧାରା ଭଳି ଅସ୍ଥାୟୀ ପ୍ରବଧାନକୁ ହଟାଇ ଦେଇ ସରକାର କ'ଣ ଭୁଲ କରିଛନ୍ତି ଯେଉଁଥିପାଇଁ ଜାମ୍ମୁ-କାଶ୍ମୀର ବିଧାନ ସଭାରେ ହଟଗୋଳ ହେବା ସହ ଏହାକୁ ପୁନଃ କାର୍ଯ୍ୟକାରୀ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହାକୁ କେବଳ ରାଜନୈତିକ ଅଖଡାବାଜି ବୋଲି କୁହାଯାଇପାରେ। କାରଣ ଏହି ପ୍ରସ୍ତାବ ଆଗତ କରିଥିବା ଉପ-ମୁଖ୍ୟମନ୍ତ୍ରୀ ଓ ପ୍ରସ୍ତାବର ସମର୍ଥକମାନେ ଜାଣିଛନ୍ତି ଯେ ଧାରା ୩୭୦ ଜାମ୍ମୁ- କାଶ୍ମୀରରେ ଲଗାଯିବା କଥା କହିବା ନିରର୍ଥକ ଏବଂ ଏହା ଏକ ସ୍ୱପ୍ନ ମଧ୍ୟ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ୨୦୨୩ରେ ଇଂରାଜୀ ସମ୍ବାଦପତ୍ର ଇଣ୍ଡିଆନ ଏକ୍ସପ୍ରେସର ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ "ଆମେ ଏବେ ଧାରା ୩୭୦କୁ ଭୁଲିଯିବା ଆବଶ୍ୟକ" ? ଉମର ଅବଦୁଲ୍ଲା ଜାମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା କଥା କହିଥିଲେ ଯାହା ଏବେ ମୋଦୀ ସରକାର ମଧ କହୁଛନ୍ତି। ସୁପ୍ରିମ କୋର୍ଟଙ୍କ ୫ ଜଣିଆ ପୀଠ ୩୭୦ ଧାରା ଉଚ୍ଛେଦକୁ ସାମ୍ବିଧାନିକ ବୋଲି କହିଥିବା ବେଳେ ଏବେ ଯେଉଁ ପ୍ରସ୍ତାବ ଗୃହୀତ ହୋଇଛି ତାହା ସୁପ୍ରିମକୋର୍ଟଙ୍କ ଅବମାନନା ନୁହେଁ କି ? ଏଣୁ ଏବେ ଧାରା ୩୭୦ କଥା କହିବାର ଉଦେଶ୍ୟ ହେଉଛି ବିଚ୍ଛିନ୍ନତାବାଦ। ସାରା ଭାରତର ଜନତା ଧାରା ୩୭୦କୁ ବିରୋଧ କରୁଥିଲେ। ଏବେ ଏହାକୁ ପୁନଃ ଲାଗୁ କରାଯିବା ଦେଶ ପାଇଁ ହିତକର ନୁହେଁ। ଏବେ ଭାରତ ପାକ୍ ଅଧିକୃତ କାଶ୍ମୀରକୁ ଭାରତର ଅଂଶ ବୋଲି କହୁଥିବା ବେଳେ କାଶ୍ମୀର ନେତା ମାନଙ୍କ ଭାରତ ବିରୋଧି କାର୍ଯ୍ୟକୁ ନେଇ ଦେଶରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଛି। କିଛି ବିଚ୍ଛିନ୍ନତାବାଦୀଙ୍କୁ ଏକଥା ଭଲ ଲାଗୁଥାଇ ପାରେ କିନ୍ତୁ ଜାମ୍ମୁ- କାଶ୍ମୀରକୁ ଆଉ ଧାରା ୩୭୦ ଫେରିବାର ନାହିଁ। ଏହା ଏକ ସ୍ୱପ୍ନ ହୋଇପାରେ କିନ୍ତୁ ସତ୍ୟ ଠାରୁ ବହୁ ଦୂରରେ।

♥ ରାମଚନ୍ଦ୍ରପୁର, ରଣପୁର
ମୋ ୯୪୩୮୪୮୫୦୯୪

---

# ପଛରେ ଲୋକ

**ଅଜୟ କୁମାର ବେହେରା**



ଜଣେ ନିନ୍ଦନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିକୁ ଅଭିମାନ ପାଇ ମୁହଁରେ ଚୁନକାଳୀ ଲଗାଇ ବେକରେ ଛିଣ୍ଡା ଜୋତା ଚପଲ ମାଳ ପକାଇ ପୁଣି ଅତି ଉତ୍କଟରେ ମୁଣ୍ଡର ଚୁଳ ସାତ ବେଣୀ କରି କାଟି ସେ ବ୍ୟକ୍ତିକୁ ଆଗେଇ ରଖି ପଛରେ କିଛି ଲୋକ ହୋହଲା କରି କେବେ ବା ଫଟା ଟିଣ ବାଡ଼େଇ ଧାବିତ ହୋଇଥାନ୍ତି। ବରକୁ ଅପମାନିତ କରିବା ପାଇଁ କିଛି ଲୋକ ତାର ପଛରେ ବାଣ ଫୁଟାନ୍ତି। ମଙ୍କଡ଼ ଆଦି ପଶୁଙ୍କୁ ତଡ଼ିବା ପାଇଁ ଏପରି ପଶୁ ମାନଙ୍କ ଗଛରେ ଉଚ୍ଚ ସ୍ୱରରେ ବାଜା ବାଡ଼େଇ ଟିଣ ବାଡ଼େଇ ବାଣ ଫୁଟାଇ ଲୋକେ ତଟନି ଏକ ରାକ୍ଷସୀ ଆନନ୍ଦ ପାଆନ୍ତି। ବ୍ୟକ୍ତିକୁ ଲଜ୍ଜିତ କରିବା ପାଇଁ ତାର ଅତୀତର କୌଣସି ଭୁଲ କର୍ମକୁ ଅତିରଞ୍ଜିତ କରି ଲୋକରେ ପ୍ରଚାର କରନ୍ତି।

ଚୋର ପୁଅର ସମ୍ମାନ ନରଖିବା ପାଇଁ ଚୋର ବଂଶଜ ବୋଲ ଘୃଣଶ ଚକ୍ଷୁରେ ଲୋକେ ଭାବନ୍ତି ଯଦି ସେ ଭଲ ପାଠପଢ଼ି ପଦବୀକୁ ଆସେ ତେବେ ବି ପଛରେ ଗୁଞ୍ଜନ ରହିଥାଏ। ବାବାସାହେବ ଆମ୍ବେଦକର ବିଦେଶୀରୁ ପାଠପଢ଼ି ଆଜି ରାଜ ଅନୁଗ୍ରହରେ ଏକ ସମ୍ମାନକର ରାଜକର୍ମର ପରିଚାଳକ ହେଲେ ଲୋକେ ତାଙ୍କୁ ଏକ ହୀନ ସମ୍ପ୍ରଦାୟରୁ ସେ ଆସିବା ବ୍ୟକ୍ତି ଯୋଗୁ ତାଙ୍କ ଅଧିନରେ ଅନ୍ୟ ରାଜକର୍ମଚାରୀମାନେ କମ କରିବେନାହିଁ ଏମିତି ସ୍ୱର ତତ୍କାଳ ଉଠିଥିଲା। ପଙ୍କର ଦୁର୍ଗନ୍ଧ ଓ ସଢ଼ା ଗୁଣ ଅଛି। ଏଥିରେ ଏହାର ସମ୍ମାନ ନାହିଁ ହେଲେ ଏଥିରୁ ଜନ୍ମ ପଙ୍କଜ ପଦ୍ମ ମାଆ ଲକ୍ଷ୍ମୀ ପଦ୍ମାଳୟା ମାଆ ସରସ୍ୱତୀ ମା ଦୁର୍ଗା, ମାଆ ମନସା, ପ୍ରଭୁ ମହାବିଷ୍ଣୁ ପଦ୍ମଯୋନି ବ୍ରହ୍ମାଙ୍କ ସମ୍ବନ୍ଧରେ ଏହି ପଙ୍କଜାତ ପଦ୍ମ ଶୋଭା ପାଏ। ଅତଏବ ହୀନ ଯେ ପରେ ନାମକରା ହୁଏ ଏହା ଜାଣିଲେ ଅନେକ ଭ୍ରାନ୍ତି କଟି ଯାଇପାରେ। କୈବର୍ତ୍ତ କନ୍ୟା ଠାରୁ ପରାଶର ଋଷିଙ୍କ ଔରସରେ ବ୍ୟାସଦେବ ଜନ୍ମ, ତତ୍କାଳ କୈବର୍ତ୍ତଙ୍କୁ ହୀନ ମନେ କରାଯାଉଥିଲା ହେଲେ ବ୍ୟାସ ଜନ୍ମ ହୋଇ ଏକ ଚରିଞ୍ଜିବୀ ବ୍ୟକ୍ତିକୁ ବେଦ ସଂକଳନକାରୀ ପୁରାଣର ଲେଖନ, ଯାହା ବ୍ରାହ୍ମଣଙ୍କର ଆଦରଣୀୟ ବୃତ୍ତି ଅବଲମ୍ବନ। ଏସବୁ ଦେଖିଲେ ମୂଳକୁ ଦେଖି ବିଚାର କରିବା ଭୁଲ।

ଉଦଯୋଗ ପରୁଷାର୍ଥ କେବେ ବଂଶାନୁକ୍ରମିକ ସଦା ହୋଇନପାରେ। ଯଦି ମନୁଷ୍ୟ ଜନ୍ମ ସମ୍ବନ୍ଧ ବିଦ୍ୟା ବା ବୃତ୍ତି ଥାନ୍ତି ତେବେ ସମସ୍ତେ ପୁରାତନ ପ୍ରସ୍ତର ଯୁଗ ପଛର ଲୋକ ହୋଇପାରନ୍ତେ ଏହା ପ୍ରଗତିଫଳ ଦୁନିଆଁରେ ଏକ ବିଶେଷ ଧାରା ଯହିଁରେ ଆଜି ଅନେକ ବିଦ୍ୟା ଅନେକ ବୃତ୍ତି ଲୋକେ ଅବଲମ୍ବନ କରୁଛନ୍ତି ମନୁଷ୍ୟ ଚନ୍ଦ୍ରରେ ପହଞ୍ଚି ଗଲାଣି ସୂର୍ଯ୍ୟ ମାର୍ଗରେ ଯାତ୍ରୀ ହେଲାଣି। ପଛ କଥାରେ ଏମିତି ଅନେକ କଥା ଅଛି। ପୂର୍ବେ ଘୁଷୁରୀ କୁକୁଡ଼ା କେବଳ ହରିଜନ ସାହିତରେ ପାଳନ ହେଉଥିଲା। ଖଜୁରୀ ତାଡ଼ି ଏଇମାନେ ମାଦକ ଦ୍ରବ୍ୟରେ ପିଉଥିଲେ। ଏବେ କୁକୁଡ଼ା ଏକ ଭଲ ବୃତ୍ତି ଯାହାକୁ ଅନେକ କରିବାକୁ ଦ୍ୱିଧା କରୁନାହାଁନ୍ତି। ଆଗରେ ଶ୍ରୀରାମ ଚାଲିଛନ୍ତି ପଛରେ ତାଙ୍କର ଧର୍ମପତ୍ନୀ ସୀତା ଓ ତାଙ୍କ ପଛରେ ଲକ୍ଷ୍ମଣ। ରଥଯାତ୍ରାରେ ଆଗରେ ବଳରାମ ମହାପ୍ରଭୁ ତାଙ୍କ ପରେ ସୁଭଦ୍ରା ଶେଷରେ ପଛକୁ ଜଗନ୍ନାଥ ଏସବୁ ଭିନ୍ନ ଭିନ୍ନ ପଛର କାହାଣୀ।

ଚଣ୍ଡାଳିନୀ କହି ମହାଲକ୍ଷ୍ମୀଙ୍କୁ ବଡ଼ ଦେଉଳରୁ ତଡ଼ି ଦିଆଯାଇଥିଲା ପରେ ପରେ ବଳରାମ ଜଗନ୍ନାଥ ଖାଇବା ବିନା ହିନସ୍ତା ହୋଇ ଭିକ୍ଷାଶ୍ରୟରେ ମନ୍ଦିରରୁ ବାହାରିଲେ ମାତ୍ର ମହାଲକ୍ଷ୍ମୀ ଅଭିଶାପରୁ କେଉଁଠୁ ଅନ୍ନ ନପାଇ ବହୁ ଭୋକିଲା ହୋଇ ଶେଷରେ ମହାଲକ୍ଷ୍ମୀଙ୍କର ବାସସ୍ଥାନରେ ପହଞ୍ଚି ଅନ୍ନଭିକ୍ଷା କଲେ, ଦେବୀ ମାଆ ଦେଢ଼ଶୂର ଓ ସ୍ୱାମୀଙ୍କ କଷ୍ଟ ଦେଖି ବହୁ ଦୁଃଖ କରି କ୍ଷମା କରି ତାଙ୍କୁ ପଛରେ ସନ୍ତର୍ପଣରେ ଭୋଜନକୁ ଗୃହକୁ ନିମନ୍ତ୍ରଣ କରି ଭୋଜନ ବ୍ୟବସ୍ଥା କଲେ ତଥାପି ଦୁଇ ଭାଇ ମଧ୍ୟରୁ ବଳରାମ ଏ ଯେ ମହାଲକ୍ଷ୍ମୀ ଏହା ଚିହ୍ନି ନଥିଲେ ହେଲେ ଭୋଜନ ଅନ୍ତ ବେଳକୁ ପୋଡପିଠା ପରିଶିବା ଦେଖି ତାଙ୍କୁ ଯେ ଏଇ ମହାଲକ୍ଷ୍ମୀ ଚିହ୍ନି ପାରିଥିଲେ। ପଛ ଆଗ ସମୟ ଅନେକ ତଫାତ ଅଙ୍କୁରକୁ ଦେଖି ବିରାଟ ବୃକ୍ଷ ସୃଷ୍ଟି ହେବାକୁ ଯାଉଛି ଏକଥା ନ ବୁଝିଲେ ସବୁ ବୃଥା। ମଞ୍ଜିର ସ୍ଥାନକୁ ଦେଖି କେବେ ନିର୍ଣ୍ଣୟ ନେବା ଉଚିତ ନୁହଁ।

♥ ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,
ମୋ : ୯୪୩୭୦୩୧୨୫୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୭ ନଭେମ୍ବର ୨୦୨୪
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



ଚେତନାର ଦର୍ପଣ - ୪୮

# ଦର୍ପଣ



♥ ଲଳିତ ମୋହନ ମିଶ୍ର

ଦାର୍ଶନିକ ସକ୍ରେଟିସ୍ ରୂପରେ ବହୁତ ଅସୁନ୍ଦର । ଦିନେ ସେ ହାତରେ ଦର୍ପଣ ଧରି ନିଜ ମୁଖ ମଣ୍ଡଳକୁ ଚାହିଁ କ'ଣ ଗୁଡିଏ ଭାବୁଥିଲେ । ସେହି ସମୟରେ ତାଙ୍କର ଜଣେ ଶିଷ୍ୟ ଘର ଭିତରକୁ ପଶି ଆସିଲେ, ସକ୍ରେଟିସ ଦର୍ପଣ ଦେଖୁଥିବା ଦେଖି ତାକୁ କିଛି ଅଜବ ଅଜବ ଅନୁଭବ ହେଲା । ସେ କିଛି କହିଲେ ନାହିଁ, କେବଳ ହସିଲେ । ଶିଷ୍ୟଙ୍କ ହସ ଦେଖି ସକ୍ରେଟିସ୍ ସବୁ କିଛି ବୁଝିପାରିଲେ ଏବଂ କିଛି ସମୟ ପରେ କହିଲେ - ମୁଁ ତୁମ ହସର ଅର୍ଥ ବୁଝିପାରୁଛି । ବୋଧହୁଏ ତୁମେ ଭାବୁଛ - ମୋ ଭଳି ଜଣେ କୁରୂପ ମନୁଷ୍ୟ କାହିଁକି ଦର୍ପଣ ଦେଖୁଛି ? ଶିଷ୍ୟ କିଛି କହିଲା ନାହିଁ । ଲଜ୍ଜାରେ ତାର ମୁଣ୍ଡ ତଳକୁ ହୋଇଗଲା । ସକ୍ରେଟିସ୍ କହିଲେ, 'ବୋଧହୁଏ ତୁମେ ଜାଣିନାହଁ, ମୁଁ କାହିଁକି ଦର୍ପଣକୁ ଦେଖୁଛି ।' ଶିଷ୍ୟ କହିଲେ, 'ନାହିଁ ଗୁରୁଦେବ । ଗୁରୁ କହିଲେ, 'ମୁଁ ଅସୁନ୍ଦର, ମୋର ରୂପ କୁରୂପ । ତଥାପି ମୁଁ ପ୍ରତିଦିନ ଦର୍ପଣ ଦେଖୁଛି । ଦର୍ପଣ ଦେଖିଲେ ମୋର କୁରୂପତାର ଭାବ ବିଷୟରେ ସଚେତନ ହୁଏ । ମୁଁ ମୋର ରୂପକୁ ଜାଣେ । ସେଥିପାଇଁ ମୁଁ ପ୍ରତିଦିନ ଭଲ କାମ କରିବାକୁ ଚେଷ୍ଟା କରେ, ଯାହାଦ୍ୱାରା ମୋର ଭଲ କାମ ଏହି କୁରୂପକୁ ଘୋଡାଇ ଦେବ । ଶିଷ୍ୟ ଏହାକୁ ଅତ୍ୟନ୍ତ ଶିକ୍ଷଣୀୟ ମନେ କଲେ । କିନ୍ତୁ ସେ ସନ୍ଦେହ ପ୍ରକଟ କଲେ । ଗୁରୁଦେବ ! ଏହି ତର୍କ ଅନୁଯାୟୀ, ସୁନ୍ଦର ଲୋକମାନେ ଦର୍ପଣକୁ ଦେଖିବା ଉଚିତ୍ ନୁହେଁ କି ? ସେହିଭଳି ନୁହେଁ !' ସକ୍ରେଟିସ୍ ବୁଝାଇଲେ, 'ସେହିମାନେ ମଧ୍ୟ ଦର୍ପଣ ଦେଖିବା ଦରକାର !' ସେମାନେ ଯେତେ ସୁନ୍ଦର ଭଲ କାମ କରି ଦେଖାନ୍ତି, ସେମାନଙ୍କର ସୁନ୍ଦର ଶରୀର ସେତିକି ଆହୁରି ଭଲ ଦେଖାଯିବ । ସେମାନେ କାର୍ଯ୍ୟ କରିବା ପାଇଁ ଯତ୍ନବାନ ହୁଅନ୍ତି । ସେମାନଙ୍କର ମନ୍ଦ କାର୍ଯ୍ୟ ଗୁଡିକ ସେମାନଙ୍କ ସୌନ୍ଦର୍ଯ୍ୟକୁ ଘୋଡ଼ାଇ ଦିଏ । ଫଳସ୍ୱରୂପ ସେମାନଙ୍କୁ ଖରାପ କାର୍ଯ୍ୟ ଛାଡ଼ି ଭଲ କାର୍ଯ୍ୟ କରିବାର ପ୍ରେରଣା ପାଆନ୍ତି । କହିବାର ଅର୍ଥ ହେଉଛି - ସୁନ୍ଦରତା ଆପଣଙ୍କ ମନୋଭାବର ସୌନ୍ଦର୍ଯ୍ୟ । ଶରୀରର ସୌନ୍ଦର୍ଯ୍ୟ ତତ୍କ୍ଷଣାତ୍ ରହିଥାଏ ଏବଂ ଏହା କିଛି ସମୟ କିଛି ଦିନ ପରେ ଫିକା ପଡିଯାଏ । ମନ ଓ ଚିନ୍ତାଧାରାର ସୌନ୍ଦର୍ଯ୍ୟ ସାରା ଜୀବନ ଏବଂ ପରେ ମଧ୍ୟ ଆପଣଙ୍କ ସହିତ ରହିବ । ଆପଣଙ୍କ ସୁନ୍ଦର ଭାବମୂର୍ତ୍ତିର ସୁଗନ୍ଧ ଦୂରଦୂରାନ୍ତରେ ବ୍ୟାପିବାରେ ସହାୟକ ହେବ । ତେଣୁ ତ କହିଲେ - ଯୌବନଂ ଧନସମ୍ପତ୍ତି ପ୍ରଭୁତ୍ୱ ଅବିବେକିତା... ଏଗୁଡିକ ଚିର ସ୍ଥାୟୀ ନୁହେଁ.. କର୍ମ ଅନୁସାରେ ଫଳ ଚିରସ୍ଥାୟୀ...

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

# କ୍ରୋଧ ମନୁଷ୍ୟର ପରମ ଶତ୍ରୁ

## ନାରାୟଣ ଚନ୍ଦ୍ର ବିଶ୍ୱାଳ

କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ହେଉଛି, ମନୁଷ୍ୟର ଷଡ଼ରିପୁ । ଯେଉଁଗୁଡ଼ିକ ପଦେ ପଦେ ମନୁଷ୍ୟକୁ ବିପଥଗାମୀ କରାଇ ଅଧଃପତନ ଆଡ଼କୁ ଟାଣି ନେଇ ଥାନ୍ତି । ଏମାନେ ଗୋଟିଏ ଗୋଟିଏ ଅତି ବିପଦ୍‌ଜନକ ଅନ୍ତଃଦସ୍ୟୁ । ଏହି ଷଡ଼ରିପୁ ମଧ୍ୟରୁ ପ୍ରଥମ ତିନୋଟିକୁ ଜୟ କରି ପାରିଲେ ଅନ୍ୟ ତିନୋଟି ସହଜରେ ବଶ ହୋଇଥାନ୍ତି । କ୍ରୋଧ ହେଉଛି ମନୁଷ୍ୟର ଦ୍ୱିତୀୟ ଶତ୍ରୁ । ଆଧ୍ୟାତ୍ମିକ ଶାସ୍ତ୍ରରେ ଉଲ୍ଲେଖ ରହିଛି - 'କ୍ରୋଧ ହିତ୍ୱା ନ ଶୋଚତି' । କ୍ରୋଧୀ ଲୋକ କେବେ ଆନନ୍ଦ ପାଇନଥାଏ ଏବଂ ସର୍ବଦା ଦୁଃଖ ଦୁର୍ଦ୍ଦଶା ଭୋଗ କରେ । ପ୍ରକୃତରେ କାମନାପୂର୍ଣ୍ଣ ଜୀବନରୁ ହିଁ କ୍ରୋଧ ଜନ୍ମ ନିଏ । ଆମେ ଜାଣିଥାଉ ଯେ କସ୍ମିନ କାଳେ ମନୁଷ୍ୟ ତାର ସମସ୍ତ କାମନା ପୂରଣ କରି ପାରିବ ନାହିଁ । କାରଣ ଗୋଟିଏ କାମନା ଚରିତାର୍ଥ ହେବାକ୍ଷଣି ପୁନଶ୍ଚ ଅନେକଗୁଡ଼ିଏ କାମନା ଆସି ପହଞ୍ଚିଯାଏ । ଫଳତଃ ସମସ୍ତ କାମନା ଗୁଡ଼ିକୁ ପୂରଣ କରିବା ସଂଭବପର ହୁଏ ନାହିଁ । ତେଣୁ କାମନାଗୁଡ଼ିକ ପ୍ରତିହତ ହେବା ଫଳରେ କ୍ରୋଧ ଜାତ ହୋଇତାଏ । ଅର୍ଥାତ୍ କାମନା ଅପ୍ରାପ୍ତିରୁ ହିଁ କ୍ରୋଧର ଉତ୍ପତ୍ତି । କ୍ରୋଧଜାତ ହେବା ସଙ୍ଗେ ସଙ୍ଗେ ମନୁଷ୍ୟ ଠାରେ ହିଂସା ପ୍ରବୃତ୍ତି ଜାଗି ଉଠେ । ସେ କ୍ରୋଧାନ୍ଧ ହୋଇ ସର୍ବଦା ପ୍ରତିଶୋଧ ନେବାକୁ ସଂକଳ୍ପ କରେ ଏବଂ ନାନାବିଧ ହିଂସା, ଦ୍ୱେଷ, ଦଙ୍ଗା, ହଙ୍ଗାମା, ନରହତ୍ୟା ଆଦି କୁକର୍ମ କରିବାକୁ ପଛେଇ ନଥାଏ । ତେଣୁ କ୍ରୋଧକୁ ଜୟ କରି ପାରିଲେ ହିଂସା ଭାବ ଉଦ୍ରେକ ହୁଏନାହିଁ ।

କ୍ରୋଧ ମନୁଷ୍ୟର ପରମ ଶତ୍ରୁ । ଥରେ କ୍ରୋଧ ଜାତ ହେଲେ ମନ ଉପରେ ସଂଯଜ ଓ ଆୟତ୍ତ ରହେ ନାହିଁ । ମନୁଷ୍ୟର ବୁଦ୍ଧି ହଜିଯାଏ ଏବଂ ତା ଠାରେ ହିତାହିତ ଜ୍ଞାନ ରହେ ନାହିଁ । କ୍ରୋଧୀର ଶରୀରରେ ଅକଥନୀୟ ଓ ଅଭୂତପୂର୍ବ କ୍ଷତି ଘଟେ । ଦେଖାଯାଇଛି ଯେ ମନୁଷ୍ୟ ଥରେ ରାଗିଲେ ତାର ୭୨ଟି ମାଂସପେଶୀ ଉତ୍ତେଜିତ ହୁଅନ୍ତି ଏବଂ ଶରୀର ଥରିବାକୁ ଆରମ୍ଭ କରେ । ଶରୀରର ସମସ୍ତ ରକ୍ତ ତାତି ଯାଏ ଏବଂ ପୁଣି ଶୀତଳ ହୋଇ ସ୍ୱାଭାବିକ ବା ସ୍ୱଭାବିକ ସ୍ତରକୁ ଆସିବା ପାଇଁ ତିନିମାସ ଲାଗେ । ଜଣାଯାଇଛି ଯେ ଗୋଟିଏ ମୁହୂର୍ତ୍ତର କ୍ରୋଧ ଛଅ ମାସ ଖାଦ୍ୟରୁ ମନୁଷ୍ୟ ଆହରଣ କରିଥିବା ଶକ୍ତିକୁ ନଷ୍ଟ କରିଦିଏ । ଏହିପରି ଭାବରେ ମନୁଷ୍ୟର କ୍ରୋଧ ବଢ଼ିବା ସଙ୍ଗେ ସଙ୍ଗେ ଶରୀରର ଦୁର୍ବଳତା ମଧ୍ୟ ବୃଦ୍ଧି ପାଇଥାଏ ଏବଂ ଆୟୁକ୍ଷୟ ହୋଇଥାଏ । ତେଣୁ ରାଗି ଲୋକ ତାର ସ୍ୱାସ୍ଥ୍ୟ ହରାଏ । ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ ଭଗବାନ ଶ୍ରୀକୃଷ୍ଣ ଜରାସଂଧକୁ ବାରମ୍ବାର କ୍ରୋଧାନ୍ୱିତ କରାଇ ଦୁର୍ବଳ କଲାପରେ ହିଁ ଶେଷରେ ତାକୁ ବଧ କରିଥିଲେ । ଅତି କ୍ରୋଧ ଉତ୍ତେଜନାରେ ଅନେକ ମନୁଷ୍ୟଙ୍କର ରକ୍ତଚାପ ବୃଦ୍ଧି ପାଏ, ଫଳରେ ମୃତ୍ୟୁମୁଖରେ ପଡ଼ନ୍ତି । କ୍ରୋଧରେ ବଶବର୍ତ୍ତୀ ହୋଇ ରାବଣ ଓ ହରିଣ୍ୟକଶିପ ଭଗବାନଙ୍କୁ ମଧ୍ୟ ଅବଜ୍ଞା କରିଥିଲେ । ଫଳତଃ ମୃତ୍ୟୁକୁ ବରଣ କରିଥିବା ବିଷୟ ପୁରାଣରେ ବର୍ଣ୍ଣିତ । ମନୁଷ୍ୟ ବ୍ୟତୀତ କେତେକ ମନୁଋଷି ମଧ୍ୟ କୋପାନଳରୁ ମୁକ୍ତ ନ ଥିଲେ ଯଥା - ତ୍ରିକାଳଜ୍ଞ ଋଷି ଦୁର୍ବାସା, ରାଜର୍ଷି ବିଶ୍ୱାମିତ୍ର, ଯମଦଗ୍ନି ପ୍ରଭୃତି । ବେଳେବେଳେ ଋଷିମାନଙ୍କ କ୍ରୋଧ ମଧ୍ୟ ବରଦାନରେ ପରିଣତ ହୋଇଛି । ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇ ପାରେ ଯେ ଅଶ୍ୱତ୍‌ଥମା ସୂର୍ଯ୍ୟାସ୍ତ ପୂର୍ବରୁ ପାଣ୍ଡବମାନଙ୍କୁ ହତ୍ୟା କରିବ ବୋଲି ବରପ୍ରାପ୍ତ ହୋଇଥିଲା । ତେଣୁ ସେ ପାଣ୍ଡବମାନଙ୍କ ଅନ୍ୱେଷଣରେ ଯାଇ ଦୁର୍ବାସା ଋଷିଙ୍କ ଆଶ୍ରମରେ ପହଞ୍ଚି ପାଣ୍ଡବମାନେ କେଉଁଠାରେ ଅଛନ୍ତି ବୋଲି ଋଷିଙ୍କୁ ପଚାରନ୍ତେ ସେ ହଠାତ୍ ରାଗି ଯାଇ 'ମୋ ପାଦ ତଳେ ଅଛନ୍ତି' ବୋଲି ସତକଥା କହିଲେ; ମାତ୍ର ଅଶ୍ୱତଥମା ଋଷିଙ୍କ କ୍ରୋଧପୂର୍ଣ୍ଣ ବାକ୍ୟର ଫଳାଫଳ ଅଭିଶାପରେ ପରିଣତ ହେବା ଆଶଙ୍କାରେ ତାଙ୍କୁ ଆଉ ଅଧିକ ନ ପଚାରି ସେ ସ୍ଥାନ ପରିତ୍ୟାଗ କଲେ । ଫଳତଃ ପାଣ୍ଡବମାନେ ସେ ଦିନ ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇଲେ । ତେଣୁ କ୍ରୋଧ ମଧ୍ୟ ସମୟାନୁସାରେ ଜୀବନ ରକ୍ଷାକରେ । ଅବଶ୍ୟ ଏ ଲୀଳା ଥିଲା ସଂପୂର୍ଣ୍ଣ ଭାବରେ ଭଗବାନ ଶ୍ରୀକୃଷ୍ଣଙ୍କର । ରାଜର୍ଷି ବିଶ୍ୱାମିତ୍ର ମଧ୍ୟ ମହର୍ଷି ବଶିଷ୍ଠଙ୍କ ଆଶ୍ରମର କାମଧେନୁ ନନ୍ଦିନୀକୁ ତାଙ୍କ ସୈନ୍ୟମାନଙ୍କ ସାହାଯ୍ୟରେ ବଳପୂର୍ବକ ନେଇଯିବା ପାଇଁ ମନସ୍ଥ କଲେ; ମାତ୍ର ନନ୍ଦିନୀ ଗାଈର ଦିବ୍ୟଶକ୍ତି ଆଗରେ ହାର ମାନିଲେ । ଶେଷରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ପୁନଶ୍ଚ ଯୁଦ୍ଧକରି ପ୍ରତିଶୋଧ ନେବା ସଂକଳ୍ପ ନେଇ ଆଶ୍ରମରୁ ଫେରି ଯାଇଥିଲେ ।

କ୍ରୋଧ ସମୟରେ ମନୁଷ୍ୟ ଶରୀରର ସର୍ବାଙ୍ଗରେ ଅନେକ ପରିବର୍ତ୍ତନ ଘଟି ଥାଏ । ତାର ଚକ୍ଷୁଦ୍ୱୟ ଲାଲ ହେବା ସଙ୍ଗେ ସଙ୍ଗେ ମୁହଁ ଅସୁନ୍ଦର ଓ ବିକୃତ ଦିଶେ । ତେଣୁ କ୍ରୋଧକୁ ଜୟ କରିବା ସକାଶେ କେତେକ ଉପାୟ ନିର୍ଦ୍ଧାରିତ ହୋଇଛି । କ୍ରୋଧଜାତ ହେବାକ୍ଷଣି ଯେତେ ଶ୍ରୀଘ୍ର ପାର ସେ ସ୍ଥାନ ଛାଡ଼ି ଚାଲିଯିବ । କ୍ରୋଧ ସମୟରେ ମୌନାବଲମ୍ବନ କରିବା ଶ୍ରେୟସ୍କର ଏବଂ କ୍ରୋଧର କାରଣ ଠାରୁ ଦୂରରେ ରହିବ । କ୍ରୋଧ ନିୟନ୍ତ୍ରଣ ପାଇଁ ପ୍ରଥମେ ଥଣ୍ଡା ଜଳରେ ମୁହଁ ଧୋଇ ଏକ ଗିଲାସ ଥଣ୍ଡା ପାଣି ପାନ କରିବ । ମନୁଷ୍ୟ ରାଗିଲା ବେଳେ ନିଜର ବିକୃତ ଓ ଅସୁନ୍ଦର ମୁହଁକୁ ଦର୍ପଣରେ ଦେଖିଲେ ମଧ୍ୟ ରାଗ ପ୍ରଶମିତ ହୋଇଥାଏ । କ୍ରୋଧ କୌଣସି ଘଟଣା ବା ସମସ୍ୟାର ସମାଧାନର ଶେଷ ରାସ୍ତା ନୁହେଁ ବରଂ ଏହି କ୍ଷଣିକ କ୍ରୋଧ ଜଣଙ୍କର ଅନେକ ଏପରି ଅକ୍ଷମଣୀୟ କ୍ଷତି କରିଦେଇଥାଏ ଯେ ପରବର୍ତ୍ତୀ ସମୟରେ ଏହାର ଭରଣା ହୋଇପାରି ନଥାଏ । ଆପଣ ନିୟମିତ ଖବରକାଗଜରୁ ପ୍ରାୟ ପଢ଼ିବାକୁ ପାଉଥିବେ କ୍ରୋଧରେ କିଏ ନିଜ ସନ୍ତାନକୁ ହତ୍ୟା କଲାଣି ତ ପିତାମାତା, ବନ୍ଧୁ, ମାଲିକ, ଧର୍ମପତ୍ନୀ କେହି ମଧ୍ୟ ଏଥିରୁ ବର୍ତ୍ତି ପାରିନଥାନ୍ତି । କ୍ରୋଧ ମଣିଷ ଜୀବନର ସମସ୍ତ ଅନର୍ଥର କାରଣ ଏହା ଜଣଙ୍କର ସତ୍ ଜୀବନକୁ ଅସତ୍ ପଥକୁ ଟାଣି ନେଇ ଯେଉଁ ଦୁର୍ବାର କ୍ଷତି କରିଥାଏ ତାହା ପରବର୍ତ୍ତୀ ସମୟରେ ଅନୁଶୋଚନା ହେଲେ ମଧ୍ୟ କିନ୍ତୁ ଏହାର ପୂର୍ବବତ୍ କ୍ଷତି ଆଉ ପୂରଣ ହୋଇପାରି ନଥାଏ । ଅନେକ ଘଟଣା ଦେଖାଯାଇଥାଏ କ୍ରୋଧ ପାଇଁ ଜଣେ ଜଣେ ତାଙ୍କର ସର୍ବସ୍ୱ ଏପରି ତାଙ୍କ ବ୍ୟକ୍ତିତ୍ୱ ଓ ଆଦର୍ଶକୁ ମଧ୍ୟ ଭୂଲୁଣ୍ଠିତ କରିଦେଇଥାନ୍ତି । କ୍ରୋଧ ଏପରି ଏକ ଅସୁର ଏବଂ ଆମର ଏପରି ଏକ ଶରୀର ମଧ୍ୟରେ ଥିବା ଚରିତ୍ରଗତ ଶତ୍ରୁ ଯାହାର ତତ୍କାଳ ନାଶ କରିବା ଅତ୍ୟନ୍ତ ଜରୁରୀ । କାରଣ ଏହା ଜଣଙ୍କର ବ୍ୟକ୍ତିତ୍ୱ ତାଙ୍କ ଆଦର୍ଶର ପରିପନ୍ଥୀ ହୋଇଥାଏ । ସର୍ବୋପରି ଦିବ୍ୟ ନାମ ଗାନ ଓ ସଦଗ୍ରନ୍ଥ ପଠନରେ କ୍ରୋଧର ପ୍ରକୋପ ମନ୍ତ୍ରବତ୍ କମି ଯିବା ସଙ୍ଗେ ସଙ୍ଗେ ସମସ୍ତ ସମସ୍ୟା ଓ ଦୁଃଖ ଦୁର୍ଦ୍ଦଶା ଦୂରୀଭୂତ ହୋଇ ସୁଖଶାନ୍ତି ପ୍ରାପ୍ତ ହୋଇଥାଏ ।

♥ କଟିକଟା, ମଙ୍ଗଳପୁର, ଯାଜପୁର

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

## ଡ. ଶ୍ରୀକାନ୍ତ ଚରଣ ପାତ୍ର



### ଆମର ନଈକୂଳିଆ ଗାଆଁ

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୪୮)

### ବହୁ ଦିନର ଆଶା ପୂରଣ ହେଲା

ପୂର୍ବ ସିଦ୍ଧାନ୍ତ ଅନୁଯାୟୀ ମନୋରଞ୍ଜନ ଜେନା ୭ ଡିସେମ୍ବର, ୧୯୮୬ ରବିବାର ଦିନ ତାଙ୍କ ଗୃହକୁ ରାଇବଣିଆ ଅଞ୍ଚଳର ଶହେ ଜଣଙ୍କୁ ନିମନ୍ତ୍ରଣ କରିଥିଲେ । ତନ୍ମଧ୍ୟରୁ ଉପସ୍ଥିତ ହୋଇଥିଲେ ପ୍ରାୟ ୬୦ ଜଣ ଉତ୍ସାହୀ ବ୍ୟକ୍ତି ।

ମୁଁ କାମସାରି ସାମାନ୍ୟ ବିଳମ୍ବରେ ପହଞ୍ଚିଲି । ଡା.ପାତ୍ର ଓ ଜୟନାରାୟଣ ବାବୁ ପ୍ରଭୃତି ମୋ ପରେ ପରେ ପହଞ୍ଚିଲେ । ଅନ୍ୟମାନେ ତାଙ୍କୁ ଅପେକ୍ଷା କରିଥିଲେ । ସମସ୍ତେ ଏକତ୍ର ଭୋଜନ କଲେ । ତାପରେ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ମନୁ ପ୍ରସ୍ତାବ ଦେଲେ ।

ସମସ୍ତେ ସମର୍ଥନ କଲେବି ଜୟନାୟଣବାବୁ ବାଳିକା ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠାରେ କଣ କଣ ଅସୁବିଧାମାନ ରହିଛି, ସେ ନେଇ ବିସ୍ତୃତ ଭାବରେ ଆଲୋଚନା କରି ରାଇବଣିଆ ଅଞ୍ଚଳରେ ଏକ +୨ ମହାବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଏକ ମତ ହେବା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କଲେ । ରାଇବଣିଆ ଅଞ୍ଚଳରେ ଆଦୌ +୨ କଲେଜ ନଥିବାରୁ ମୁଁ ବହୁତ ଆନନ୍ଦିତ ହେଲି । ପୂର୍ବରୁ ସେଥିପାଇଁ ଏ ଅଞ୍ଚଳର ବିଶିଷ୍ଟ ଶିକ୍ଷାପ୍ରେମୀ ବ୍ୟକ୍ତିମାନେ ଉଦ୍ୟମ କରିଥିଲେବି ସଫଳ ହୋଇନଥିଲେ ।

ବହୁ ପୂର୍ବରୁ ହାତୀଗଡର ଖ୍ରୀଷ୍ଟିୟାନ ଫାଦର ଅସଗଡ ସାହେବ ଏ ଦିଗରେ ଉଦ୍ୟମ କରି ସଫଳ ହେଇ ନଥିବା ବେଳେ ସ୍ୱାଧୀନତା ସଂଗ୍ରାମୀ ପଦ୍ମନାଭ କାସ୍ତ ଓ ଆଉ କେତେଜଣ ଶାଳବଣିରେ ସେଇ ଉଦ୍ଦେଶ୍ୟରେ ଏକ ବୈଠକ ଆହ୍ୱାନ କରିଥିଲେ । ମୁଁ ଯୋଗ ଦେଇଥିଲି । ମାତ୍ର ଆବଶ୍ୟକ ଅର୍ଥ ଓ ଜମି ନମିଳିବାରୁ ସେ ପ୍ରସ୍ତାବବି କାଟ ଖାଇଗଲା ।

ତାପରେ ଶ୍ରୀଯୁକ୍ତ କାସ୍ତଙ୍କ ଆହ୍ୱାନରେ ଚମାରଗାଆଁ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଏକ ବୈଠକରେ ଉପସ୍ଥିତ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ବିଦ୍ୱାନ ଓ ବହୁ ଭୂସମ୍ପତ୍ତିର ଅଧିକାରୀ ଆବଶ୍ୟକ ଭୂମି ଓ ଅର୍ଥ ଦାନ ଦେବାର ପ୍ରତିଶ୍ରୁତି ଦେଇଥିଲେବି ଗୋଟିଏ ଦିନ ପରେ ସେଥିରୁ ଓହରି ଗଲେ । ତେଣୁ ଚମାର ଗାଆଁରେ ବି କଲେଜ ହୋଇପାରିଲାନି । ପୁଣି ଶିଖରପୁରରେ ମଧ୍ୟ କଲେଜ ସ୍ଥାପନର ଉଦ୍ୟମ ବ୍ୟର୍ଥ ହୋଇଥିଲା । ବର୍ତ୍ତମାନ ସେଥିପାଇଁ ଶ୍ରୀଯୁକ୍ତ ଜୟନାରାୟଣ ବାବୁଙ୍କ ପ୍ରସ୍ତାବକୁ ମୁଁ ପୂର୍ଣ୍ଣ ପ୍ରାଣରେ ସମର୍ଥନ କଲି ।

ମାତ୍ର ଦାତା ସାଧୁ ଚରଣ ଜେନା ସେ ଯାଏଁ ଚାଷଜମିରୁ ଆସି ନଥିବାରୁ ସିଦ୍ଧାନ୍ତ ନିଆଯାଇ ପାରିଲାନି । ସେ ଆସିବା ପରେ ସେବି ସେଇ ବାଳିକା ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠାଉପରେ ଗୁରୁତ୍ୱ ଦେଲେ । ସମସ୍ତେ ବିଶେଷତଃ ଜୟନାରାୟଣବାବୁ ତାଙ୍କୁ ବହୁତ ବୁଝାଇଲେ । ମାତ୍ର ଲାଭ କିଛି ହେଲାନି । ଶେଷରେ ତାଙ୍କର ଝିଆରୀ ଜୋଇଁ ସୁଧିର କୁମାର ଦାସ ଓ ଚାଫଲାର ବିଶ୍ୱେଶ୍ୱର ଗିରି ନିଭୃତରେ ସାଧୁବାବୁଙ୍କ ସହିତ ଆଲୋଚନା କରିବାପରେ ସେ ନିଜର ସ୍ୱୀକୃତି ଘୋଷଣାକଲେ । କଥାହେଲା ଯେ ସେ କଲେଜ ନାମରେ ସରକାରଙ୍କୁ ଜମାଦେବାପାଇଁ ଏକ ଲକ୍ଷଟଙ୍କା ଓ ଚାରି ଏକର ଜମି ଦାନ ଦେବେ । ଏ ଘୋଷଣାପରେ ସମସ୍ତେ ଆନନ୍ଦରେ ବିହ୍ୱଳିତ ହୋଇଗଲେ । ଉପସ୍ଥିତ ତେଘରିର ଜଣେ ବ୍ୟକ୍ତି ଲାଇବ୍ରେରୀପାଇଁ ୩୦ହଜାର ଟଙ୍କାଦେବା ନିମନ୍ତେ ଓ ଅନ୍ୟଜଣେ ବ୍ୟକ୍ତି ଛାତ୍ରାବାସ ପାଇଁ ୫୦ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେଲେ । ମାତ୍ର, ଶେଷୋକ୍ତ ଦୁଇଜଣ ପରେ ନିଜ ନିଜ ପ୍ରତିଶ୍ରୁତିରୁ ଓହରି ଗଲେ ।

ସେଇ ଶିକ୍ଷାବର୍ଷରୁ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ କରିବାପାଇଁ ମୁଁ ଦେଇଥିବା ପ୍ରସ୍ତାବକୁ ସମସ୍ତେ ଗ୍ରହଣ କଲେ । ପୂର୍ବରୁ ମେଟ୍ରିକ ପାଶ କରି ଘରେ ବସିଥିବା ଓ ସପ୍ଲିମେଣ୍ଟାରି ପରୀକ୍ଷାରେ ଉତ୍ତୀର୍ଣ୍ଣ ପିଲାଙ୍କୁ ଆଣି ଭର୍ତ୍ତି କରାଯିବାର ସ୍ଥିର ହେଲା ।

ଏକ ପରିଚାଳନା କମିଟି (Governing Body ) ମଧ୍ୟ ଗଠିତ ହେଲା । ସେଥିରେ ସୁଧୀର କୁମାର ଦାସ ସଭାପତି, ଶ୍ରୀକାନ୍ତ ଚରଣ ପାତ୍ର (ମୁଁ) ଉପସଭାପତି, ଜୟ ନାରାୟଣ ମହାନ୍ତି- ସଂପାଦକ, ପ୍ର. ହରେକୃଷ୍ଣ ଦାସ, ପ୍ର. ଲକ୍ଷ୍ମୀଧର ଗିରି, ବଙ୍କିମ ଚନ୍ଦ୍ର ଜେନା, ରାଜକିଶୋର ଜେନା, ଏଡ. ଚିନ୍ମୟ କୁମାର ଦାସ, ମଧୁସୂଦନ ଦେ, ମନୋରଞ୍ଜନ ଜେନା, ନନୀଗୋପାଳ ରାଉତ, ବିଜୟ କୁମାର ଭୂୟାଁ ପ୍ରଭୃତି ସଭ୍ୟ ରହିଲେ । ସମସ୍ତେ ଅନେଇ ରହିଲେ ଆଗାମୀ ୧୪ ଡିସେମ୍ବର ରବିବାର ଦିନକୁ । ସେଦିନ କଲେଜରେ ଛାତ୍ରଛାତ୍ରୀଙ୍କର ଭର୍ତ୍ତି ହେବା ଓ ଶିକ୍ଷାଦାନ ସଂପର୍କରେ ତାରିଖ ସ୍ଥିର କରାଯିବ । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ଗଳ୍ପ ଏମିତି ବି ହୁଏ

## ଜ୍ୟୋତ୍ସ୍ନା ମିଶ୍ର (ପାଣିଗ୍ରାହୀ)





ସୁମିତ୍ରା, ସୁମିତ୍ରା....

ଆରେ କୁଆଡ଼େ ଗଲ... ଶୁଣିଯାଅ । ଚାହା କପେ ଶୀଘ୍ର ଦେଲ, କବିତାଟା ଅଧାଲେଖା ରହିଛି । ଗରମପାଣି ଟୋପାଏ ପଡ଼ିଗଲେ ବଳେ ପୂରା ହେଇଯିବ ।

ଥାଉ ସେ କବିପଣିଆ ! କିଛି କାମ ନାହିଁ ତ... ଏଇସବୁ ଅଦରକାରୀ କାମରେ ବ୍ୟସ୍ତ ରହିବ ଆଉ ମୋତେ ଏଠି ଚାହା କରେଇ କରେଇ ମାରିବ । ଯଦି ଲେଖୁଛ, ତେବେ ବହିଟେ ଛପାଅ, ଇନ୍‌ଆଗୁରେସନ୍ ମିଟିଂ ବ୍ରିଟ୍ କି ଭେନ୍ୟା ପାରାଡାଇଜ୍‌ରେ କର । ଫେସବୁକ୍‌ରେ ସବୁଠୁ ଚର୍ଚ୍ଚିତ କବିଙ୍କ ସହ ଆମ ଏଇ ବାଲେଶ୍ୱରର ଯେତେସବୁ କବି, ଲେଖକ ଅଛନ୍ତି, ସମସ୍ତଙ୍କୁ ଡାକ । ମୋର ବି ଯେତେସବୁ ଇନରହୁଇଲ୍ କ୍ଲବର ମେମ୍ବର ଅଛନ୍ତି, ସମସ୍ତଙ୍କୁ ଡାକିବା । ନା କ'ଣ କହୁଛ ? ପ୍ରଶ୍ନ କଲେ ସୁମିତ୍ରାଦେବୀ । ମନେମନେ ରକ୍ତଉଗ୍ରଳ ଗ୍ରେବାଉଥିଲେ ବି ହସିହସି ରସାନନ୍ଦବାବୁ କହିଲେ, ଜୋ ହୁକୁମ୍, ସେଇଟା ହିଁ କରିବା ।

ଖୁସିରେ ଖୁସିରେ ଚାହାକପ୍‌ଟା ବଢ଼େଇଦେଇ ସୁମିତ୍ରାଦେବୀ କହିଲେ, ଦେଲ, "ପାଞ୍ଚହଜାର ଟଙ୍କା, ମାର୍କେଟ ଆଡୁ ଟିକେ ଆସେ ।"

କାଲି ପରା ମାର୍କେଟ ଯାଇଥିଲ, ଏତେଗୁଡ଼େ ଟଙ୍କାନେଇ । ଆଜି ପୁଣି କ'ଣ ? ପଚ୍ଚରିଲେ ରସାନନ୍ଦବାବୁ ।

"ବୁଝିଲ ନା, ତମେ ହେଲ କଞ୍ଜୁସ୍, ମଖିଚୁଷ୍", ଦେହରୁ ମଳି ବି କାହାକୁ ଦେବନି । ଇନଆଗୁରେସନ୍ ମିଟିଂ ହବ, ଭଲ ଶାଢି ଗୋଟେ ପିନ୍ଧିବି ନା ନାହିଁ ? ଶାଢ଼ୀ ଦେଖିବି, ଆଉ ତମ ବହି କେମିତି ଶୀଘ୍ର ପବ୍ଲିଶ୍ ହେବ, ଆଉ ବବିର ଜ୍ୱରଟା କେମିତି ଛାଡ଼ିବ, ସେଥିପାଇଁ ଗୋଟେ ପୂଜା ହବ । ନନା କହିଛନ୍ତି, ଘରେ ଟିକେ ଦେଶୀ ଗାଈଘିଅର ହୋମ କରିଦେଲେ, ସବୁ ବାଧବାଘ୍ନ କଟିଯିବ । ସେଥିପାଇଁ ମାର୍କେଟିଂରେ ଯିବାକୁ ହବ ନା... ବୁଝିଲ ତ !

ଏସବୁରେ ଜମା ମୁଣ୍ଡ ନପଶେଇବାକୁ ଋହୁଁଥିବା ରସାନନ୍ଦ ଟଙ୍କା ବଢ଼େଇଦେଲା ବେଳେ ପଚ୍ଚରିଲେ ମାର୍କେଟ ଯାଉଛ ନା କ୍ଲବ୍ ? ଏତେସବୁ ସୁନାଗହଣା କ'ଣ ପିନ୍ଧିଛ ? ପ୍ରତିଦିନ ପେପର୍‌ରେ ବେକରୁ କେମିତି ହାର ଟାଣିନଉଛନ୍ତି, ପଢୁଛ ତ ? ସମୟ ଯାଇ କଉଠି ପହଞ୍ଚିଲାଣି ଆଉ ଇଏ ଫୁଲେଇରାଣୀ, ଗହଣା ମଣ୍ଡଣୀହେଇ ଯାଉଛନ୍ତି, ଦେଖୋ ହୋ... !

"ରଖ ମ, ତମର ସେ ଦଦରା ଉପଦେଶ...ଚିଲ୍ଲେଇ ଉଠିଲେ, ସୁମିତ୍ରାଦେବୀ । ଶାଢି ଦୋକାନରେ ମୋର କେତେ ସବୁ ସାଙ୍ଗ ଯଦି ଆସିଥିବେ..., ମୋତେ ଏମିତି ଦେଖିଲେ ଦୁଃଖିନୀ ଗୋବରଗୋଟେଇ କହିବେ, ବୁଝିଲ ! କବାଟ ବନ୍ଦ କରି ଭିତରେ ଯାହା କରୁଛ, କରୁଥାଅ, କହିଦେଇ ସୁମିତ୍ରାଦେବୀ ବାହାରିଗଲେ ।

ଘରପାଖରୁ ଛକ ପର୍ଯ୍ୟନ୍ତ ଗଲେ ଯାଇ ଅଟୋଟେ ମିଳିବ, ତେଣୁ ଛକରେ ଶୀଘ୍ର ପହଞ୍ଚିଗଲେ ଭଲ । ଛକରେ ପହଞ୍ଚି ସେ ବଡ଼ନିଃଶ୍ୱାସଟେ ନେଇ ରେଷ୍ଟଶେଡ୍‌ରେ ବସିପଡ଼ିଲାବେଳକୁ ଯୁବକ ଜଣକ କହିଉଠିଲେ, ତରବରରେ ଋଲିଲେ ଏମିତି ଅଣନିଃଶ୍ୱାସୀ ଲାଗେ । ଅଟୋ ବି ଆଜି କାହିଁକି ଆସୁନି ଏପର୍ଯ୍ୟନ୍ତ କେଜାଣି କହି ଯୁବକ ଜଣକ ସୁମିତ୍ରାଦେବୀଙ୍କୁ ଅନେଇଲା । ଏ କ'ଣ, ମା ... ଆପଣଙ୍କ ପୁଅର କ'ଣ ମୃତ୍ୟୁଯୋଗ ଦେଖଉଛି ? କହି ଯୁବକଟି ତାଙ୍କୁ କହିଲା ବୋଧେ ଜ୍ୱର ସହ ଥଣ୍ଡା ହେଇଛି ପୁଅକୁ । ସୁମିତ୍ରାଦେବୀ ଚମକି ପଡ଼ିଲେ.... ଆରେ ତାଙ୍କ ପୁଅର ସ୍ୱାସ୍ଥ୍ୟ ବିଷୟରେ ଏ ଯୁବକ ଜଣକ କେମିତି ଜାଣିଲା ? ବୋଧେ ତାଙ୍କ ଘରପାଖରେ କଉଠି ରହୁଛି କି ଆଉ... ନାହିଁ ମା, ମୁଁ ଆପଣଙ୍କ ଘର ପାଖରେ ରହୁନି, ମୁଁ ତ କଲେଜ୍‌ଛକ ପାଖ ଆଜିମାବାଦ୍‌ରେ ରହୁଛି, କହିଉଠିଲା ଯୁବକ ଜଣକ ।

ଏଁ..!! ମନେମନେ ଚମକି ପଡ଼ିଲେ ସୁମିତ୍ରାଦେବୀ । ଇଏ କ'ଣ ମନକଥା ସବୁ ଜାଣିପକଉଛି । ଆରେ ମା... ଆପଣ ପରା ବାବୁଙ୍କ ବହି ଉନ୍ମୋଚନ ଦିନ ପିନ୍ଧିବା ପାଇଁ ଶାଢି କିଣିବାକୁ ଯାଉଛନ୍ତି, ପୁଣି ଆପଣଙ୍କ ପ୍ରିୟସାଙ୍ଗକୁ ବି ଡାକିଛନ୍ତି ଶାଢ଼ି ବାଛିବାରେ ସାହାଯ୍ୟ କରିବାକୁ !

ଯୁବକଜଣକ କହୁଥିଲା ଆଉ ସୁମିତ୍ରାଦେବୀ ଆଁ କରି ତା'ମୁହଁକୁ ଋହିଁ ରହିଥିଲେ ।

ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ବାବୁଙ୍କ ବହି ନିଶ୍ଚିତ ଛପା ହେବ ଆଉ ଆପଣଙ୍କର ବି କ୍ଲବ୍‌ରେ ଭଲ ନାମ ହେବ । ଆପଣ ତ ଆପଣଙ୍କ କ୍ଲବ୍‌ରେ ସବୁଠାରୁ ସୁନ୍ଦରୀ ଆଉ ୟଙ୍ଗ୍ ଲୁକ୍ ପାଇଁ ପ୍ରାଇଜ୍ ବି ପାଇବେ ।

ସତକଥା ତ... ସୁମିତ୍ରାଦେବୀ ତ ଭୁଲିଯାଇଥିଲେ, ତାଙ୍କ କ୍ଲବ୍ ଫଙ୍କସନ୍‌ରେ ଏଇ ପ୍ରାଇଜ୍ ପାଇଁ ସିଏ ବି ଜଣେ ପ୍ରାର୍ଥୀ । ସମିତ୍ରାଦେବୀ ଖୁସି ହେଇଗଲେ, ଯୁବକବାବା ଜଣକ କହିଲେଣି ଯଦି, ତେବେ ସେ ହିଁ ଏ ପ୍ରାଇଜ୍ ପାଇବେ । ହେଲେ ଏତେ କଥା ଏ ଯୁବକବାବା ଜାଣୁଛନ୍ତି କେମିତି ? ଭାବିଲାବେଳକୁ ସେ ଯୁବକ କହିଉଠିଲେ କଠିନ ସାଧନା କରିଛି ମୁଁ । ବର୍ଷବର୍ଷ ଧରି କରିଥିବା ସାଧନା ଦ୍ୱାରା ମୁଁ ସମସ୍ତଙ୍କ ଭୂତ, ଭବିଷ୍ୟତ ଜାଣିପାରେ । ହେଲେ ଏସବୁ ଖୁବ୍ ଗୁପ୍ତ ଆଉ ଗୋପନୀୟ ମଧ୍ୟ । ଆଜି ପ୍ରଥମଥର ପାଇଁ ବାହାରକୁ ଆସିଛି, ଆଉ ଆପଣଙ୍କ ସହ ଭେଟ ହେଇଗଲା । ଆପଣଙ୍କ ଉପରେ ବିପଦ ଘନେଇ ଆସୁଥିବା ଜାଣି ମୁଁ ଚୁପ୍ ରହିପାରିଲିନି ।

ସୁମିତ୍ରାଦେବୀ ଘବରେଇ ଗଲେ । ବାବା ତ ସବୁ ଜାଣିପାରୁଛନ୍ତି । ହେଇ ଦେଖୁନ, ବହିଛପା କଥାଠୁ ଆରମ୍ଭ କରି ଶାଢି କିଣା, ଜନ୍ମଦିନ, ଆନିଭର୍ସରି ଦିନ ସବୁ ତାରିଖ ସହ ଇୟର ବି କେମିତି କହିଦେଲେ । ସତରେ ବାବା କହୁଛନ୍ତି ମାନେ ବଡ଼ ବିପଦ କ'ଣ ଗୋଟେ ଆସୁଛି ତେବେ... ।

ହେଲେ ଆପଣ ଆଦୌ ଡରନ୍ତୁ ନାହିଁ । ଏଇ ବର୍ତ୍ତମାନ ମୁଁ ଆପଣଙ୍କ ପାଇଁ ପ୍ରାର୍ଥନା କରିବି । ସବୁ ଠିକ୍ ହେଇଯିବ... ଆପଣ ଆଖି ବନ୍ଦକରି ବସନ୍ତୁ ଆଉ ମନେମନେ ଶହେ ପର୍ଯ୍ୟନ୍ତ ଗଣନ୍ତୁ ।

ଆରେ ଆରେ.. ଏ କ'ଣ ?

କ'ଣହେଲା ବାବା, ପଚ୍ଚରିଲେ ସୁମିତ୍ରାଦେବୀ । ପ୍ରାର୍ଥନା କରିବା ଆଗରୁ ମନକୁ ଯେମିତି ସବୁ ଚିନ୍ତାରୁ ମୁକ୍ତ କରାଯିବ, ଠିକ୍ ସେମିତି ଶରୀରକୁ ମଧ୍ୟ ଏଇସବୁ ଧାତୁ ନିର୍ମିତ ପଦାର୍ଥରୁ ମୁକ୍ତ କରିବା ଉଚିତ । ଆପଣ ଏ ହାର, ହୀରାମୁଦି, ପାନ୍ନାର, କାନଫୁଲ ଆଉ ଏ ଯେଉଁ ୨/୪ଟି ମୁଦି ପିନ୍ଧିଛନ୍ତି ସବୁକୁ ଖୋଲିଦେଇ ପର୍ସରେ ରଖିଦିଅନ୍ତୁ । ମନ ସହ ଶରୀରକୁ ଢ଼ିଲା କରନ୍ତୁ । ଆଖି ବନ୍ଦ କରିଥାଆନ୍ତୁ... ମନେମନେ ଗଣନା ଆରମ୍ଭ କରନ୍ତୁ । ହଁ...ହଁ ପର୍ସକୁ ସେଇଠି ଆପଣଙ୍କ ସାମ୍ନାରେ ରଖିଦିଅନ୍ତୁ । ବାସ୍... । ମୁଁ ଏବେ ପାଞ୍ଚମିନିଟ୍ ଏଇଠି ଧ୍ୟାନରେ ବସିଲି । ଯାହାହେଉ କେହି ନାହାଁନ୍ତି, ଆମକୁ ଡିଷ୍ଟର୍ବ କରିବାପାଇଁ । ଏବେ ବୁଝିଗଲେ ସବୁ ତ...

ହଁ... ଆରମ୍ଭ କରନ୍ତୁ ।

ଏକ...ଦୁଇ...ତିନ୍...

ସୁମିତ୍ରାଦେବୀ ଗଣନାରେ ମଜ୍ଜିଗଲେ । ହଠାତ୍ ତାଙ୍କ ବାନ୍ଧବୀ ମାମିର ଡାକରେ ସେ ଧଡ଼ପଡ଼ ହୋଇ ଉଠିଲେ । ମାମି ଚିଲ୍ଲଉଥିଲା, ମୁଁ ତୋତେ ଶାଢ଼ିଦୋକାନରେ ଅପେକ୍ଷା କରିଛି, ଆଉ ତୁ ଏଠି ଏମିତି ଚୁପ୍ ହେଇ ଆଖି ବନ୍ଦକରି କାହିଁକି ବସିଛୁ ? ଅଟୋ ଯଦି ନ ମିଳିଲା, ମୋତେ ଫୋନ୍ କରିଥିଲେ ତ ମୁଁ ତୋତେ ଆସି ପିକ୍‌ଅପ୍ କରି ନେଇଥା'ନ୍ତି ।

ସୁମିତ୍ରା କହିଲେ ନା'ରେ ବ୍ୟସ୍ତ ହେନି । ଟିକେ ବସିଯାଇଥିଲି । ଋଲ ଯିବା, କହି ସୁମିତ୍ରା ପର୍ସ ପାଇଁ ତଳକୁ ଋହିଁଲାବେଳକୁ ଚମକି ପଡ଼ିଲେ... ଆରେ ପର୍ସ କାହିଁ ? ? ସେ ବାବା କାହାନ୍ତି ? ମୁଣ୍ଡ ବାଡ଼େଇ କାନ୍ଦୁଥିଲେ ସୁମିତ୍ରାଦେବୀ । କାହାକୁ କହିହେବନି ଏ କଥା ! ଆଜିର ସମୟରେ ସେ ଯେ ଏଭଳି ଠକେଇର ଶିକାର ହେଲେ... ! କାହିଁକି ରସାନନ୍ଦବାବୁଙ୍କ କଥା ଶୁଣିଲେନି... । ସେ ମନା କରୁଥିଲେ ସୁନା ଜିନିଷ ପିନ୍ଧି ଆସିବା ପାଇଁ... । ମନେମନେ ନିଜକୁ ଗାଳିଦେବା ସହ ନାକ ସୁଁ ସୁଁ କରି ଆଖି ପୋଛୁଥିଲେ ସୁମିତ୍ରା ।

♥ ଫକୀରମୋହନ ନଗର,
ଆଇଟିଆଇ ଛକ, ବାଲେଶ୍ୱର-୧
ମୋ : ୮୨୬୦୦୪୩୬୯୨

# ଜାତୀୟ ପ୍ରେସ ଦିବସ -୨୦୨୪ ପାଳିତ



ବେତନଟୀ, ୧୬/୧୧ (ନି.ପ୍ର): ବେତନଟୀ ଧର୍ମଶାଳା ଠାରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ ଦିବସ -୨୦୨୪ ଆଜି ପାଳିତ ହୋଇଯାଇଛି । ସଙ୍ଗଠନର ସଭାପତି ସର୍ବେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବାବେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ ।, ସ୍ୱତନ୍ତ୍ର ଅତିଥି ଭାବେ ଲୋକପ୍ରିୟ ବଡସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବରେ ପଦ୍ମମାଳୀ ମହିଳା ସଙ୍ଗଠନର ସଭାପତି ତଥା ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ସଂଯୁକ୍ତା ଜୀ, କୃଷ୍ଣଚନ୍ଦ୍ରପୁର ଜୁନିୟର କଲେଜର ଅଧକ୍ଷା ଡ. ମନ୍ଦାକିନୀ ସାହୁ, ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ବଲାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକ, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ସମାଜରେ ସାମ୍ବାଦିକର ଭୂମିକା ସମ୍ପର୍କରେ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସର୍ବ ପ୍ରଥମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସଙ୍ଘର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତି ଓ ସ୍ୱର୍ଗତ ସଂଘର ପୂର୍ବତନ ସମ୍ପାଦକ ମଧୁସୂଦନ ଦାଶ ଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ସଂଘ ର ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ମଞ୍ଚପରିଚାଳନାରେ ସଂଘର ଉପଦେଷ୍ଟା ଆଶିଷ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । ଏହି ସଭାରେ ବେତନଟୀ ବ୍ଲକର ଶ୍ରେଷ୍ଠ ଆଶା ଦିଦି ସୁଶିଳା ବାରିକ, ଶ୍ରେଷ୍ଠ ଅଙ୍ଗନୱାଡ଼ି ଦିଦି ଜୟନ୍ତୀ ପଣ୍ଡା, ଶ୍ରେଷ୍ଠ ଆଇନଜୀବୀ ଭାବରେ ହୁସନା ନେସନ, ଶ୍ରେଷ୍ଠ ସାମ୍ବାଦିକ ଭାବରେ ଅମିୟ କୁମାର ବଳା, ଶ୍ରେଷ୍ଠ ଲେଖକ ଭାବରେ ପର୍ଶୁରାମ ସାହୁ, ଶ୍ରେଷ୍ଠ ପୋଲିସ ଅଧିକାରୀ ଭାବରେ ସସ୍ମିତା ମହାନ୍ତଙ୍କୁ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଅଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ଜର୍ଣ୍ଣାଲିଷ୍ଟ ୟୁନିୟନର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ଓଜେୟୁ ମୟୂରଭଞ୍ଜ ଜିଲ୍ଲା ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ବାରିକ, ସଏଦ ସିରାଜୁଦ୍ଦିନ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଏବିଇଓ ରମାକାନ୍ତ ମହାନ୍ତ, ରାଗଧା ଜୁନିୟର କଲେଜର ଅଧକ୍ଷ ଅନନ୍ତ ନାରାୟଣ ମିଶ୍ର, ଅଧାପକ ଦୀପ୍ତିପ୍ରକାଶ ମହାନ୍ତ, ସାଂସଦଙ୍କ ପ୍ରତିନିଧି ପ୍ରଦୀପ କୁମାର ପରିଡା, ମଣ୍ଡଳ ସଭାପତି ରାଜକିଶୋର ଶାହା, ସମ୍ପାଦକ ଜୀବନ କୁମାର ପରିଡା, ପୂର୍ବତନ ବ୍ଲକ ଅଧକ୍ଷା ଅମ୍ବିକା ବାରିକ, ପୂର୍ବତନ ବ୍ଲକ ବିଜେଡି ସଭାପତି ସୁନ୍ଦରମୋହନ ମହାନ୍ତ, ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ଉପସଭାପତି ସୋନା ଖାତୁନ, ମୀନାକ୍ଷୀ ପରିଡା, ରଞ୍ଜିତା କର, ଅନିନ୍ଦିତା ସାହୁ, ବିନୋଦିନୀ ମହାନ୍ତ, ପଦ୍ମଶ୍ରୀ ଦେ, ମନୋରମା ସାହୁ , ହରପ୍ରିୟା ଦାସ ଓ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂଘ ର ଉପ ସଭାପତି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସୋର ପ୍ରେସ୍ କ୍ଲବ ତରଫରୁ ଜାତୀୟ ପ୍ରେସ ଦିବସ ପାଳିତ

ସୋର, ୧୬/୧୧ (ନି.ପ୍ର): ଆଜି ପୂର୍ବାହ୍ନରେ ସୋର ପ୍ରେସ କ୍ଲବ ତରଫରୁ ସଂସ୍କୃତି ଭବନ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । କ୍ଲବର ସଭାପତି ଚନ୍ଦ୍ରମୋହନ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି କହିଲେ ଯେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ସମାଜର ଦର୍ପଣ ସଦୃଶ, ଲୋକଙ୍କ ପାଖରେ ଏହା ଅବିକଳ ଚିତ୍ର ପ୍ରଦର୍ଶନ କରିବା ସହିତ ସଠିକ୍ ମାର୍ଗ ଦେଖାଇଥାଏ । ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ତଥା ସୋର ସମ୍ବାଦ ସାହିତ୍ୟ ଘର ସଭାପତି ବିଜୟ କୁମାର ମହାପାତ୍ର ଭାଷଣ ପ୍ରସଙ୍ଗରେ ଗଣମାଧ୍ୟମର ଧାରାବାହିକ ଭାବେ ପରିବର୍ତ୍ତନୀୟ ରୂପର ଚିତ୍ର ପ୍ରଦର୍ଶନ କରିଥିଲେ । ମୁଖ୍ୟ ବକ୍ତା ବରିଷ୍ଠ ଶିଶିର କୁମାର ଦାସ ଯୋଗ ଦେଇ ୧୯୬୬ ମସିହାରୁ ଗଠିତ ହୋଇଥିବା ପ୍ରେସ କାଉନସିଲ ଅଫ ଇଣ୍ଡିଆର କାର୍ଯ୍ୟ ଦକ୍ଷତାକୁ ଏକ ଦନ୍ତ ବିହୀନ ବାଘ କହିବା ସହ ରାଜନୈତିକ ପୃଷ୍ଠଭୂମିରେ ଗଣମାଧ୍ୟମ ତାର ନିରପେକ୍ଷତା ହରାଇବାରେ ଲାଗିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଅନୁସୟା ମଲ୍ଲିକ ଏବଂ ଭାରପ୍ରାପ୍ତ ପୌରାଧକ୍ଷ ସସ୍ମିତା ଦାସ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରସଙ୍ଗରେ ଗଣତନ୍ତ୍ର ରାଷ୍ଟରେ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରେସ କ୍ଲବର ସମ୍ପାଦକ ପ୍ରଭାକର ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୌରୀ ଶଙ୍କର ଘଡାଇ ସ୍ୱାଗତ ଭାଷଣ ଦେଇଥିଲେ। ସାମ୍ବାଦିକ କବି ଭରତ ଚନ୍ଦ୍ର ଦାଶ ଅତିଥି ସ୍ୱାଗତ କରିଥିଲେ । ଅଭୟ କୁମାର ପତ୍ରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅକ୍ଷୟ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବର୍ଷିଆନ ସାମ୍ବାଦିକ ଲକ୍ଷ୍ମୀନାରାୟଣ ନାୟକ ଓ ବରିଷ୍ଠ ସାମ୍ବାଦିକ ଅନାମ ଚରଣ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସୋର ନାଗରିକ ମଞ୍ଚ ସଭାପତି ନେତ୍ରାନନ୍ଦ ରାଉତ, ରାଧାନାଥ ପାଠାଗାର ସଂପାଦକ ଦାମୋଦର ଦାଶ ମହାପାତ୍ର, ସରକାରୀ ଅବସର କମଚାରୀ ସଂଘ ସଭାପତି ନବକିଶୋର ଦାସ, ସାମାଜିକ କର୍ମୀ ପୂର୍ବାଶା ମହାନ୍ତି,ସାମ୍ବାଦିକ ଗୟାଧର ସାହୁ ଓ ଶିକ୍ଷାବିତ୍ ଅଶୋକ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁଶାନ୍ତ ବେହେରା, ଶ୍ରୀଲେଖା ସାହୁ, ରମାକାନ୍ତ ପଣ୍ଡା, ନନ୍ଦକିଶୋର ସାହୁ ଏବଂ ଜ୍ୟୋସ୍ନା ରାଣୀ ଜେନା ପରିଚାଳନା କରିଥିବା ବେଳେ ପ୍ରେସ କ୍ଲବ ଓ ଗାଁ ମଜଲିସ ସାହିତ୍ୟ ସଂସଦର ସଦସ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଭକ୍ତଙ୍କ ପାଇଁ ...

ଲୋକେ କିନ୍ତୁ ସମସ୍ତ ୪ ଦ୍ୱାର ଦେଇ ପ୍ରବେଶ ସହ ପ୍ରସ୍ଥାନ କରିପାରିବେ। କାର୍ତ୍ତିକ ମାସ ପାଇଁ ଗତ ୧୮ ତାରିଖରୁ ଭକ୍ତମାନେ ସିଂହଦ୍ୱାର ଏବଂ ପଶ୍ଚିମ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରୁଥିଲେ, ହେଲେ ଅହେତୁକ ଭିଡ଼ ପାଇଁ ପଞ୍ଚୁକ ୪ ଦିନ ପଶ୍ଚିମ ଦ୍ୱାର ରବାଟେ ବି ପ୍ରବେଶ କଟକଣା ଲଗାଇ କେବଳ ସିଂହଦ୍ୱାର ବାଟେ ଭକ୍ତଙ୍କୁ ଛଡ଼ା ଯାଉଥିଲା।

## ବିଜେଡିକୁ ଝଟ୍‌କା: ଅନାସ୍ଥାରେ ...

ନାୟକଙ୍କ ବିରୋଧରେ ଆସିଥିବା ଅନାସ୍ଥା ଉପରେ ଅନାସ୍ଥା ଭୋଟିଂ ହୋଇଥିଲା। ୨ ବିଧାୟକ, ଢେଙ୍କାନାଳ ସାଂସଦଙ୍କୁ ମିଶାଇ ୬୨ ଜଣ ଅନାସ୍ଥା ଭୋଟ୍‌ରେ ଅଂଶ ଗ୍ରହଣ କରିଥିଲେ। ଅନାସ୍ଥା ସପକ୍ଷରେ ୪୪ ଖଣ୍ଡ ଭୋଟ ପଡ଼ିଥିବା ବେଳେ ବିପକ୍ଷରେ ୧୭ ଖଣ୍ଡ ଭୋଟ ପଡ଼ିଥିଲା। ଗୋଟିଏ ଭୋଟ୍ ନାକଚ ହୋଇଥିଲା। ଏନେଇ ଘୋଷଣା କରିଛନ୍ତି ରିଟର୍ଣ୍ଣିଂ ଅଫିସର ଲିତୁସ୍ମିତା ମିଶ୍ର। ଅନାସ୍ଥାରେ ହାରିବା ପରେ ବ୍ଲକ୍ ଅଧକ୍ଷା ପଦରୁ ରାଜଶ୍ରୀ ନାୟକ ହଟିଛନ୍ତି। ଏବେ ଉପାଧକ୍ଷ କାଳନ୍ଦୀ ବାରିକ ଅଧକ୍ଷ ଦାୟିତ୍ୱରେ ରହିବେ। ଏହି ଭୋଟ୍ ପ୍ରକ୍ରିୟାରେ ଢେଙ୍କାନାଳ ଓ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ବିଧାୟକ ଓ ସାଂସଦଙ୍କ ସହିତ ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟ ଉପସ୍ଥିତ ଥିଲେ। ତେବେ ଆଜିର ଅନାସ୍ଥା ପରେ ରାଜ୍ୟରେ ବିଜେଡି ଗଡ ଭୁଷୁଡୁଛି ବୋଲି କହିଛନ୍ତି ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ଶ୍ରୀ ପାତ୍ର କହିଛନ୍ତି, ସାରା ଓଡ଼ିଶାରେ ବିଜେଡି ଭାଙ୍ଗୁଛି।

## ଖତ ଗଦାରୁ ବାହାରିଲା...

ଫୁଟେଜ ଓ କଲ୍ ଡିଟେଲ୍ସ ଆଧାରରେ ଗୋପାଳଙ୍କ ଶଳା ରବୀନ୍ଦ୍ରଙ୍କ ନିକଟରେ ପହଞ୍ଚିଥିଲା। ସେଠାରେ ତାଙ୍କୁ ଅଟକ ରଖି ଗୁଡ଼ାଇତୁଡ଼ାଇ ପଚରାଉଚରା କରିବାରୁ ସେ ଟଙ୍କା ବ୍ୟାଗ ନିଜ ଗାଁକୁ ପଠାଇ ଦେଇଥିବା କହିଥିଲେ। ଆଜି ସକାଳେ ହାଇଦ୍ରାବାଦ ପୁଲିସ୍ ଗୋପାଳଙ୍କ ଗାଁରେ ପହଞ୍ଚିଥିଲା। ଗୋପାଳଙ୍କ ବାପା ଉମାକାନ୍ତ ଫେରାର ହୋଇ ଯାଇଥିବା ବେଳେ ତାଙ୍କ ମା' ପ୍ରଥମେ ଟଙ୍କା ରଖିଥିବା କଥାକୁ ଅସ୍ୱୀକାର କରିଥିଲେ। ଏହାପରେ ସବୁ ସତ କଥା ମାନିଥିବା ବେଳେ ଖତ ଗଦାରେ ଟଙ୍କା ଲୁଚାଇଥିବା କହିଥିଲେ। ପୁଲିସ୍ ଖତଗଦା ଓ ଘରେ ଖୋଜାଖୋଜି କରି ସମୁଦାୟ ୧୪ ଲକ୍ଷ ଟଙ୍କା ଜବତ କରିଛି। ତେବେ ଅବଶିଷ୍ଟ ଟଙ୍କା କୁଆଡ଼େ ଗଲା ଓ ଗୋପାଳ କେଉଁଠି ଅଛି ଏବେ ସେ ନେଇ ତନାଘନା ଚଳାଇଛି ପୁଲିସ୍। ଅଧିକ ତଥ୍ୟ ପାଇଁ ପୁଲିସ୍ ବାସନ୍ତୀ ବେହେରାଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ବାଇଡେନଙ୍କ ପରି ...

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ପରି ସେ ମଧ୍ୟ ଭୁଲି ଯାଉଛନ୍ତି, କଣ କହିବେ କଣ କହିବେନି ମନେ ରଖିପାରୁ ନାହାନ୍ତି।' ମୁଁ ବାରମ୍ବାର କହି ଆସୁଛି ବିଜେପି ସମ୍ବିଧାନ ଉପରେ ଆକ୍ରମଣ କରୁଛି। କିନ୍ତୁ ମୋଦି ତାଙ୍କ ଭାଷଣରେ କହୁଛନ୍ତି କଂଗ୍ରେସ ସମ୍ବିଧାନ ଉପରେ ଆକ୍ରମଣ କରୁଛି। ଏହା ମୋଦିଙ୍କର ମେମୋରି ଲସ୍ ବୋଲି ରାହୁଲ ଗାନ୍ଧି କହିଛନ୍ତି। ସଂରକ୍ଷଣକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରି ରାହୁଲ ଗାନ୍ଧି କହିଛନ୍ତି, 'ମୁଁ ପ୍ରତ୍ୟେକ ବୈଠକରେ କହିଛି ଯେ ସଂରକ୍ଷଣ ଉପରେ ଆମେ ୫୦ ପ୍ରତିଶତ କ୍ୟାପ୍ ହ୍ରାସ କରିବୁ। ମୁଁ ମୋଦିଙ୍କ ସାମ୍ନାରେ ଲୋକସଭାରେ ଏହା କହିଥିଲି। କିନ୍ତୁ ମୋଦି ମୋତେ ସଂରକ୍ଷଣ ବିରୋଧୀ କହୁଛନ୍ତି। ବୋଧେ ତାଙ୍କର ସ୍ମୃତି ଶକ୍ତି ହ୍ରାସ ପାଇଯାଇଛି।' ସେ ଆହୁରି କହିଛନ୍ତି, 'ଏହା ପରେ ପ୍ରଧାନମନ୍ତ୍ରୀ ମୋତେ ଜାତିଗତ ଜନଗଣନା ବିରୋଧୀ କହିବେ। ମୁଁ ବାରମ୍ବାର ଲୋକସଭାରେ ତାଙ୍କ ସମ୍ମୁଖରେ ଜାତି ଜନଗଣନା କରାଇବାକୁ କହିଛି। ଲୋକେ ଜାଣିବା ଦରକାର ଯେ, ଦେଶରେ କେତେ ଦଳିତ, କେତେ ଆଦିବାସୀ ଏବଂ ପଛୁଆ ବର୍ଗ ଅଛନ୍ତି। କିନ୍ତୁ ସେ ଜାତି ଜନଗଣନା କରାଉନାହାନ୍ତି, ଆଉ ପରେ ରାହୁଲ ଗାନ୍ଧି ଏହାର ବିରୋଧି ବୋଲି କହିବେ।'

## ସିଙ୍ଗାପୁର ଗସ୍ତରେ ମୁଖ୍ୟମନ୍ତ୍ରୀ: ...

ବଡ଼ କମ୍ପାନୀ କାମ କରୁଛନ୍ତି। ସେହି କମ୍ପାନୀର ଶୀର୍ଷ ନେତୃତ୍ୱଙ୍କ ସହ ଓଡ଼ିଶା ଆଲୋଚନା କରିବ। ପୁଞ୍ଜିପତିଙ୍କୁ ଆମ ରାଜ୍ୟର ପ୍ରାକୃତିକ ସମ୍ପଦ, ଦକ୍ଷ ମାନବ ସମ୍ବଳ ଓ ଉନ୍ନତ ଶିକ୍ଷ ନୀତି ସମ୍ପର୍କରେ ଅବଗତ କରାଯିବ। ନିବେଶ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇରହିଛି। ଏଣୁ ଓଡ଼ିଶାରେ ନିବେଶ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ନିବେଶକୁ ନିମନ୍ତ୍ରଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ମହା ଆଡମ୍ବର ସହକାରେ ପାଳିତ




ବାରିପଦା, ୧୬/୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସଭାବନା ସଭା ଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଛି । ସମାରୋହରେ ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ଭାରତୀ ହାଁସଦା, ମୁଖ ଅତିଥି ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦୌଲତ ଚନ୍ଦ୍ରକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିବା ସହ କହିଥିଲେ ଯେ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ମୁସଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶାନ୍ତନୁ କୁମାର ନାୟକ, ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ଶ୍ରୀମତୀ ସବିତା ମାଝୀ ଓ ବରିଷ୍ଠ ସାମ୍ବାଦିକ ଶ୍ରୀ କଲ୍ୟାଣ କୁମାର ସିହ୍ନା ଯୋଗ ଦେଇ ଏହି ପାଳନୀୟ ଜାତୀୟ ଦିବସକୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ପ୍ରକାଶ ଥାଉକି, ଚଳିତ ବର୍ଷ ପାଇଁ ପ୍ରେସ କାଉନ୍ସିଲ ଅଫ ଇଣ୍ଡିଆ ପକ୍ଷରୁ 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୁପ' ବିଷୟବସ୍ତୁ ସ୍ଥିରୀକୃତ ହୋଇଥିଲା। ଏଣୁ ସାମ୍ପ୍ରତିକ ନୂତନ ଡିଜିଟାଲ୍/ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରେ ବିଭିନ୍ନ ପରିବର୍ତ୍ତନଗୁଡିକ ସତ୍ତ୍ୱେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର, ତେଣୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କର୍ଜ୍ୟକରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ ବୋଲି ଏହି ପାଠ୍ୟ ଚକ୍ରରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ନାୟକ କହିଥିଲେଯେ ସାମ୍ବାଦିକତା ମାଧମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବା ସହ ସମାଜକୁ ଅବଗତ କରାଇବାରେ ଗଣମାଧ୍ୟମ ପରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ,ତେଣୁ ସମୟର ତାଳ ସହ ତାଳ ମିଶାଇ ନିଜକୁ ଶିକ୍ଷିତ ଏବଂ ଉନ୍ନତ କରିବା ଆବଶ୍ୟକ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଉପ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତର ଗଣମାଧ୍ୟମ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜାତୀୟ ପ୍ରେସ ଦିବସ ପାଳନର ମୁଖ୍ୟ ଉଦେଶ୍ୟ ବିଷୟରେ ଆଲୋଚନା କରିବା ସହିତ ସାମ୍ବାଦିକତାର ଗାରିମାକୁ ବଜାଇରଖିବା ଏବଂ ଏକତ୍ରିତ ହୋଇ ପ୍ରସାଶନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ। ପରିଶେଷରେ, ସାମ୍ବାଦିକ ବନ୍ଧୁ ମାନଙ୍କ ମଧ୍ୟରେ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ଏବଂ ଦିବସଟିକୁ ଆଡମ୍ବରରେ ସମସ୍ତେ ପାଳନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ଅବିନାଶ ପାଣି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ସମସ୍ତ କାର୍ଯ୍ୟ ସଂଚାଳନ କରିଥିବା ବେଳେ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲାପାଳ କାର୍ଯ୍ୟାଳୟର ସମସ୍ତ ଅଧିକାରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହି ଦିବସବ୍ୟାପୀ ସମାରୋହକୁ ସଫଳ କରାଇଥିଲେ।

# କଳିଙ୍ଗ ବାଲିଯାତ୍ରା ୨୦୨୪ର ତୃତୀୟ ସନ୍ଧ୍ୟା




ପାରାଦୀପ , ୧୬/୧୧ (ନି.ପ୍ର): କଳିଙ୍ଗ ବାଲିଯାତ୍ରାର ତୃତୀୟ ସନ୍ଧ୍ୟା ସ୍ଥାନୀୟ ବାଲିଯାତ୍ରା ପଡ଼ିଆରେ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ,ପାରାଦୀପ ଶ୍ରୀ ନିରଞ୍ଜନ ବେହେରା ଙ୍କ ଅଧକ୍ଷତା ରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ଶ୍ରୀ ପି.କେ ମହାପାତ୍ର , ମୁଖ୍ୟ କାରଖାନା ଅଧିକାରୀ, ଇଫକୋ ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ଅଧକ୍ଷ, ପାରାଦୀପ ପୌର ପରିଷଦ ଏବଂ ଶ୍ରୀ ତ୍ରିନାଥ ସାହୁ , ମୁଖ୍ୟ ସାଧାରଣ ପରିଚାଳକ ପ୍ରକଳ୍ପ, ଆଇ.ଓ.ସି.ଏଲ କଳିଙ୍ଗ ନୌବାଣିଜ୍ୟର ସ୍ମୃତି ଚାରଣ କରିଥିଲେ । ଆଜିର ସନ୍ଧ୍ୟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାବା ଲୋକନାଥ ଗ୍ରୁପ ଦ୍ୱାରା ଭଜନ ସନ୍ଧ୍ୟା,ଦଧିବାବନଜୀଉ ସାଂସ୍କୃତିକ ସଂଗଠନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ସୁଭଦ୍ରା କ୍ଲାସିକାଲ ମ୍ୟୁଜିକ୍ ସ୍କୁଲ ଦ୍ୱାରା ସେମିକ୍ଲାସିକଲ୍ ଡାନ୍ସ, ନୃତ୍ୟଶ୍ରୀ କଳା ନିକେତନ ଟ୍ରଷ୍ଟ ଦ୍ୱାରା ଶିବ ତାଣ୍ଡବ, ବୁଧନ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଡାଲଖାଇ ଗ୍ରୁପ, ବଲାଙ୍ଗୀର ଡାଲଖାଇ ଏବଂ ସୃଷ୍ଟି ଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ସାଇକ୍ରିଷ୍ଣା କଳା ମଣ୍ଡପ, ଶ୍ରାବଣୀ କଳା ନିକେତନ ଏବଂ ପରମଜ୍ୟୋତି କଳାକ୍ଷେତ୍ର ଟ୍ରଷ୍ଟ ବିଭିନ୍ନ ପ୍ରକାର ଡାନ୍ସ ଓ ମଡର୍ଣ୍ଣ ଡାନ୍ସ ପରିବେଷଣ କରିଥିଲେ। ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲେ ଇଣ୍ଡିଆ'ସ ଗଟ ଟାଲେଣ୍ଟ ର ଭାଗ ନେଇଥିବା ଫ୍ଲାଗସୋମାନିଆ ।ଶେଷରେ ସ୍ୱୟଂପାଢ଼ୀ ଓ ଗ୍ରୁପ ର ମ୍ୟୁଜିକାଲ ବ୍ୟାଣ୍ଡ ର ସଙ୍ଗୀତ ଦର୍ଶକ ମାନଙ୍କୁ ବିମୋହିତ କରିଥିଲା।

# ଏସସିବିରେ ସୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ରର ଶୁଭ ଉଦ୍ଘାଟନ କଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶନିବାର ଦିନ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଉତ୍କଳ ବିପନ୍ନ ସହାୟତା ସମିତି ଦ୍ୱାରା ପରିଚାଳିତ ସୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ରର ଶୁଭ ଉଦ୍ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କଟକ ସଦରର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଏସବିସି ମେଡିକାଲ କଲେଜର ଅଧକ୍ଷା ଡ଼ା.ଲୁସି ଦାସ, ଉତ୍କଳ ବିପନ୍ନ ସହାୟତା ସମିତିର ସଭାପତି ଇଂ ଅକ୍ଷୟ କୁମାର ବିଟ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA
OFFICE OF THE BHADRAK MUNICIPAL COUNCIL, BHADRAK, ODISHA,
* * * * * *

e-Quotation Call Notice

QUOTATION CALL THROUGH e-Procurement
Identification No. BM-BDK- 02/2024-25 Dt.12.11.2024
Quotation Call Notice No.5370 dt. 12/11/2024

| | | |
|---|---|---|
| 1. | Name of the work | : Budgetary Offer for Supplying & fixing of different non-schedule item of works for different projects in Bhadrak Municipality |
| 2. | Date and time of availability bid document in the portal | : From 11.00 hours of Dt.16.11.24 to 17.00 hours of Dt.27.11.24 |
| 3. | Date and time of opening of bid | : 11.00 hours and onwards of Dt. 28.11.2024 |
| 4. | Name and address of the Officer Inviting Bid | : Executive Officer, Bhadrak Municipality, Bhadrak. |

Further details can be seen from the e-procurement portal https://tendersorissa.gov.in" or "http://tenders.ori.nic.in/nicgep/app"

OIPR: 13152/11/0013/2425

12/11/24
Executive Officer
Bhadrak Municipality

# ଜିଲ୍ଲାସ୍ତରୀୟ 'ଜାତୀୟ ପ୍ରେସ ଦିବସ- ୨୦୨୪' ଅନୁଷ୍ଠିତ




ବାଲେଶ୍ୱର, ୧୬/୧୧ (ନି.ପ୍ର): ସଦ୍‌ଭାବନା ସଭାଗୃହଠାରେ ମାନ୍ୟବର ସାଂସଦ, ବାଲେଶ୍ୱର ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀ ମାନସ ଦତ୍ତ, ମାନ୍ୟବର ଅଧକ୍ଷ, ଜିଲ୍ଲାପରିଷଦ ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ପ୍ରେସ ଦିବସ-୨୦୨୪ ଅନୁଷ୍ଠିତ ହୋଇଯାଇଛି ଓ ଆୟୋଜିତ ଏହି କାର୍ଯ୍ୟକ୍ରମରେ "ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ" ଶୀର୍ଷକ ଉପରେ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟରତ ଦିବଙ୍ଗତ ସାମ୍ବାଦିକ ଓ ରାଜ୍ୟ ତଥା ଦେଶର ବିଭିନ୍ନ ଭାଗରେ ପ୍ରାଣ ହରାଇଥିବା କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମାନ୍ୟବର ସାଂସଦ ଶ୍ରୀ ଷଡ଼ଙ୍ଗୀ ନିଜ ଅଭିଭାଷଣରେ କହିଥିଲେ କି ଗଣମାଧ୍ୟମ ହେଉଛି ସମାଜର ଦର୍ପଣ ଓ ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ। ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ? ଭାବେ ତୁଲାଇ ଜନସମାଜର ବିକାଶ ସହିତ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ମାନ୍ୟବର ବିଧାୟକ ଶ୍ରୀ ଦତ୍ତ କହିଥିଲେ କି ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର । ଏଥି ପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କାର୍ଯ୍ୟ କରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ । ବାତ୍ୟା ଦାନା ସମୟରେ ନିରବଛିନ୍ନ ଖବର ପ୍ରସାରଣ ଓ ସଠିକ ତଥ୍ୟ ଜନସାଧାରଙ୍କ ପାଖରେ ପହଞ୍ଚାଇବା ପାଇଁ ଆଗେଇ ଆସିଥିବା ଜିଲ୍ଲାର ସାମ୍ବାଦିକମାନଙ୍କର ଅକ୍ଲାନ୍ତ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ପାଇଁ ମାନ୍ୟବର ବିଧାୟକ ତାଙ୍କୁ ସାଧୁବାଦ ଜଣାଇଥିଲେ। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଥିବା ମାନ୍ୟବର ଅଧକ୍ଷ ଜିଲ୍ଲାପରିଷଦ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ । ଗଣମାଧ୍ୟମ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟକରି ପ୍ରଶାସନକୁ ନିଜ ଦାୟିତ୍ୱ ନିର୍ବାହ ଲାଗି ଯେଭଳି ସଚେତନ କରାଇଥାଏ ତାହାର ସେ ଉଚ୍ଚ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗ ଦେଇ ଉକ୍ତ ବର୍ଷର ବିଷୟବସ୍ତୁ 'ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ' ବିଷୟରେ ଆଲୋଚନା କରି ସମ୍ପ୍ରତି ନୂତନ ଡିଜିଟାଲ୍/ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରିଥିଲେ । ଏହି ସମାରୋହରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଫଟୋ ସାମ୍ବାଦିକ ଶ୍ରୀ ରମଣୀ ରଞ୍ଜନ ଦାସ (ପ୍ରମେୟ) ଏବଂ କ୍ୟାମେରାମ୍ୟାନ ଶ୍ରୀ ଭବାନୀ ଶଙ୍କର ବେହେରା (ନନ୍ଦିଘୋଷ ଟିଭି) ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

ରବିବାର, ୧୭ ନଭେମ୍ବର , ୨୦୨୪

ଧ୍ୱନି ପ୍ରତିଧ୍ୱନି

# ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ର ଶିଶୁ ଦିବସ ପାଳନ ଅବସରରେ 'ରେବତୀ' ନାଟିକା

ବାଲେଶ୍ୱର, ୧୬/୧୧ (ନି.ପ୍ର): ବାଲେଶ୍ୱର ସହର ଉପକଣ୍ଠ ଶ୍ରୀଜଗନ୍ନାଥ ପବ୍ଲିକ୍ ସ୍କୁଲ୍‌ରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ୭୫ତମ ଜୟନ୍ତୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଗହଣରେ ବିଦ୍ୟାଳୟର ପ୍ରତିଷ୍ଠାତା ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଅନୁଷ୍ଠାନର ଉପାଧକ୍ଷ କବି ଶ୍ରୀଦେବ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ମିଶ୍ର ଏବଂ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ସରୋଜିନୀ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚାଚା ନେହେରୁଙ୍କ ସଂପର୍କିତ ଜାତୀୟ ସଂହତି ମୂଳକ ସଂଗୀତ ପରିବେଷଣ କରିବା ସଂଗେସଂଗେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ରଚିତ କାଳଜୟୀ ଗଳ୍ପ 'ରେବତୀ'କୁ ନାଟ୍ୟ ରୂପାନ୍ତର କରାଯାଇ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ୭୦ରୁ ଅଧିକ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପରିଚାଳନା ମୁଖ୍ୟ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜ୍ଞାନ ପ୍ରକାଶ ପାଣିଗ୍ରାହୀ ଏବଂ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ଏଚ୍.ଏଚ୍. ଶ୍ରୀରାମ, ରଜତ ଦାସଅଧିକାରୀ, ରାଜେନ୍ଦ୍ର ପ୍ରସାଦ ଘୋଷ, ପ୍ରଣୀତା ଅଗସ୍ତି, ସସ୍ମିତା ଆଚାର୍ଯ୍ୟ, ମୋନାଲିସା ପଣ୍ଡା, ଗୁଲେସାମା ସାହିନ୍, ନହିଦ୍ ସୁଲ୍‌ତାନ୍, ଆଫ୍ରିନ୍ କାଦ୍ରି, ଭାଗ୍ୟଲକ୍ଷ୍ମୀ ବେହେରା, ଜିତେନ୍ଦ୍ର ବେହେରା, ଅନ୍ନପୂର୍ଣ୍ଣା ବେହେରା, ଜୟନ୍ତୀ ଦାସ, କୀର୍ତ୍ତି ସେନ୍, ଅଜୟ କୁମାର ପ୍ରଧାନ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ।



# ଖଇରା ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ ଦିବସ




ଖଇରା, ୧୬/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାମ୍ବାଦିକ ପ୍ରକୋଷ୍ଠ ରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି । ଉତ୍କଳବନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଖଇରା ତହସିଲଦାର ଜିତେନ୍ଦ୍ର ମୁର୍ମୁ ମୁଖ୍ୟଅତିଥି,ଖଇରା ଥାନାଧିକାରିଣୀ ମୌସୁମୀ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବନ୍ୟାବାତ୍ୟା ରେ ଗଣମାଧ୍ୟମ ପ୍ରତିନିଧି ମାନେ ଜିବନକୁ ବାଜି ଲଗାଇ ଗ୍ରାଉଣ୍ଡ ଜିରୋରେ କାମ କରୁଥିବାରୁ ତାଙ୍କ ସାମାଜିକ ଓ ଆର୍ଥୀକ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବାର ଆବଶ୍ୟକତା ଅଛି ବୋଲି କହିଥିଲେ । ସଂଘର ଉପଦେଷ୍ଟା ଅନାମ ଚରଣ ପଣ୍ଡା, ଉପସଭାପତି ତପୋଧନ ବାରିକ, କୋଷାଧକ୍ଷ ଧନଞ୍ଜୟ ପଣ୍ଡା,ଉମେଶ କୁମାର ଜେନା,ଦୁର୍ଗାମାଧବ ଓଝା, ସଭ୍ୟ ରଘୁନାଥ ସାମଲ, ପଦ୍ମଲୋଚନ ଦାସ, ଦେବବ୍ରତ ଦାସ, ଛାୟାକାନ୍ତ ମହାନ୍ତି, ମନୋଜ ପ୍ରଧାନ, ପ୍ରଶାନ୍ତ କୁମାର ବେହେରା, ସମ୍ଭୁନାଥ ନାୟକ, ସତ୍ୟଭାମା ପ୍ରଧାନ,ଅନାଦି ନାୟକ, ବିସ୍ମୟ ବେହେରା, ଗୌତମ ମୁଖି,ଜୟନ୍ତ କୁମାର ରାଉତ, ରମାକାନ୍ତ ଶତପଥି ପ୍ରମୁଖ ଖବରଦାତା ମାନେ ଭୋଗୁଥିବା ସମସ୍ୟା ଉପରେ ଆଲୋକପାତ କରିଥିଲେ । ସମ୍ପାଦକ ବଳରାମ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମେ ସଡକଦୁର୍ଘଟଣାରେ ଗୁରୁତର ହୋଇ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିବା କାର୍ଯ୍ୟରତ ସାମ୍ବାଦିକ ସଞ୍ଜୟ କୁମାର ବେହେରାଙ୍କ ଆଶୁ ଆରୋଗ୍ୟଲାଗି ଇଶ୍ୱର ନିକଟରେ ପ୍ରାର୍ଥନା କରାଯାଇଥିଲା ।

# ବାରିପଦାରେ ଶ୍ରୀଗୁରୁ ଭାଗବତ ଜନ୍ମୋତ୍ସବ ପାଳିତ



ବାରିପଦା , ୧୬/୧୧ (ନି.ପ୍ର): ପ୍ରତିବର୍ଷ ପରି ଏବର୍ଷ ମଧ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ବାରିପଦାର ବିଭିନ୍ନ ସ୍ଥାନରେ ୨୩ତମ ଶ୍ରୀଗୁରୁ ଭାଗବତ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଭଂଜପୁର ସ୍ଥିତ 'ଶ୍ରୀଗୁରୁ ଭାଗବତ ଟୁଙ୍ଗୀ' ରୁ ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ ନଅ ଖଣ୍ଡ ଶ୍ରୀଗୁରୁ ଭାଗବତ ଗ୍ରନ୍ଥକୁ ଏକ ସୁସଜ୍ଜିତ ପାଲିଙ୍କିରେ ଶତାଧିକ ଭକ୍ତ ପାଲିଙ୍କି ଶୋଭାଯାତ୍ରାରେ ବାହାରି ବଡବଜ୍ାର ସ୍ଥିତ 'ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ' ରେ ପହଞ୍ଚିଥିଲେ । ବଡଦାଣ୍ଡ ଶ୍ରୀଗୁରୁ ଭାଗବତ ଟୁଙ୍ଗୀରେ ଶ୍ରୀଗୁରୁ ଭାଗବତ ପାରାୟଣ, ଭଜନ ଓ ପ୍ରସାଦ ସେବନ ସହ ଏହି ଜନ୍ମୋତ୍ସବ ସମାପ୍ତ ହୋଇଥିଲା । ୨୦୦୧ ମସିହାର କାର୍ତ୍ତିକ ପୂର୍ଣ୍ଣିମା ରାତିରେ ଏହି ମହାନ ଗ୍ରନ୍ଥର ପ୍ରଥମ ଚାରି ଧାଡି ' ଶ୍ରୀଗୁରୁ ଦେବ ଗୁରୁଦେବ, ପ୍ରାଣ ମୋ ଖୋଜେ ପାଦ ତ୍ୱ । ତୁମ ଶ୍ରୀ ପୟର ଧ୍ୟାନରେ, ଏକାଗ୍ରତା ଆସେ ମନରେ । ପୂଜ୍ୟ ଗୁରୁଜୀ ଡ଼ଃ ଚନ୍ଦ୍ରଭାନୁ ଶତପଥୀଙ୍କ କଲମରୁ ନବାକ୍ଷରୀ ଛନ୍ଦରେ ସ୍ୱତଃ ଝରି ଆସିଥିଲା । ଗୁରୁ ପରମ୍ପରା, ଗୁରୁ ଶିଷ୍ୟ ସମ୍ବନ୍ଧ, ଅନ୍ଧବିଶ୍ୱାସ, ଜନ୍ମ ମୃତ୍ୟୁ ବିଦ୍ୟା, କାଳ ତତ୍ତ୍ୱ, ପିତୃମାତୃ ପୂଜନ ଆଦି ବହୁ ବିଷୟରେ ବର୍ତ୍ତମାନ ସୁଦ୍ଧା ନଅ ଖଣ୍ଡ ଗ୍ରନ୍ଥ ପ୍ରକାଶିତ ହେଲାଣି । କେବଳ ଓଡ଼ିଆରେ ନୁହେଁ ଇଂରାଜୀ ଭାଷା ସହ ଭାରତର ୨୦ଗୋଟି ପ୍ରାନ୍ତୀୟ ଭାଷାରେ ଏହି ଗ୍ରନ୍ଥ ଅନୁବାଦିତ ହୋଇ ପ୍ରକାଶିତ ହେଲାଣି । ଏହା ସହ ଚାରୋଟି ବିଦେଶୀ ଭାଷାରେ ମଧ ଅନୁବାଦିତ ହୋଇ ବିଦେଶରେ ଲୋକଙ୍କ ଭିତରେ ଆଦୃତ ହେଲାଣି । ବାରିପଦାର ଶିରିଡି ସାଇ ମନ୍ଦିରରୁ ମଧ ଶ୍ରୀଗୁରୁ ଭାଗବତ ଗ୍ରନ୍ଥକୁ ଶ୍ରୀ ହାରିବଳଦେବ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନ କରି ଏକ ଶୋଭାଯାତ୍ରାରେ ମନ୍ଦିରକୁ ଆଣିଥିଲେ । ଏହାସହ ଭଂଜପୁରରେ ଚାଲିଥିବା ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାରେ ଭଜନ ସନ୍ଧ୍ୟା ପୂର୍ବରୁ ଶ୍ରୀଗୁରୁ ଭାଗବତ ଗାନ କରାଯାଇଥିଲା ।

# ଜନଜାଗୃତି ମଂଚର ଅଭିନବ ପ୍ରୟାସ: ରହିବ ନାହିଁ ପୁରୁଷ ଓ ମହିଳାଙ୍କ ମଧ୍ୟରେ ପ୍ରଭେଦ

ଉଦଳା, ୧୬/୧୧ (ନି.ପ୍ର): ସ୍ୱାଧିନତାର ଦିର୍ଘ ୭୬ ବର୍ଷ ପରେ ମଧ ପୁରୁଷ ଓ ମହିଳାଙ୍କ ମଧ୍ୟରେ ଦୂରତା ବିଭିନ୍ନ କ୍ଷେତ୍ରରେ ବାରି ହୋଇ ପଡୁଛି । ମହିଳା ମାନଙ୍କୁ ଆଜିବି ଅଣଦେଖା କରିବା, ତାଙ୍କର ସ୍ୱାଧିନତା ଉପରେ ହସ୍ତକ୍ଷେପ କରିବା, ତାଙ୍କର ମତାମତକୁ ସମ୍ମାନ ନଦେବା କଥା ବହୁଳ ଭାବରେ ଦେଖିବାକୁ ମିଳୁଛି । ଏହାକୁ ଦୁର କରିବା ପାଇଁ ଜନଜାଗୃତି ମଂଚ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି । ଏଥିପାଇଁ ଆଜି ନଭେମ୍ବର ୧୬ ତାରିଖ ଶନିବାର ଦିନ ଖୁଂଟାସ୍ଥିତ ଖେଳ ପଡ଼ିଆ ଠାରେ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି । ଆସନ୍ତା ୧୯ ତାରିଖ ମଙ୍ଗଳବାର ଦିନ ଜିଲ୍ଲାର ୧୩ ଗୋଟି ବ୍ଲକରୁ ୫ଶହରୁ ଉର୍ଦ୍ଧ ମହିଳା ଏହି ପଡ଼ିଆରେ ଏକତ୍ରିତ ହେବା ସହିତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପ୍ରଦର୍ଶନ କରିବାର ରହିଛି । ଏହି କାର୍ଯ୍ୟକ୍ରମ ମାଧମରେ ମହିଳା ମାନେ କୌଣସି ଗୁଣରେ ପୁରୁଷଙ୍କ ଠାରୁ କମ୍ ନୁହଁନ୍ତି ବୋଲି ସଚେତନତାର ବାର୍ତା ବଂଟାଯିବ ବୋଲି ମଂଚର ଟିମ୍ ?ଲିଡ଼ର ଗଦାଧର ଦାଶ ଜଣାଇଛନ୍ତି । ଉକ୍ତ କାର୍ଯ୍ୟକ୍ରମ ଆୟୋଜନ ପାଇଁ ମଂଚର ସଦସ୍ୟ ଗୌତମ, ନିରୁପମା, ଆରତି, ଭାରତି, ରାମାୟ, ମନାଲି, ରୁପାଏ, ରାମ, ସୋନାଲି, ସସ୍ମିତା, ଅଭିଲିପ୍ସା, ମମତା, ସାଉଁରି, କାରୁକର ପ୍ରମୁଖ ନେତୃତ୍ୱ ନେଉଛନ୍ତି ।

## କେନ୍ଦୁଝର ତେଲକୋଇ ରେଞ୍ଜରେ ଛୁଆ ହାତୀର ମୃତ୍ୟୁ

କେନ୍ଦୁଝର , ୧୬/୧୧ (ନି.ପ୍ର): କେନ୍ଦୁଝର ବନଖଣ୍ଡ ତେଲକୋଇ ରେଞ୍ଜ ବିମଳା ଫରେଷ୍ଟ ସେକ୍ସନ ଝାରବେଢା ସଂରକ୍ଷିତ ଜଙ୍ଗଲର କୁଡବିଲ ଗାଁ ନିକଟ ଦୁରନ୍ଧର ହୁଳି ନିକଟରେ ଏକ ୩ ମାସର ମାଇ ହାତୀ ଛୁଆର ମୃତ୍ୟୁ ଘଟିଛି। ଏହି ହାତୀ ପଲରେ ୩୦ରୁ ଉର୍ଦ୍ଧ ହାତୀ ଥିବା ବେଳେ ୯ଟି ଛୁଆ ହାତୀ ଥିବା ଜଣାପଡିଛି। ୪ରୁ ୫ ଦିନ ହେବ ହାତୀ ଛୁଆର ମୃତ୍ୟୁ ଘଟିଥିବା ଜଣା ପଡୁଥିବା ବେଳେ ଆଶ୍ଚର୍ଯ୍ୟ ଜନକ ଭାବେ ବନ ବିଭାଗ ନିକଟରେ କୈାଣସି ଖବର ନଥିଲା। ଶୁକ୍ରରବାର ଦିନ ପ୍ରାୟ ୨/୩ ଟା ବେଳେ ହାତୀ ଟ୍ରାକିଙ୍ଗି ଦଳ ମୃତ ହାତୀ ଛୁଆକୁ ଠାବ କରିବା ପରେ ବନଖଣ୍ଡ ଅଧିକାରୀ ଙ୍କୁ ଖବର ଦେଇଥିଲେ।

# ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ



ବଡସାହି , ୧୬/୧୧ (ନି.ପ୍ର): ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ଆଜି ପୁରୁଣା ବାରିପଦା ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ବିଧାୟକ ଭାସ୍କର ଚନ୍ଦ୍ର ମଢେଇ, ମୁଖ୍ୟ ବକ୍ତା କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ସୁବଳ ଦାସ, ସ୍ୱତନ୍ତ୍ର ଅତିଥି ବିଡିଓ ଶରତ କୁମାର ମହାନ୍ତି, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଭଗବାନ ନାୟକ, ସରପଞ୍ଚ ଭୋଳାନାଥ ସିଂ, ବ୍ଲକ ଉପାଧକ୍ଷା ରଶ୍ମିତା ଚୌଧୁରୀ ପ୍ରମୁଖ ଯୋଗ ଦେଇ ସମାଜର ସାମ୍ବାଦିକ ମାନଙ୍କର ଭୂମିକା ଓ କର୍ତ୍ତବ୍ୟ ବୋଧତା ଉପରେ ଆଲୋକପାତ କରିଥିଲେ। ପ୍ରେସ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ କୁ ଶିକ୍ଷକ ବଙ୍କିମ ଚନ୍ଦ୍ର ବାରିକ ସଞ୍ଚାଳନ କରିଥିଲେ। ଏହି ଅବସରରେ ପ୍ରେସ କ୍ଲବ ପକ୍ଷରୁ ଚଳିତ ବର୍ଷର ବ୍ଲକ ସ୍ତରରେ ଶ୍ରେଷ୍ଠ ବିବେଚିତ ହୋଇଥିବା ରାଣୀବନ୍ଧ ପଞ୍ଚାୟତର ଚମ୍ପାଗଡି କଟାଶୁଣି ସ୍ୱୟଂ ସହାୟକ ଗୋଷ୍ଠୀ କୁ ମାନପତ୍ର ଓ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳକଣ୍ଠ ବିନ୍ଧାଣୀ, ପ୍ରେସ କ୍ଲବର ସଦସ୍ୟ ହିରେନ ରାୟ, ଶାନ୍ତନୁ କୁମାର ମଡୁଆଲ, ଦୀପକ କୁମାର ଚୌଧୁରୀ, ସମ୍ପିତ ରାଉତ, ବିଶ୍ୱଜିତ ଦାଶ, ଯୋଗେଶ୍ୱର ସାହୁ, ଜୟନ୍ତ କୁମାର ସ, ଡ଼କ୍ଟର କୁମାର ବାବୁଲି, ସୂର୍ଯ୍ୟକାନ୍ତି ପୂହାଣ, ମାଣିକ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା ରେ ସହଯୋଗ କରିଥିଲେ।

# ନୂତନ ମତଦାତାଙ୍କୁ ସଚେତନ କରିବା ଲାଗି ଗଡ଼ିଲା ସଚେତନତା ରଥ



ବାଲେଶ୍ୱର, ୧୬/୧୧ (ନି.ପ୍ର): ଅଠର ବର୍ଷର କିଶୋର କିଶୋରୀ ମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବା ଓ ଭୋଟ ପରିଚୟପତ୍ରରେ ଥିବା ତ୍ରୁଟିଗୁଡିକୁ ସଂଶୋଧନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଆଜି ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଏକ ସଚେତନତା ରଥ ବାଲେଶ୍ୱର ସହର ଓ ଆଖପାଖ ପଞ୍ଚାୟତରେ ଗଡ଼ିବା ଆରମ୍ଭ କରିଛି । ବାଲେଶ୍ୱର କଲେକ୍ଟୋରେଟ୍ ଠାରେ ଅପରାହ୍ନ ଘ. ୨ ଟା ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ରଥକୁ ପତାକା ଦେଖାଇ ଗଡିବାକୁ ଅନୁମତି ଦେଇଥିଲେ ଓ ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର (ନିର୍ବାଚନ) ଶ୍ରୀମତୀ ରାଇମତ ଟୁଡୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁଶ୍ରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି ଖୁଦପୁଟୁଳିର 'ସାନଗି' ଓ 'ବାଜୁରାମ'



ଉଦଳା, ୧୬/୧୧ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ଖୁଦପୁଟୁଳି ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ହିନ୍ଦୁ ସିଂଙ୍କ ୭ ବର୍ଷ ବୟସର ପୁତ୍ର 'ସାନଗି' ଓ ସ୍ୱର୍ଗତଃ ଫାଗୁ ସିଂଙ୍କର ୮ ବର୍ଷ ବୟସର ପୁତ୍ର 'ବାଜୁରାମ' ଆଦୌ ବିଦ୍ୟାଳୟର ମାଟି ମାଡ଼ିପାରି ନଥିବାର ଜଣାଯାଇଛି । ଖବର ନେବାରୁ ଜଣାଯାଇଛି ଉକ୍ତ ୨ ପିଲାଙ୍କର ଆଧାର କାର୍ଡ଼ ନଥିବାରୁ ତାଙ୍କୁ କୌଣସି ବିଦ୍ୟାଳୟ ଆଡ଼ମିସନ ନେଇ ନାହାଁନ୍ତି । ଏହା ପରିବାରର ଲୋକେ ଗଣମାଧମକୁ ଜଣାଇଛନ୍ତି । ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧତା ମୂଳକ ଶିକ୍ଷା ସହିତ ନାମ ଲେଖା କ୍ଷେତ୍ରରେ ଆଧାର ବାଧତା ମୂଳକ ନୁହେଁ ବୋଲି ସରକାରୀ କଳ ଢ଼ୋଲ ପିଟି ଚାଲିଛି । କିନ୍ତୁ ବିଭିନ୍ନ କାରଣରୁ ବର୍ତମାନ ମଧ ଶହ ଶହ ସଂଖ୍ୟାରେ ପିଲା ବିଦ୍ୟାଳୟ ବାହାରେ ଅଛନ୍ତି । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର ବିଷୟ ଏଠାରେ ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥା କାର୍ଯ୍ୟକରୁଥିଲେ ମଧ ବାଛି ବାଛି କରି ଶହ ଶହ ସଂଖ୍ୟାରେ କେବଳ ଆଦିବାସି ପିଲା ଅଧାରୁ ପାଠପଢ଼ା ଛାଡ଼ିବା ଓ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏହା ଅତ୍ୟନ୍ତ ଦୁଃଦାୟକ ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ




ଭଦ୍ରକ, ୧୬/୧୧ (ନି.ପ୍ର): ପ୍ରତିବର୍ଷ ନଭେମ୍ବର ୧୬ ତାରିଖରେ ପାଳିତ ହୋଇ ଆସୁଥିବା ଜାତୀୟ ପ୍ରେସ ଦିବସକୁ ଭଦ୍ରକ ଜିଲ୍ଲାସ୍ତରରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପାଳନ କରାଯାଇଛି । ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ନିକଟ ଅତୀତରେ ଭଦ୍ରକ ଜିଲ୍ଲାରେ ଘଟିଯାଇଥିବା ବାତ୍ୟା 'ଦାନା' ଓ ତତ୍‌ପରବର୍ତ୍ତୀ ବନ୍ୟା ଜନିତ ପରିସ୍ଥିତିରେ ସାମ୍ବାଦିକମାନେ ପ୍ରଶାସନକୁ ସଚେତନ ଓ ସହଯୋଗ କରିବା ସହିତ ପ୍ରଶାସନର ଅପହଞ୍ଚ ଇଲାକା ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ଭଳି ସମାଜ କଲ୍ୟାଣ ଆଭିମୁଖ୍ୟର ଅନୁଭବ ଆଧାରିତ ଉଦାହରଣ ପ୍ରଦାନ ପୂର୍ବକ ଜିଲ୍ଲାପାଳ ଗଣତନ୍ତ୍ର ପାଇଁ ଗଣମାଧମର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଜାତୀୟ ପ୍ରେସ୍ ଦିବସ ପାଳନ ଉପଲକ୍ଷେ ନିର୍ଦ୍ଧାରିତ ଥିବା ବିଷୟ ଗଣମାଧମର ପରିବର୍ତ୍ତନଶୀଳ ସ୍ୱରୂପ ଶୀର୍ଷକ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ପ୍ରକାଶ କରିଥିଲେ କି ସମୟ ଓ ଜ୍ଞାନ କୌଶଳ ସହିତ ତାଳ ଦେଇ ଗଣ ମାଧମର ପରିବର୍ତ୍ତିତ ସ୍ୱରୂପ ଯେପରି ସୋପାନ ପରେ ସୋପାନ ଅତିକ୍ରମ କରିଚାଲିଛି ଗଣ ମାଧମ ପ୍ରତିନିଧିମାନେ ମଧ ତାହା ସହ ତାଳଦେଇ ନିଷ୍ଠାର ସହ ସ୍ୱଚ୍ଛତା, ନିରପେକ୍ଷତା ଅବଲମ୍ବନ ପୂର୍ବକ ନିଜର ପେଷାଗତ ଦକ୍ଷତାକୁ ପରିବର୍ତ୍ତନଶୀଳ କରାଇପାରିଲେ ଗଣମାଧମର ମହାନ ଆଭିମୁଖ୍ୟ ସମାଜ ସେବା ଓ ମାନବିକତା ନୀତିର ପ୍ରକୃତ ପ୍ରତିଫଳନ ହୋଇପାରିବ । ଅନ୍ୟତମ ସମ୍ମାନିତ ଅତିଥିଭାବେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ନନ୍ଦ ଦୁଲାଲ ଦାସ, ରବିନାରାୟଣ ଖିଲାର, ଜ୍ଞାନ ପ୍ରକାଶ ପାଣି, ଶ୍ରୀକାନ୍ତ ତ୍ରିପାଠୀ, ପ୍ରିୟଦର୍ଶନ ଶୁଭବ୍ରତ ବୋଇତି, ଉମାକଲ୍ୟାଣ ମହାପାତ୍ର, ପାର୍ଥ ସାରଥୀ ନାୟକ, ଶିବାନନ୍ଦ ଦାସ ପ୍ରମୁଖ ଯୋଗ ଦେଇ ପ୍ରଦତ୍ତ ଆଲୋଚ୍ୟ ବିଷୟ ସମ୍ବନ୍ଧରେ ଆଲୋଚନା କରି ଗଣ ମାଧମର ପରିବର୍ତ୍ତନଶୀଳ ସ୍ୱରୂପର ସୁପ୍ରଭାବିତ ପ୍ରତିଛବି ଦେଖିବାକୁ ହେଲେ ସାମ୍ବାଦିକ ବୃତ୍ତିରେ, ମାନସିକତାରେ ମଧ ଆବଶ୍ୟକ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ଅଧିକାରୀ ସୁବାସ ଚନ୍ଦ୍ର ନାୟକ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲା ଓ ବ୍ଲକରୁ ସାମ୍ବାଦିକମାନେ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ, ରମେଶ ଚନ୍ଦ୍ର ମଲ୍ଲିକ୍, ପ୍ରଦୀପ କୁମାର ମହାପାତ୍ର, ଅକ୍ଷୟ କୁମାର ବଳ ପ୍ରମୁଖ ମଧ ବକ୍ତବ୍ୟ ଜରିଆରେ ନିଜର ମତାମତ ପ୍ରକାଶ କରିଥିଲେ ।

## ଛପୋଲିଆ ନିକଟରେ ବାଇକ ଧକ୍କାରେ ଜଣେ ମୃତ

ସୋର, ୧୬/୧୧ (ନି.ପ୍ର): ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ବାଲେଶ୍ୱର ସଦର ଥାନା ଅଧିନ ପାରିକୁଳ ଗ୍ରାମର ବିଜୟ କୁମାର ଜେନା ବାଲେଶ୍ୱରରେ ଏକ ଇଲେଟ୍ରୋନିକ ଡ଼ିଷ୍ଟିବ୍ୟୁଟର ଙ୍କ ନିକଟରେ କାମ କରନ୍ତି। ଆଜି ମଧ୍ୟାହ୍ନରେ ବାଲେଶ୍ୱରରୁ କିଛି ସାମଗ୍ରୀ ନେଇ ଏକ ବାଇକ ଯୋଗେ ଖଇରା ଅଭିମୁଖେ ଯାଉଥିଲେ। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଛପୋଲିଆ ନିକଟରେ ଏକ ଟ୍ରକ ତାଙ୍କୁ ଧକା ଦେଇ ଫେରାର ହୋଇଯାଇଥିଲେ। ଦୁର୍ଘଟଣାରେ ବିଜୟଙ୍କ ମୁଣ୍ଡରେ ଗାଡିର ଚକ ଚଢିଯାଇଥିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପୁଲିସ ବିଜୟଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ଡକ୍ଟରଖାନାକୁ ନେବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗଣ୍ଡିବେଡରେ ବୋଇତ ବନ୍ଦାଣ ଉତ୍ସବ



ଖଇରା, ୧୬/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଲଙ୍କେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ସନ୍ଧ୍ୟାରେ ବୋଇତବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଆଞ୍ଚଳିକ ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଡ ମଦନମୋହନ ମହଲା ସଭାପତିତ୍ୱ କରିଥିଲେ । ସୁନାମଧନ୍ୟ ପ୍ରବଚକ ବିରେନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ପ୍ରାଧ୍ୟାପକ ଡ ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା, ଭାଜପା ରାଜ୍ୟ ଯୁବମୋର୍ଚ୍ଚା କୋଷାଧକ୍ଷ ଇଂ ରାଜେଶ ମହାକୁଡ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ ଓ ଉପସଭାପତି ଅଭିମନ୍ୟୁ ରାଉଳ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଗଣ୍ଡିବେଡ ହାଇସ୍କୁଲରେ ପୁରାତନ ଛାତ୍ର ସଂସଦ ଦ୍ୱାରା ଆୟୋଜିତ କୁଇଜ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ର ଭବାନୀ ଶଙ୍କର ସାହୁ, ଜ୍ଞାନରଞ୍ଜନ ବେହେରା, ରଶ୍ମିରଞ୍ଜନ ମଣ୍ଡଳ, ଆଶୁତୋଷ ଦାସ, ସ୍ୱୟଂ ସମୀକ୍ଷା ମହାନ୍ତି, ପ୍ରିତମ ମିଶ୍ର ଓ ରୋହିତ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ସୁବାଷ ପ୍ରଧାନ, ପୁରସ୍ତମ ମହାନ୍ତି, ସଦାଶିବ ଆଚାର୍ଯ୍ୟ, ମଧୁସୂଦନ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଝୋଟି ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ବାଲେଶ୍ୱର, ୧୬/୧୧ (ନି.ପ୍ର): ନୃତ୍ୟ ସଂଗୀତ କଳା ମନ୍ଦିର ଠାରେ ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ତରଫରୁ ୧୧ତମ ଝୋଟି ମହୋତ୍ସବ ଆଗାମୀ ଡିସେମ୍ବର ୧୯ତାରିଖରେ ଅନୁଷ୍ଠିତ ହେବାର ପ୍ରସ୍ତୁତି ବୈଠକ ହୋଇଯାଇଅଛି । ଏଥିରେ ସଭାପତିତ୍ୱ କରିଥିଲେ ପ୍ରତିଷ୍ଠାନର ସଭନେତ୍ରୀ ଅଞ୍ଜଳି ପଣ୍ଡା । ପ୍ରଥମେ ସାଧାରଣ ସମ୍ପାଦିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ପୂର୍ବ ବୈଠକର ବିବରିଣୀ ପାଠ କରି ଅନୁଷ୍ଠାନ ର ଅଭିମୁଖ୍ୟ ବିଷୟରେ ଜଣାଇବା ସହିତ ଆଗାମୀ ଦିନରେ ଏହାକୁ କେମିତି ପାଳନ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟ ଉପଦେଷ୍ଟା ଶ୍ରୀ କେଶୁ ଦାସ ପ୍ରସ୍ତାବ ରଖିଥିଲେ ଏହାକୁ କେମିତି ପାଳନ କରି ଉତ୍କଳୀୟ ପରମ୍ପରାକୁ ରକ୍ଷକ୍ଷକରିବା ସହିତ ଭବିଷ୍ୟତ ପିଢ଼ି ଏହାକୁ ରକ୍ଷା କରିବେ ତାହା ଉପରେ ଆଲୋକପାତ କରିଥିଲେ । ସର୍ବ ସମ୍ମତକ୍ରମେ ସିଦ୍ଧାନ୍ତ ଗ୍ରହଣ କରାଗଲା ଯେ ଏଥର ନସି ବିଜନେସ ପାର୍କ ଠାରେ ଏହାକୁ ପାଳନ କରା ନ ଯାଇ ବାଲେଶ୍ୱର ସହରର ରାସ୍ତାରେ କରିବାର ପାଇଁ ଜିଲ୍ଲାପାଳ ଓ ଏସ. ପିଙ୍କ ସହିତ ସାକ୍ଷାତରେ ଆଲୋଚନା କରିବା ପାଇଁ ଧାର୍ଯ୍ୟ କରାଗଲା । ଏହି ସଭାରେ ସୁଧାକର ସେଠି, ସସ୍ମିତା ମିଶ୍ର, ମିନତୀ ସେଠି, ରାଜଲକ୍ଷ୍ମୀ ଚାଟାର୍ଜୀ , ପୁଷ୍ପା ଚଟର୍ଜୀ, ଶାନ୍ତିଲତା ପଣ୍ଡା, ସଂଗୀତା ପଣ୍ଡା ଓ ଅନେକ ସଦସ୍ୟକ୍ଷ ଉପସ୍ଥିତ ଥିଲେ । ସର୍ବଶେଷରେ ସୁନା ମଣି ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo